

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୦ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 August 2026

Vol.No. 36 ■ No.218 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଓଡ଼ିଶାର ୩ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ର ଅନୁମୋଦନ ମିଳିଛି। ଏହିସବୁ ପ୍ରକଳ୍ପ ପାଇଁ ୯.୪୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶାକୁ କଭର କରୁଥିବା ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପଗୁଡ଼ିକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ରାଜ୍ୟର ରେଳ ଭିତିଭୂମି ଏବଂ ସଂଯୋଗୀକରଣକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପଗୁଡ଼ିକ ରେଳ କ୍ଷମତା ବୃଦ୍ଧି କରିବ, ଯାତ୍ରୀ ଏବଂ ସାମଗ୍ରୀର ପରିବହନରେ ଉନ୍ନତି ଆଣିବ, ପ୍ରମୁଖ ଅର୍ଥନୈତିକ କେନ୍ଦ୍ରଗୁଡ଼ିକ ସହିତ ସଂଯୋଗୀକରଣକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ନିରନ୍ତର ଅଭିବୃଦ୍ଧି ଏବଂ ବିକାଶକୁ ସମର୍ଥନ କରିବ। ଓଡ଼ିଶାର ରେଳ ନେଟୱାର୍କକୁ ସୁଦୃଢ଼ କରିବା ଏବଂ ରାଜ୍ୟର ଭିତିଭୂମି ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଏବଂ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଜୀଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ଏବଂ ପ୍ରତିବଦ୍ଧତା ପାଇଁ ମୁଁ ଆନ୍ତରିକ ଭାବରେ ଧନ୍ୟବାଦ ଜଣାଉଛି।

# ନିଟ୍ ପରୀକ୍ଷା ପାଇଁ ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ: ହେରଫେର୍ କରିବା କଷ୍ଟକର



ନୂଆଦିଲ୍ଲୀ,୧୯/୮ : କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ନିଟ୍-ୟୁଜି ପରୀକ୍ଷା ପରିଚାଳନା ପାଇଁ ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ। ଏଥିରେ ହେରଫେର୍ କରିବା କଷ୍ଟକର। ତେବେ ସରକାର ଏହା ସ୍ୱୀକାର କରିଛନ୍ତି ଯେ ଏହି ପ୍ରକ୍ରିୟାରେ ମାନବୀୟ ହସ୍ତକ୍ଷେପ ମଧ୍ୟ ଜଡିତ। ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ପ୍ରଶ୍ନପତ୍ର କିପରି ଚୟନ କରାଯାଏ ତାହା ବୁଝାଇଥିଲେ। ୧୦୦ଟି ପ୍ରଶ୍ନ ସହିତ ଏକ ପଦାର୍ଥ ବିଜ୍ଞାନ ପତ୍ରର ଉଦାହରଣ ଦେଇ, ମେହେଟ୍ଟା ପ୍ରକ୍ରିୟା ବ୍ୟାଖ୍ୟା କରିଥିଲେ। ଅନେକ ମୋଡରେଟର ଗୋଷ୍ଠୀ ପ୍ରଥମେ ୫୦୦ଟି ପ୍ରଶ୍ନର ଏକ ବ୍ୟାଙ୍କ ତିଆରି କରନ୍ତି। ବ୍ୟାଙ୍କରୁ, ଅନ୍ୟ ମୋଡରେଟରମାନେ ପ୍ରତ୍ୟେକ ୧୦୦ ଟି ପ୍ରଶ୍ନ ଚୟନ କରନ୍ତି ଏବଂ ୪ ଟି ଭିନ୍ନ ଭିନ୍ନ ପ୍ରଶ୍ନପତ୍ର ପ୍ରସ୍ତୁତ କରନ୍ତି। ଏହା ପରେ, ଏନଟିଏର ମହାନିର୍ଦ୍ଦେଶକ ସେହି ଚାରୋଟି ପେପରରୁ ଦୁଇଟି ପେପର ଚୟନ କରନ୍ତି। ତା'ପରେ ପେପରକୁ ସିଲଡ୍ ବାକ୍ସରେ ସିସିଟିଭି ଏବଂ ସିଆଇଏସଏଫ ସୁରକ୍ଷାରେ ଦୁଇଟି ଭିନ୍ନ ପ୍ରିଣ୍ଟିଂ ପ୍ରେସ୍‌କୁ ପଠାଯାଏ। ବାକ୍ସର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ପାଖରେ ଏକ ଡିଜିଟାଲ୍ ଚାବି ଥାଏ। ପ୍ରିଣ୍ଟିଂ ପ୍ରେସ୍ ମାଲିକ ଏନଟିଏ ମହାନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରି କୋଡ୍ ପାଇଲେ ହିଁ ବାକ୍ସଟି ଖୋଲାଯାଇ ପାରିଥାଏ। ବାକ୍ସଟି ଖୋଲିବା ପରେ,କୌଣସି ବାହାର ବ୍ୟକ୍ତିଙ୍କୁ ପ୍ରିଣ୍ଟିଂ ପ୍ରେସ୍ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଏ ନାହିଁ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇଥାଏ। ମୁଦ୍ରଣାଳୟରେ କଡ଼ା ସୁରକ୍ଷା ଏବଂ ଗୋପନୀୟତା ବଜାୟ ରଖାଯାଇଥାଏ। ପ୍ରିଣ୍ଟିଂ ପ୍ରେସ୍ କର୍ମଚାରୀମାନେ ମଧ୍ୟ ଜାଣି ନଥାନ୍ତି ପ୍ରଶ୍ନପତ୍ର କେଉଁ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ପ୍ରଶ୍ନପତ୍ର ଏବଂ ଓଏମଆର ସିଟ୍ ଏକ ସିଲ୍ ଲଫାପାରେ ରଖାଯାଇଥାଏ। ଲଫାଫା ଖୋଲିବା ପାଇଁ ସିଲ୍ ଭାଙ୍ଗିବାକୁ ପଡିଥାଏ ବୋଲି ମେହେଟ୍ଟା କହିଛନ୍ତି।

## ଏସ୍‌ସିବି ମେଡିକାଲ୍ କଲେଜକୁ ନେଇ ବଡ଼ ନିଷ୍ପତ୍ତି: ଡିସେମ୍ବରରେ ନୂଆ ବିଲ୍ଡିଂ ଉଦ୍‌ଘାଟନ



ଭୁବନେଶ୍ୱର, ୧୯/୮ (ନି.ପ୍ର): କଟକ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲର ବିକାଶକୁ ନେଇ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏସ୍‌ସିବିର ବିଭିନ୍ନ ନିର୍ମାଣ କାମର ଅଗ୍ରଗତି ଓ ରୋଗୀ ସେବାରେ ଉନ୍ନତି ଆଣିବା ନେଇ ଆଲୋଚନା ହୋଇଛି । ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଏସ୍‌ସିବିର ନୂଆ ବିଲ୍ଡିଂ ନିର୍ମାଣ କାମର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି । ଆସନ୍ତା ଡିସେମ୍ବରରେ ନୂଆ ବିଲ୍ଡିଂର ଉଦ୍‌ଘାଟନ କରାଯିବା ସହ ଜାନୁଆରୀରୁ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ରୋଗୀ ସେବା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି । ସେହିପରି ଏସ୍‌ସିବିର ଦ୍ୱିତୀୟ କ୍ୟାମ୍ପସରେ ଏକ ନୂଆ ସ୍ୱତନ୍ତ୍ର ମେଡିସିନ୍ ବିଭାଗୀୟ କୋଠା ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଛି । ପାର୍କିଂ ସୁବିଧା ସହ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଆବଶ୍ୟକ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ଉପରେ ମଧ ସମୀକ୍ଷା କରାଯାଇଛି । ପୁରୁଣା କୋଠା ସହ ନୂଆ ମେଡିସିନ୍ ବିଭାଗୀୟ କୋଠା ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ କରାଯିବ । ଡିପିଆର ପ୍ରସ୍ତୁତ ହେବା ପରେ ଖୁବ୍‌ଶୀଘ୍ର ପୁଣି ଏକ ସମୀକ୍ଷା ବୈଠକ ବସିବ ବୋଲି ଜଣାପଡ଼ିଛି । ଏହାସହ ଚଳିତ ଡିସେମ୍ବର ସୁଦ୍ଧା କ୍ଲିନିକାଲ୍ ବିଲ୍ଡିଂର ନିର୍ମାଣ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ପୂର୍ବତନ ଡିଜିପି ୱାଇବି ଖୁରାନିଆ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଆଜି ଲୋକଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି ପୂର୍ବତନ ଡିଜିପି ୱାଇବି ଖୁରାନିଆ। ଏହି ଅବସରରେ ରାଜ୍ୟପାଳ ଓଡ଼ିଶା ପ୍ରତି ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ପ୍ରଶଂସା କରିବା ସହ ତାଙ୍କର ନିରନ୍ତର ସୁସ୍ଥତା ଓ ମଙ୍ଗଳମୟ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

## ରାଜ୍ୟରେ ବଦଳିଛି ରାଜନୈତିକ ସମୀକରଣ: ବିରୋଧୀଙ୍କ ପାଖରେ ମାଲମାଲ ପ୍ରସଙ୍ଗ, ହେଲେ ଫାଇଦା ଉଠାଇ ପାରୁନି କଂଗ୍ରେସ



ଭୁବନେଶ୍ୱର, ୧୯/୮ (ନି.ପ୍ର): ରାଜ୍ୟରେ ଗୋଟିଏ ପରେ ଗୋଟିଏ ବଡ଼ ପ୍ରସଙ୍ଗ। ରାଜନୈତିକ ମାହୋଲ ପୁରା ଗରମ । ସରକାରକୁ ଘେରିବା ପାଇଁ ବିରୋଧୀଙ୍କ ହାତରେ ମୁଦ୍ଦା ବି କମ୍ ନାହିଁ। ହେଲେ ଏହି ସବୁ ପ୍ରସଙ୍ଗରେ ବିରୋଧୀ ଦଳ କେଉଁଠି ? ଖଣିଠୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ କିନ୍ତୁ କଂଗ୍ରେସର ସ୍ୱର ଯେମିତି ଶୁଭିବା କଥା ସେମିତି ଶୁଭୁନାହିଁ। କେବଳ କିଛି ଜିଲ୍ଲା ଓ ସୀମିତ କାର୍ଯ୍ୟକ୍ରମ ଭିତରେ ସୀମିତ ହୋଇ ରହିଛି କଂଗ୍ରେସର ବିରୋଧ। ରାଜ୍ୟରେ ସରକାର ବଦଳିଛି। ରାଜନୈତିକ ସମୀକରଣ ବଦଳିଛି । ବିରୋଧୀ ଦଳ ଭାବେ ନିଜକୁ ମଜବୁତ କରିବାର ସୁଯୋଗ ମଧ କଂଗ୍ରେସ ହାତରେ ରହିଛି। କିନ୍ତୁ ସେହି ସୁଯୋଗକୁ ଦଳ କେତେ ଦୂର ଉପଯୋଗ କରିପାରୁଛି ସେ ନେଇ ଉଠିଲାଣି ପ୍ରଶ୍ନ ? ରାଜ୍ୟ ରାଜନୀତିରେ ଯେତେବେଳେ ବଡ଼ ବଡ଼ ପ୍ରସଙ୍ଗ ଉଠୁଛି, ସେତେବେଳେ ବିରୋଧୀ ଭୂମିକାରେ କଂଗ୍ରେସର ସ୍ୱର ଶାଣିତ ହେଉନି। ବହି ତ୍ରୁଟି ଦୁର୍ନୀତି ଠାରୁ ଆରମ୍ଭ କରି ଖଣି ଏମ୍‌ଏମ୍‌ଡିଆର ବିଲ୍ ଭଳି ବଡ଼ ପ୍ରସଙ୍ଗ ଥିବା ସତ୍ତ୍ୱେ କଂଗ୍ରେସ ତାହାର ◆◆ପୃଷ୍ଠା ୭

## ସୁପ୍ରିମକୋର୍ଟଙ୍କ ଝଟକା ପରେ ଅଟକିଛି ଡିଜି ଚୟନ ପ୍ରକ୍ରିୟା: ସେପ୍ଟେମ୍ବର ୨ ଶୁଣାଣି ଉପରେ ନଜର




ଭୁବନେଶ୍ୱର, ୧୯/୮ (ନି.ପ୍ର): ଜଟିଳ ହେଲା ଓଡ଼ିଶା ଡିଜିପ ନିଯୁକ୍ତି ମାମଲା ଓ ପୁରୁଣା ଡ଼ିଜିପି ଅବସର ନେଲେ, କାମଚଳା ଡିଜିରେ ଓଡିଶା ଚାଲିଛି ଓ ଏବେବି ଓଡ଼ିଶା ପାଇ ପାରିଲାନି ନୂଆ ଡିଜିପି ଓ କିଏ ହେବେ ନୂଆ ପୋଲିସ ଡିଜି ? ଏହି ପ୍ରଶ୍ନର ଉତ୍ତର ଏବେ ଆହୁରି ଜଟିଳ। ଡିଜିପ ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲାର ଶୁଣାଣି ସେପ୍ଟେମ୍ବର୨କୁ ଘୁଞ୍ଚିଛି। ଗତକାଲି ରାଜ୍ୟ ସରକାର ନିଜର ଜବାବ ଦାଖଲ କରିଥିବା କହିଥିଲେ ମଧ, କୋର୍ଟ ତାହାକୁ ରେକର୍ଡରେ ଯାଞ୍ଚ କରିବା ପରେ ମାମଲାକୁ ଆଗକୁ ବଢ଼ାଇବାକୁ ଚାହିଁଛନ୍ତି। ସୁପ୍ରିମକୋର୍ଟରୁ ଝଟକା ପରେ ଝଟକା ଖାଇ ସରକାର କାଠଗଡାରେ ଫସିଛନ୍ତି ଓ ଆଉ ଡିଜିପ ଚୟନର ପ୍ରକ୍ରିୟା ଘୁଂଚି ଘୁଞ୍ଚି ଚାଲିଛି ଓ ସରକାର ନିଜର ସତ୍ୟପାଠ ଦାଖଲ ପରେ ପୁଣି ସେପଟ୍ମେର ୨କୁ ଘୁଞ୍ଚିଛି କୋର୍ଟଙ୍କ ଶୁଣାଣି ଓ ଆଉ ପ୍ରଥମ ଥର ପାଇଁ ସରକାରଙ୍କୁ ଡିଜିପି ଚୟନ ପାଇଁ ଅପଦସ୍ତ ହେବାକୁ ପଡିଛି ଓ ଜଟିଳ ହୋଇ ପଡିଛି ଡିଜିପି ନିଯୁକ୍ତି ଓ ଆବେଦନକାରୀଙ୍କ ଅଭିଯୋଗ ପୂର୍ବରୁ ୟୁପିଏସସିକୁ ପଠାଯାଇଥିବା ପ୍ୟାନେଲ୍‌କୁ ରାଜ୍ୟ ପ୍ରତ୍ୟାହାର କରିଥିଲା ପରେ ଜଣେ ଏଡିଜିପିଙ୍କୁ ପଦୋନ୍ନତି ଦେଇ ନୂଆ ପ୍ୟାନେଲ୍‌ରେ ସାମିଲ କରିବାର ଚେଷ୍ଟା ◆◆ପୃଷ୍ଠା ୭

## ଏମଏମଡିଆର ବିଲକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ନବୀନ ପଟ୍ଟନାୟକ: ଜବାବ ରଖିଲେ ଖଣିମନ୍ତ୍ରୀ





ଭୁବନେଶ୍ୱର, ୧୯/୮ (ନି.ପ୍ର): ଓଡ଼ିଶାର ଖଣି ସମ୍ପଦ ଉପରେ କେନ୍ଦ୍ରର ପ୍ରହାର। ରାଜ୍ୟର ହକ୍ ଏବଂ ଅଧିକାରକୁ ନେଇ ପୁଣି ଥରେ ତେଜିଛି ରାଜନୀତି। ସଂସଦର ମୌସୁମୀ ଅଧିବେଶନରେ ପାରିତ 'ଖଣି ଓ ଖଣିଜ ବିକାଶ ଓ ନିୟାମକ' ସଂଶୋଧନ ବିଲ୍‌କୁ ନେଇ ଆରମ୍ଭ ହୋଇଛି ପ୍ରବଳ ଜନଅସନ୍ତୋଷ। ସଂସଦର ମୌସୁମୀ ଅଧିବେଶନରେ ପାରିତ ହୋଇଥିବା ୧୨ଟି ବିଲ୍ ମଧ୍ୟରୁ ସବୁଠାରୁ ଚର୍ଚ୍ଚାରେ 'ଖଣି ଓ ଖଣିଜ ବିକାଶ ଓ ନିୟାମକ' ସଂଶୋଧନ ବିଲ୍। ଅଭିଯୋଗ ହେଉଛି, ଏହି ଆଇନ କାର୍ଯ୍ୟକାରୀ ହେଲେ ରାଜ୍ୟ ପାଉଥିବା ୧୪ ପ୍ରକାରର ଟିକସ, ଲେଭି ଏବଂ ରୟାଲଟି ହାତଛଡ଼ା ହେବ। ଯାହା ଫଳରେ ଖଣି ଅଂଚଳର ବିକାଶ ପାଇଁ ଆସୁଥିବା ପାଣ୍ଠିର ପରିମାଣ କମିବ। ସେହି ପାଣ୍ଠିରେ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଅନ୍ୟାନ୍ୟ ବିକାଶ ମୂଳମ କାର୍ଯ୍ୟ ପ୍ରଭାବିତ ହେବ। ତେଣୁ ଏହାକୁ ନେଇ ବଢ଼ିବାରେ ଲାଗିଲାଣି ଅସନ୍ତୋଷ। ◆◆ପୃଷ୍ଠା ୭

## ଦିଲ୍ଲୀ ଜଳ ବୋର୍ଡ ଦୁର୍ନୀତି ମାମଲା: ସତ୍ୟେନ୍ଦ୍ର ଜୈନଙ୍କ ଅଡୁଆ ବଢ଼ିଲା, ୧୪ ଦିନିଆ ନ୍ୟାୟିକ ହାଜତ ଆବେଦନ

ନୂଆଦିଲ୍ଲୀ,୧୯/୮ : ଦିଲ୍ଲୀ ଜଳ ବୋର୍ଡ ଦୁର୍ନୀତି ମାମଲାରେ ପୂର୍ବତନ ମନ୍ତ୍ରୀ ତଥା ଆପ୍ ନେତା ସତ୍ୟେନ୍ଦ୍ର ଜୈନଙ୍କ ଅଡୁଆ ବଢ଼ିଛି । ମାମଲାରେ ଆଣ୍ଟି-କରପ୍ସନ ବ୍ରାଞ୍ଚ ବା ଏସିବି ତାଙ୍କୁ ଗିରଫ କରିବା ପରେ ଆଜି ସ୍ୱତନ୍ତ୍ର କୋର୍ଟରେ ହାଜର କରିଛି । ଏସିବି ପକ୍ଷରୁ ସତ୍ୟେନ୍ଦ୍ର ଜୈନଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ୧୪ ଦିନିଆ ନ୍ୟାୟିକ ହାଜତରେ ପଠାଇବାକୁ ଆବେଦନ କରାଯାଇଛି। ମାମଲାର ଶୁଣାଣି ପରେ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି । ଦିଲ୍ଲୀ ଜଳ ବୋର୍ଡର ସ୍ୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ବା ଏସ୍‌ଟିପିର ଅଗ୍ରଗତି ଓ ଅପଗ୍ରେଡେସନ୍ ପ୍ରକଳ୍ପର ଟେଣ୍ଡରକୁ ନେଇ ଏହି ମାମଲା ରୁଜୁ ହୋଇଥିଲା । ଏସିବି ପକ୍ଷରୁ ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ, ଦିଲ୍ଲୀ ଜଳ ବୋର୍ଡର ପୂର୍ବତନ ସିଇଓ ଉଦିତ ପ୍ରକାଶ ରାଏଙ୍କ ସମେତ ଅନ୍ୟ ତିନି ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟପଟେ ଗିରଫଦାରୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସତ୍ୟେନ୍ଦ୍ର ଜୈନଙ୍କ ଓକିଲ । ୨୦୨୪ ମେ' ୧୦ ତାରିଖରେ ଏଫ୍‌ଆଇଆର୍ ରୁଜୁ ହୋଇଥିବା ବେଳେ ଏତେ ଦିନ ପରେ ହଠାତ୍ ଗିରଫ କରାଯିବା ପଛରେ କଣ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଗିରଫଦାରୀ ପାଇଁ ଠୋସ୍ ପ୍ରମାଣ ନଥିବା ଦାବି କରି ଆଗକୁ ଜାମିନ ଆବେଦନ କରାଯିବ ବୋଲି ଜୈନଙ୍କ ଓକିଲ କହିଛନ୍ତି । ସୂଚନା ଅନୁସାରେ, ଏସ୍‌ଟିପି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା, ଟେଣ୍ଡର ସର୍ତ୍ତାବଳୀରେ ପରିବର୍ତ୍ତନ ଏବଂ ଆପରାଧିକ ଷଡ଼ଯନ୍ତ୍ର ଭଳି ଅଭିଯୋଗ ଆଧାରରେ ୨୦୨୪ ମେ' ମାସରେ ମାମଲା ରୁଜୁ ହୋଇଥିଲା ।

## ହର୍ମୁଜ୍ ଉପରେ ଟ୍ରମ୍ପଙ୍କ ଦାବିକୁ ପରିହାସ କଲା ଇରାନ




ନୂଆଦିଲ୍ଲୀ,୧୯/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହର୍ମୁଜ ପ୍ରଣାଳୀ ଉପରେ ଦାବି ପରେ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ସେ ଏହି ଗୁରୁତ୍ୱପୂର୍ଣ୍ଣ ପଥକୁ ନୂତନ ଆମେରିକା ଅଞ୍ଚଳ ଭାବରେ ଘୋଷଣା କରିଛନ୍ତି। ତାଙ୍କ ମନ୍ତବ୍ୟ ପରେ ଇରାନ ପକ୍ଷରୁ ତୀବ୍ର ଏବଂ କଠୋର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇରାନର ସର୍ବୋଚ୍ଚ ସୁରକ୍ଷା ପରିଷଦର ନୂତନ ସଚିବ ମୋହସେନ ରେଜାଇ ଟ୍ରମ୍ପଙ୍କ ଘୋଷଣାକୁ ଖୋଲାଖୋଲି ଭାବରେ ପରିହାସ କରି କହିଛନ୍ତି ଯେ ଏହି ରଣନୈତିକ ସମୁଦ୍ର ମାର୍ଗକୁ ପୁନଃ ଖୋଲିବାରେ ୱାସିଂଟନର ବିଫଳତା ଏବଂ ଏହା ଉପରେ ନିଜର କର୍ତ୍ତୃତ୍ୱର ଦାବି ମଧ୍ୟରେ ପାର୍ଥକ୍ୟ ୭ ହଜାର ମାଇଲ ଦୂରତା ଅପେକ୍ଷା ବହୁତ ଅଧିକ। ରେଜାଇ ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ସହିତ ବିଶ୍ୱ ମାନଚିତ୍ରର ଏକ ଫଟୋ ରଖି କଟାକ୍ଷ କରି ଲେଖିଛନ୍ତି ଯେ କିଛି ସ୍ୱପ୍ନ ବାସ୍ତବତାଠାରୁ ବହୁତ ଦୂରରେ ଥାଏ। ସେ ପାରସ୍ୟ ଉପସାଗରରେ ଆମେରିକା ପରବର୍ତ୍ତୀ ଯୁଗର ପ୍ରାଧାନ୍ୟକୁ ସ୍ୱାଗତ କରିବା ସହ ଟ୍ରମ୍ପଙ୍କ ଦାବିକୁ କଡ଼ା ସମାଲୋଚନା କରିଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ ବିବାଦୀୟ ମାନଚିତ୍ର ପୋଷ୍ଟ କରି ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ନୂତନ ଅଞ୍ଚଳ ଭାବରେ ଦର୍ଶାଇ ଜଳପଥକୁ କବଜା କରିବା ପାଇଁ ତାଙ୍କର ସାମ୍ପ୍ରତିକ କୂଟନୈତିକ ଧମକକୁ ଦୋହରାଇଥିଲେ। ଏହା ଅନ୍ତର୍ଜାତୀୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା।

## ଗୁଜରାଟର ଆଇଟି ମନ୍ତ୍ରୀଙ୍କୁ ସାକ୍ଷାତ କଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଗୁଜରାଟର ଆଇଟି ମନ୍ତ୍ରୀଙ୍କୁ ଔପଚାରିକ ସାକ୍ଷାତ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏହି ଅବସରରେ ଉଭୟଙ୍କ ମଧ୍ୟରେ ଆଇଟି ଓ ବିଜ୍ଞାନ ସଂପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଛି । ଏନେଇ ମନ୍ତ୍ରୀ କହିଛନ୍ତି ଯେ, ଗୁଜରାଟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅର୍ଜୁନ ମୋଧୱାଡିଆ ଜୀଙ୍କୁ ଭେଟି ଅତ୍ୟନ୍ତ ଆନନ୍ଦିତ। ଆଇଟି, ବିଜ୍ଞାନ ଓ ପ୍ରଯୁକ୍ତି, ଡିଜିଟାଲ୍ ଭିତିଭୂମି ଏବଂ ପ୍ରଯୁକ୍ତିନିର୍ଭର ପଦକ୍ଷେପଗୁଡ଼ିକ ନେଇ ତାଙ୍କ ସହ ଏକ ଫଳପ୍ରଦ ଆଲୋଚନା ହେଲା।

## ଓଏଚଆରସିର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ବିରଜା ଶଙ୍କର ମିଶ୍ର

ଭୁବନେଶ୍ୱର, ୧୯/୮ (ନି.ପ୍ର): ଶ୍ରୀ ବିରଜା ଶଙ୍କର ମିଶ୍ର ଓଡ଼ିଶା ମାନବାଧିକାର ଆୟୋଗର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବୁଧବାର ତୋଷାଳି ଭବନସ୍ଥିତ ମାନବାଧିକାର ଆୟୋଗଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଜଷ୍ଟିସ୍ ଶ୍ରୀ ଶତ୍ରୁଘ୍ନ ପୂଜାହାରୀ ଏବଂ ସଦସ୍ୟ ଶ୍ରୀ ଚିତରଞ୍ଜନ ମହାପାତ୍ର ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଆୟୋଗଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ମଧ ସଦସ୍ୟ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାର ଜଣାଶୁଣା ଅଧିବକ୍ତା ଶ୍ରୀ ମିଶ୍ର ୧୯୯୩ ମସିହାରେ ଓଡ଼ିଶା ବାର୍ କାଉନ୍‌ସିଲ୍ ର ସଦସ୍ୟ ହେବା ପରେ ଦୀର୍ଘ ଚାରି ଦଶନ୍ଧି ଧରି ଆଇନଜୀବୀ ଭାବରେ ସକ୍ରିୟ ଅଛନ୍ତି । ପୂର୍ବରୁ ଓଡ଼ିଶା ମାନବାଧିକାର ଆୟୋଗରେ ଅଧ୍ୟକ୍ଷ ଏବଂ ଜଣେ ସଦସ୍ୟ ଥିବାବେଳେ ଶ୍ରୀ ମିଶ୍ର ସଦସ୍ୟ ଭାବେ ଯୋଗଦାନ ଦେବା ଦ୍ୱାରା କମିଶନର ସମସ୍ତ ପଦବୀ ପୂରଣ ହୋଇଛି ।

# ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୧୯/୦୮ (ନି.ପ୍ର): ରାସାୟନିକ ଦୁର୍ଘଟଣା ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲା ଆପାତକାଳୀନ ବୈଠକ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍ ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବରିଷ୍ଠ ଅଧିକାରୀ, ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାଗୁଡ଼ିକ ଏବଂ ବିପଜ୍ଜନକ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍ ଆୟର ସମସ୍ତ ବିପଜ୍ଜନକ ଶିଳ୍ପ ସଂସ୍ଥାକୁ ଜିଲ୍ଲା ପ୍ରଶାସନ ସହିତ ନିରନ୍ତର ଘନିଷ୍ଠ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଜରୁରୀ ପରିସ୍ଥିତି ସମୟରେ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା, ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ପରିବହନ କର୍ତ୍ତୃପକ୍ଷ ଏବଂ ଶିଳ୍ପ ପରିଚାଳନା ମଧ୍ୟରେ ଦୃଢ଼ ଆନ୍ତଃବିଭାଗୀୟ ସମନ୍ୱୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜନସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ଜରୁରୀକାଳୀନ ପ୍ରତିକ୍ରିୟା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଏସ୍‌ପି ଶ୍ରୀ ସୁଧାକର ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମସ୍ତଙ୍କ ମଧ୍ୟରେ ସୁସମନ୍ୱିତ ଯୋଗାଯୋଗର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ନିୟମିତ ମକ୍ ଡ୍ରିଲ୍ ଏବଂ ସାମଗ୍ରିକ ପ୍ରସ୍ତୁତି ମାଧ୍ୟମରେ ଯେକୌଣସି ରାସାୟନିକ ଦୁର୍ଘଟଣା ସମୟରେ ଶୀଘ୍ର ଓ ପ୍ରଭାବଶାଳୀ ପ୍ରତିକ୍ରିୟା ସୁନିଶ୍ଚିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ପାରାଦୀପ ଜୋନ୍, କେନ୍ଦ୍ରାପଡ଼ା ଜିଲ୍ଲାର ଫ୍ୟାକ୍ଟରିଜ୍ ଆଣ୍ଡ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ଇଞ୍ଜିନିୟର ଚନ୍ଦ୍ରଶେଖର(ସି.ଏସ୍.) ବେହେରା ଜିଲ୍ଲାର ଶିଳ୍ପ ସଂସ୍ଥାଗୁଡ଼ିକ ସମ୍ପର୍କରେ ଏକ ସମୀକ୍ଷା ଉପସ୍ଥାପନ କରିବା ସହ ଜିଲ୍ଲା ଆପାତକାଳୀନର ଭୂମିକା ଓ ଦାୟିତ୍ୱ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ନିଜ ଶିଳ୍ପ ପ୍ରକ୍ରିୟା, ସମ୍ଭାବ୍ୟ ବିପଦ ପରିସ୍ଥିତି ଏବଂ ବର୍ତ୍ତମାନର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଆଲୋଚନା ଆଧାରରେ ଶିଳ୍ପ ସୁରକ୍ଷା ଓ ଜରୁରୀକାଳୀନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଜିଲ୍ଲା ପ୍ରଶାସନ, ପୁଲିସ, ଫ୍ୟାକ୍ଟରିଜ୍ ଆଣ୍ଡ ବଏଲର୍ସ ବିଭାଗ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟର, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ଇଞ୍ଜିନିୟର ଚନ୍ଦ୍ରଶେଖର(ସି.ଏସ୍.) ବେହେରା, କେନ୍ଦ୍ରାପଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ପରିବେଶ ଇଞ୍ଜିନିୟର ଡି.ଏଲ୍. ମହାପାତ୍ର, କେନ୍ଦ୍ରାପଡ଼ାର ଡା. ନମିତା ପଟ୍ଟନାୟକ, କେନ୍ଦ୍ରାପଡ଼ା ମଟରଯାନ ନିରୀକ୍ଷକ କାଜଲ ପ୍ରଧାନ, ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହାସହିତ ପ୍ରମୁଖ ଶିଳ୍ପ ଓ ବିପଜ୍ଜନକ ରାସାୟନିକ ୟୁନିଟ୍‌ର ପ୍ରତିନିଧିମାନେ ମଧ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ। ନିରନ୍ତର ବିପଦ ହ୍ରାସ, ପ୍ରସ୍ତୁତି, ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ସମସ୍ତ ବିପଜ୍ଜନକ ଶିଳ୍ପ ସଂସ୍ଥା ଦ୍ୱାରା ଆଇନଗତ ନିୟମାବଳୀର କଡ଼ାକଡ଼ି ପାଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ବର୍ଷା ଦିନ ବଢୁଛି ଅପମିଶ୍ରିତ ଖାଦ୍ୟର ପସରା

ଜୟପୁର,୧୯/୦୮ (ନି.ପ୍ର): କୋରାପୁଟ ଜିଲାରେ ବର୍ଷା ଦିନ ଜାରି ରହିଥିବା ବେଳେ ରଙ୍ଗବେରଙ୍ଗ ମିଠା, ଚମକୁଥିବା ଷ୍ଟଲ, ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ଖାଦ୍ୟ ସାମଗ୍ରୀ । ବାହାରୁ ଦେଖିଲେ ସବୁ ଆକର୍ଷଣୀୟ । ସାଧାରଣ ଜନତା ଏହାକୁ ଜାଣି ନପାରି ଖାଉଛନ୍ତି । କିନ୍ତୁ, ଭିତରେ ଲୁଚି ରହିଛି ବିପଦ । କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, କୁନ୍ଦୁରା, ବୈପାରିଗୁଡା, କୋଟପାଡ, ଲମତାପୁଟ, ପଟଙ୍ଗୀ, ନନ୍ଦପୁର ଲକ୍ଷ୍ମୀପୁର ବଜାରରେ ଏବେ ଅପମିଶ୍ରିତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟର ପସରା ବଢୁଛି । ଏହାକୁ ନେଇ ସାଧାରଣରେ ଉଦବେଗ ଦେଖାଦେଇଛି । ଜିଲାର ଗ୍ରାମାଚଂଳ ହେଉକି ସହରାଚଂଳ ଖୋଲାଖୋଲି ଭାବେ ବିକ୍ରି ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ । ସ୍ଥାନୀୟ ଅଂଚଳରେ ତିଆରି ହୋଇ ବିକ୍ରି ହେଉଥିବା ପାଉଁରୁଟି, ପାଣି ବୋତଲ, ପ୍ୟାକେଟ ଆଇସ୍‌କ୍ରିମ, କେକ ଆଦିର ପ୍ୟାକେଟରେ ନିର୍ମାଣ ତାରିଖ, ବ୍ୟବହାର ସମୟ ସୀମା ବା ଏକ୍ସପାୟରୀ ଡେଟ୍ କିଛି ଲେଖା ନାହିଁ । ଗ୍ରାହକ ଜାଣି ପାରୁନାହାନ୍ତି ଏହା କେବେ ତିଆରି ହୋଇଛି ଓ କେବେ ଖାଇବା ଅଯୋଗ୍ୟ ହେବ । ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଛୋଟ ବଡ ଜଳଖିଆ ଦୋକାନ ଓ ହୋଟେଲରେ ଚାଟ, ଜିଲାପି, ପକୁଡି, ପକୋଡା ଆଦି ଫାଷ୍ଟଫୁଡରେ ବହୁଳ ମାତ୍ରାରେ ରାସାୟନିକ ରଙ୍ଗ ମିଶାଯାଉଛି । ଏକା ପୋଡା ତେଲକୁ ବାରମ୍ବାର ଗରମ କରି ଖାଦ୍ୟ ଛଣା ଯାଉଛି । ଅନେକ ସ୍ଥାନରେ ବାସୀ ଖାଦ୍ୟ ଗ୍ରାହକଙ୍କୁ ପରଷା ଯାଉଥିବା ଅଭିଯୋଗ ହୋଇଛି । ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଥିବା ଏହି ଖାଦ୍ୟ ବର୍ଷା ଦିନ ଥିବାରୁ ଡାଇରିଆ, ଖାଦ୍ୟ ବିଷକ୍ରିୟା ଓ ଅନ୍ୟାନ୍ୟ ରୋଗର କାରଣ ପାଲଟିଛି । ଏତେ ସବୁ ଅନିୟମିତତା ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ନଜର ଏସବୁ ଉପରେ ପଡୁନାହିଁ । ବ୍ୟବସାୟୀମାନେ ମାତ୍ର ଲାଭ ପାଇଁ ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅଭିଯୋଗ ହେଉଛି । ଖାଦ୍ୟରେ ରଙ୍ଗ ମିଶାଇବା, ପୋଡା ତେଲ ବ୍ୟବହାର ଓ ବାସୀ ଖାଦ୍ୟ ବିକ୍ରି ଏବେ ତାଙ୍କର ସ୍ୱଭାବ ପାଲଟି ଯାଇଛି । ସାଧାରଣରେ ଦାବୀ ହୋଇଛି, ଖାଦ୍ୟ ସୁରକ୍ଷା ଅଧିକାରୀମାନେ ତୁରନ୍ତ ବଜାରରେ ଚଢଉ କରି ଖାଦ୍ୟ ନମୁନା ସଂଗ୍ରହ କରନ୍ତୁ ।

# ବନ୍ଦେ ମାତରମ୍ କବିତା ପାଠୋତ୍ସବ ଆୟୋଜିତ




ବାରିପଦା,୧୯/୦୮ (ନି.ପ୍ର): ବନ୍ଦେମାତରମର ୧୫୦ତମ ଜନ୍ମବାର୍ଷିକୀ ପାଳନ ତଥା ୮୦ତମ ସ୍ୱତନ୍ତ୍ରତା ଦିବସ ଅବସର ପ୍ରାକ୍ ସନ୍ଧ୍ୟା ତା:୧୪.୮.୨୦୨୬ରେ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ପରିଷଦ ସଭାଗୃହରେ ବନ୍ଦେମାତରମ୍ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କବି ତଥା ସମାଜସେବୀ କବି ବିଷ୍ଣୁ ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାହିତ୍ୟ କିଭଳି ଦେଶର ସ୍ୱାଧୀନତା ପ୍ରାପ୍ତିରେ ପ୍ରମୁଖ ଭୂମିକା ନେଇ ପାରେ ତା'ର ପ୍ରକୃଷ୍ଟ ଉଦାହରଣ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେମାତରମ୍ କବିତା ବୋଲି ମତ ପ୍ରକାଶ କରିଥିଲେ। ସାହିତ୍ୟିକମାନଙ୍କ ଲେଖନୀ ସମାଜ ସୁଧାର ଦିଗରେ ବ୍ରତୀ ହେଉ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଭାଗବତ ପଣ୍ଡା ଯୋଗଦେଇ ବନ୍ଦେମାତରମ୍ ସଙ୍ଗୀତ ଏକ ସାଧାରଣ କବିତା ନୁହେଁ ଜୀବନ୍ୟାସ ଦେଇପାରୁଥିବା ଭଳି ମନ୍ତ୍ର ବୋଲି ମତପ୍ରକାଶ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ବୀଣାପାଣି ପଣ୍ଡା ଯୋଗଦେଇ ସ୍ୱାଧୀନତା ଦିବସ ପାଇଁ ଆମ ପୂର୍ବସୂରୀଙ୍କ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପରିଷଦର ସଂପାଦକ ଇଂ ମନୋଜ ଦଳବେହେରା ସ୍ୱାଗତ ଭାଷଣ ତଥା କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କଲା ପରେ କବି ଶଙ୍କର ଜେନା ଓ କବି ଅଶୋକ ପଲେଇଙ୍କ ମିଳିତ ସଂଯୋଜନାରେ ଆଧ୍ୟାତ୍ମିକ କବିତାପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ନରସିଂହ ବାରିକ, ଅଜୟ କୁମାର ପାଳ, ରଶ୍ମିତା ପାତ୍ର, ସମରେନ୍ଦ୍ର ବଶା, ଜୟନ୍ତ କୁମାର ଦ୍ୱାରୀ, ଭ୍ରାସତୀ ପଣ୍ଡା, ଅଜିତ ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ସାଓ, ମୀନକେତନ ମହାନ୍ତି, କାବେରୀ ମିଶ୍ର ତଥା ଡ. ଶଶିଧର ବିଶ୍ୱାଳ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। ନିହାରୀକା ସାହୁ ଆସରରେ ସୁମଧୁର ରାମଧୂନ ଗାନ କରି ଆସରକୁ ମନ୍ତ୍ରମୁଗ୍ଧ କରିଥିବା ବେଳେ ବରିଷ୍ଠ ସଦସ୍ୟ କୈବଲ୍ୟ ପ୍ରସାଦ ମହାପାତ୍ର, ଆୟୁଷ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହ ସଂପାଦିକା ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମରଣଯନ୍ତା ପାଲଟିଛି ଚମ୍ପୁଆ ଜାତୀୟ ରାଜପଥ : ମରାମତି ନାମରେ ମାଟି ଫିଲିଙ୍ଗ, ପ୍ରଶାସନର ଦୁର୍ବୁଦ୍ଧିକୁ ନେଇ ଜନଅସନ୍ତୋଷ

ଚମ୍ପୁଆ,୧୯/୦୮ (ନି.ପ୍ର): ଚମ୍ପୁଆ-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଏବେ ସାଧାରଣ ଲୋକଙ୍କ ପାଇଁ ସାଜିଛି ମରଣ ଯନ୍ତା। ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଭାଙ୍ଗି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ, ପ୍ରଶାସନର ବିଚିତ୍ର କାର୍ଯ୍ୟଶୈଳୀ ଏବେ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ରାସ୍ତା ମରାମତି ପାଇଁ ସ୍ଥାୟୀ ପ୍ରତିକାର କରିବା ବଦଳରେ ଖାଲ ଗୁଡ଼ିକରେ ମୋରମ ମାଟି ପକାଇ ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଛି। ଫଳରେ ସାମାନ୍ୟ ବର୍ଷାରେ ସମ୍ପୂର୍ଣ୍ଣ ରାସ୍ତା କାଦୁଅମୟ ହୋଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଚମ୍ପୁଆ ମୁଖ୍ୟ ବଜାର, ବସ ଷ୍ଟାଣ୍ଡ ସମ୍ମୁଖ ଏବଂ ବୈତରଣୀ ପୋଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ରାସ୍ତାର ଖାଲଖମା ପୂରଣ କରିବାକୁ ଯାଇ ପ୍ରଶାସନ ପକ୍ଷରୁ ମାଟି ବିଛାଯାଇଛି। ବର୍ତ୍ତମାନ ଏହି ସବୁ ସ୍ଥାନ ଏଭଳି କାଦୁଅ ହୋଇଛି ଯେ, ସେଠାରେ ଖାଲି ପାଦରେ ଚାଲିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି। ଏହି ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଓ ଭାରୀଯାନ ଚଳାଚଳ କରିଥାଏ। କାଦୁଅ ଯୋଗୁଁ ଗାଡ଼ି ଗୁଡ଼ିକ ଖସିବା ସହ ରାସ୍ତା ମଝିରେ ଫସି ରହୁଛନ୍ତି, ଯାହାଫଳରେ ଘଂଟା ଘଂଟା ଧରି ଟ୍ରାଫିକ ଜାମ ସମସ୍ୟା ସୃଷ୍ଟି ହେଉଛି। ଏହା ଦ୍ୱାରା ସ୍କୁଲ କଲେଜ ପିଲା, ଆମ୍ବୁଲାନ୍ସ ଏବଂ ସାଧାରଣ ପଥଚାରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ଦୁର୍ଘଟଣାର ଭୟ ସବୁବେଳେ ଲାଗି ରହିଛି। ଜାତୀୟ ରାଜପଥରେ ମାଟି ପକାଇବା ଭଳି ଅବିବେକୀ କାର୍ଯ୍ୟ କାହାର ? ଚମ୍ପୁଆ ଉପଜିଲ୍ଲାପାଳଙ୍କର ନା ଚମ୍ପୁଆ ଏନଏସି ଅଧିକାରୀଙ୍କର ? ନା ଚମ୍ପୁଆ ପିଡବ୍ଲ୍ୟୁଡି ବିଭାଗର ? କାହା ନିର୍ଦ୍ଦେଶରେ ହୋଇଛି ଏ କାର୍ଯ୍ୟ ? ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ, ସରକାର ବଦଳି ଯିବା ପରେ ଯେପରି ସମସ୍ତ କ୍ଷେତ୍ରରେ ରଙ୍ଗ ମଧ୍ୟ ବଦଳି ଯାଏ ସେହିପରି ଜାତୀୟ ରାଜପଥର ଏଭଳି ଦୟନୀୟ ସ୍ଥିତି ଏବଂ ମରାମତି ନାମରେ ପ୍ରଶାସନର ଏହି ଗେରୁଆ ନୀତିକୁ ନେଇ ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଜୋରଦାର ଚର୍ଚ୍ଚା ଓ ଆଲୋଚନା ଚାଲିଛି। ଏ ସମ୍ପର୍କରେ ଚମ୍ପୁଆ ଏନଏସି ଅଧିକାରୀଙ୍କୁ ପଚାରିବାରୁ ଏହା ଚମ୍ପୁଆ ପିଡବ୍ଲ୍ୟୁଡ଼ି ର କାମ କହିଥିବା ବେଳେ ପିଡବ୍ଲ୍ୟୁଡ଼ି କର୍ତ୍ତୃପକ୍ଷ ଏହା କରି ନ ଥିବା କହିଛନ୍ତି। ତେବେ ରାସ୍ତାରେ ମାଟି ପକାଇଲା କିଏ ? ଯାହାକୁ ନେଇ ସାଧାରଣ ଜନତା ଏବଂ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ, ତୁରନ୍ତ ରାସ୍ତାରୁ କାଦୁଅ ସଫା କରି ପିଚୁ କିମ୍ବା ମେଟାଲିଂ ଦ୍ୱାରା ସଠିକ୍ ମରାମତି କରିବାକୁ ଦାବି ହୋଇଛି।

# ଯୁବକଙ୍କୁ ଛୁରାମାଡ ଘଟଣା: ଫେରାର ଅଭିଯୁକ୍ତକୁ ବାନ୍ଧିଲା ପୋଲିସ

ସମ୍ବଲପୁର,୧୯/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ହାଇସ୍କୁଲ ଫିଲ୍ଡ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ସନ୍ଦିଗ୍ଧ ଅଭିଯୁକ୍ତକୁ ୩୫୩/୨୬ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁଯାୟୀ ଅଗଷ୍ଟ ୧୬ ତାରିଖ ଅପରାହ୍ନ ଅଢେଇଟାରୁ ୩ଟା ମଧ୍ୟରେ ରୋନିତ ନାଏକ ନାମକ ଜନୈକ ଯୁବକ ବଜାରକୁ ଯାଉଥିବା ବେଳେ ବୁର୍ଲା ପିଡବ୍ଲ୍ୟୁଡି କଲୋନୀର ୨୨ ବର୍ଷିୟ ସୁଶିଲ ନାଏକ ନାମକ ଅଭିଯୁକ୍ତ କିଛି ସହଯୋଗୀଙ୍କ ଦ୍ୱାରା ରୋହିତକୁ ଅଟକାଇ ଦାଦାଗିରି ଷ୍ଟାଇଲରେ ଶୀଳ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ଏପରିକି ହଠାତ୍ ମାତ୍ରାଧିକ ଉତେଜିତ ହୋଇ ପାଖରେ ରଖିଥିବା ଗୋଟିଏ ଧାରୁଆ ଛୁରୀରେ ରୋନିତର ମୁଣ୍ଡ ଓ ଛାତିରେ ସୁଶିଲ ମରଣାନ୍ତକ ଆକ୍ରମଣ କରିଥିଲା ବୋଲି ଥାନାରେ ହୋଇଥିବା ଅଭିଯୋଗରୁ ଜଣାପଡିଛି । ଏହି ଆକ୍ରମଣରେ ରୋନିତ ରକ୍ତାକ୍ତ ଓ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲା । ଏହି ଘଟଣାର କିଛି ସମୟ ମଧ୍ୟରେ ତୁରନ୍ତ ଲୋକମାନେ ରୋନିତକୁ ଉଦ୍ଧାର କରି ବୁର୍ଲା ଭିମସାରରେ ଚିକିତ୍ସା ପାଇଁ ଭର୍ତି କରିଥିଲେ । ଏ ନେଇ ବୁର୍ଲା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ୩୫୩/ ୨୬ ରେ ଏକ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଥିଲା ।

ଘଟଣାସ୍ଥଳରୁ ପୋଲିସ ଗୋଟିଏ ଧାରୁଆ ଲୁହା ଛୁରୀ ଜବତ କରିବା ସହ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୁର୍ଲା ପିଡବ୍ଲ୍ୟୁଡି କଲୋନୀର ଭକ୍ତ ରାମ ନାଏକଙ୍କ ୨୨ ବର୍ଷିୟ ପୁଅ ସୁଶିଲ ନାଏକକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଜିଲ୍ଲାସ୍ତରୀୟ 'ବେଟି ବଚାଓ, ବେଟି ପଢ଼ାଓ' ସମନ୍ୱୟ ବୈଠକ

ଝାରସୁଗୁଡ଼ା,୧୯/୦୮ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମଏଫ୍ ଅଡିଟୋରିୟମ ହଲ୍ ଠାରେ ଜିଲ୍ଲା ସାମାଜିକ ମଙ୍ଗଳ ବିଭାଗ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ଏକ ଜିଲ୍ଲାସ୍ତରୀୟ କନଭରଜେନ୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ ଏବଂ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଭିକ୍ଟୋରିଆ ଏକ୍କା ସ୍ୱାଗତ ଭାଷଣ ପ୍ରଦାନ କରି ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ବାଳିକାମାନଙ୍କ ଉଚ୍ଚ ଶିକ୍ଷା, ନାରୀ ସଶକ୍ତୀକରଣ ଏବଂ ସମାଜରେ ମହିଳାମାନଙ୍କ ସମାନ ଅଧିକାର ତଥା ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ପ୍ରଶାସନ ସର୍ବଦା ତତ୍ପର ଥିବା ଉଲ୍ଲେଖ କରି ସେ ମହିଳା ହେଲ୍ପଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପଲାଇନ ୧୦୯୮ ଏବଂ ଜରୁରୀକାଳୀନ ସେବା ୧୧୨ ର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ ଏହି ଅଭିଯାନକୁ ଗ୍ରାମାଚଂଳ ଓ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ଭାବେ ପହଂଚାଇବା ଉପରେ ଜୋର ଦେଇଥିଲେ। ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ବୈଠକକୁ ସମ୍ବୋଧିତ କରି ଜିଲ୍ଲାରେ ଶିଶୁ କନ୍ୟା ଲିଙ୍ଗାନୁପାତ ବୃଦ୍ଧି କରିବା, ସରକାରୀ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଏବଂ ଶିକ୍ଷା କ୍ଷେତ୍ରରେ ଝାରସୁଗୁଡ଼ାକୁ ରାଜ୍ୟ ତଥା ଦେଶରେ ଏକ 'ମଡେଲ ଜିଲ୍ଲା' ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଡିଏସପି ମନ୍ଦା ହାଁସଦା ମହିଳା ଓ କିଶୋରୀମାନଙ୍କୁ ସାଇବର ବୁଲିଇଙ୍ଗ୍ ଏବଂ ଅନଲାଇନ୍ ଠକେଇ ପ୍ରତି ସତର୍କ ରହିବା ନେଇ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

ଏହି ସମନ୍ୱୟ ବୈଠକରେ ଶିଶୁ ମଙ୍ଗଳ କମିଟି ଅଧକ୍ଷା ସଂଯୁକ୍ତା ମହାପାତ୍ର, ସି ଡି ଏମ୍ ଏବଂ ପି ଏଚ୍ ଓ ର ଆଇନ ବ୍ୟାପାର ପରିଚାଳକ ସୋମଦତ ପୁରୋହିତ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି ତଥା ପ୍ଲାନିଂ ସଂଯୋଜକ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଓ ଏଲ ଏମ୍ ର ଡି ପି ଏମ ଡ. ପୁଷ୍ପଶ୍ରୀ ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହଙ୍କ ସମେତ ବହୁ ସଂଖ୍ୟାରେ କିଶୋରୀ ବାଳିକା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

# ଇସ୍କନର ଅଦିନିଆ ରଥଯାତ୍ରା ଓ କୁସଂସ୍କାର ସେବା ଭାରତୀୟ ସଂସ୍କୃତିର ପରିପନ୍ଥୀ

ଭଦ୍ରକ ,୧୯/୦୮ (ନି.ପ୍ର): ଇସ୍କନ ସଂସ୍ଥାର ଅଦିନିଆ ରଥଯାତ୍ରାକୁ ଓଡ଼ିଶା ରାଜ୍ୟ ତଥା ରାଷ୍ଟ୍ର ପକ୍ଷରୁ ଘୋର ବିରୋଧ କରି ଏହାକୁ ବନ୍ଦ କରିବା ନିମନ୍ତେ ଦେଶ ତଥା ବିଦେଶରେ ରହୁଥିବା ଇସ୍କନ ସଂସ୍ଥାକୁ ଅନୁରୋଧ କରାଯାଉଥିଲେ ହେଁ ତାହା ଏବଧି ସଫଳ ହୋଇ ପାରୁନାହିଁ । ଏହା ରାଷ୍ଟ୍ରିୟ ସଂସ୍କୃତିର ଘୋର ବିରୋଧି। ଆମ ସଂସ୍କୃତିରେ ବିଭିନ୍ନ ଦେବାଦେବୀଙ୍କ ପୂଜା ଆରାଧନା ତିଥି ଅନୁସାରେ ହୋଇ ଆସୁଅଛି । ଏକ କୃଷି ପ୍ରଧାନ ଦେଶରେ ତିଥି ଉପରେ ଗୁରୁତ୍ୱ ଦିଆଯାଇ ଆସୁଛି । ସେ ଦୃଷ୍ଟିରୁ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ବିଶ୍ୱ ବ୍ରହ୍ମାଣ୍ଡର ମାଲିକ ଶ୍ରୀଜଗନ୍ନାଥଙ୍କ ଜନ୍ମବେଦ୍ୟ ଯାତ୍ରା ପାଳନ କରାଯାଇଥାଏ । ଆମ ଦେଶ ତଥା ରାଜ୍ୟରେ ଅଧିକାଶଂ ଓଡ଼ିଆ ଇସ୍କନ ସଂସ୍ଥାରେ ସାମିଲ ଥାଇ ଏହି ଅଦିନିଆ ରଥଯାତ୍ରାକୁ ସ୍ୱୀକାର କରୁଥିବା ଘୋର ପରିତାପର ବିଷୟ । ଏସବୁବ୍ୟତିତ ଏବେ ପଶ୍ଚିମବଙ୍ଗସ୍ଥିତ ଦୀଘା ଠାରେ ମମତା ବାନାର୍ଜୀଙ୍କ ଦ୍ୱାରା ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକଗଣ ପାଦରେ ଜୋତାପିନ୍ଧି ପ୍ରଭୁଙ୍କ ଭୋଗ ସାମଗ୍ରି ରନ୍ଧନ କରୁଥିବା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶ ପାଇଛି । ରନ୍ଧନ ସାମଗ୍ରି ମଧ୍ୟ ଅପାତ୍ରରେ ବ୍ୟବହାର କରାଯାଉଛି । ଏହାକୁ ଓଡ଼ିଶାର ଅଗଣିତ ଶ୍ରୀଜଗନ୍ନାଥ ଭକ୍ତଭକ୍ତା ଘୋର ବିରୋଧ କରୁଛନ୍ତି । ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷରୁ ପଶ୍ଚିମବଙ୍ଗର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଶୁଭେନ୍ଦୁ ଅଧିକାରୀ ମହୋଦୟଙ୍କୁଏପ୍ରକାର ଘଟଣାବଳିକୁ ବନ୍ଦ କରିବା ପାଇଁ ନିବେଦନ କରାଯାଇଛି ।

# ପିଏମ୍ ବିଶ୍ୱକର୍ମା ଯୋଜନା ନେଇ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୧୯/୦୮ (ନି.ପ୍ର): ପାରମ୍ପରିକ କାରିଗର ଓ ଶିଳ୍ପୀମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଖଡ଼ିଆଳ ଏନଏସି ସ୍ଥିତ କଲ୍ୟାଣ ମଣ୍ଡପ-୨ ଠାରେ ପିଏମ୍ ବିଶ୍ୱକର୍ମା ଯୋଜନା ଉପରେ ଏକ ସଚେତନତା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାରିଗର ଓ ଶିଳ୍ପୀମାନଙ୍କୁ ନିଜ ଉତ୍ପାଦର ବ୍ରାଣ୍ଡିଂ, ମାର୍କେଟିଂ ଓ ବଜାର ସୁବିଧା ସମ୍ପର୍କରେ ଏହି ଶିବିରରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଏନଏସି ଅଧକ୍ଷ ଉଜ୍ଜଳ ଗୁପ୍ତା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମଏସଏମଇ ଏସ୍ ନିର୍ଦ୍ଦେଶକ ଏସ୍.କେ. ସାହୁ, ଡିଆଇସି ସାଧାରଣ ପରିଚାଳକ ସମୀର ମୁଦୁଲି, ଖଡ଼ିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଖଡ଼ିଆଳ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଦିନେଶ କୁମାର ମିଶ୍ର, ବିଶ୍ୱକର୍ମା କମିଟି ସଦସ୍ୟ ଅଜିତ କିଶୋର ଚଲାନ, ଏମଏସଏମଇ ବିଭାଗର ସହକାରୀ ନିର୍ଦ୍ଦେଶକ ଦିନେଶ କୁମାର ନାଏକ ଓ ଖଡ଼ିଆଳ ସହକାରୀ ଶିଳ୍ପ ଅଧିକାରୀ ଆନନ୍ଦ ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୋମନା ସହକାରୀ ଶିଳ୍ପ ଅଧିକାରୀ ଶୁଭମ ସାଇ ଜେନା ଓ ସିନାପାଲିର ସୁନିଲ କୁମାର ଓରାମ ସହଯୋଗ କରିଥିଲେ। ଶାଖା ଏମଏସଏମଇ ବିକାଶ ଓ ସୁବିଧା କାର୍ଯ୍ୟାଳୟ, ରାଉରକେଲା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଆଇସି ନୂଆପଡ଼ା ସହଯୋଗ କରିଥିଲା। ପିଏମ୍ ବିଶ୍ୱକର୍ମା ଯୋଜନା ଅଧୀନରେ ସୂତ୍ରଧର, କମାର, ସୁନାର, କୁମ୍ଭାରଙ୍କ ସମେତ ୧୮ ପ୍ରକାରର ପାରମ୍ପରିକ ବୃତି ସହ ଜଡ଼ିତ କାରିଗର ଓ ଶିଳ୍ପୀଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି। ଏଥିରେ ଦକ୍ଷତା ବୃଦ୍ଧି ତାଲିମ, ଟୁଲ୍ କିଟ୍ ସହାୟତା, ଋଣ ସୁବିଧା ଓ ଡିଜିଟାଲ ମାର୍କେଟିଂ ଭଳି ସୁବିଧା ରହିଛି। ନିଜ ଉତ୍ପାଦକୁ ଆକର୍ଷଣୀୟ ଭାବେ ବ୍ରାଣ୍ଡିଂ କରି ଅନଲାଇନ୍ ଓ ଅଫଲାଇନ୍ ବଜାରରେ ବିକ୍ରି କରିବା ସହ ଅଧିକ ଲାଭ ପାଇବା ପାଇଁ କାରିଗରମାନଙ୍କୁ ଏହି ଅବସରରେ ଉତ୍ସାହିତ କରାଯାଇଥିଲା।

# ଡ଼ଃ ପାର୍ଥ ବିଶ୍ୱାସଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ ଜାତୀୟ ଅନୁସୂଚିତ ଜାତି କମିଶନ ଟିମ୍ ଖୋର୍ଦ୍ଧା ଜିଲ୍ଲା ପରିଦର୍ଶନ ଓ ବିଭାଗୀୟ କାର୍ଯ୍ୟକ୍ରମ ଅଗ୍ରଗତି ସମୀକ୍ଷା

ଖୋରଧା ,୧୯/୦୮ (ନି.ପ୍ର): ଡ଼ଃ ପାର୍ଥ ସାରଥୀ ବିଶ୍ୱାସ ଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଜାତୀୟ ଅନୁସୂଚିତ ଜାତି ଟିମ୍ ଖୋରଧା ଜିଲ୍ଲା ପରିଦର୍ଶନ କରି ଜିଲ୍ଲା କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଅନୁସୂଚିତ ଜାତି ଯୋଜନା ଗୁଡିକ ଜିଲ୍ଲାରେ କାର୍ଯ୍ୟ କାରୀ ଓ ଅଗ୍ର ଗତି ସମ୍ବନ୍ଧରେ ସମୀକ୍ଷା କରି ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି । ମାନ୍ୟବର ସଦସ୍ୟଙ୍କ ସହ ଶ୍ରୀମତୀ ସୋନାଲି ଦତ୍ତ, ନିର୍ଦ୍ଦେଶକ, ଜାତୀୟ ଅନୁସୂଚିତ ଜାତି କମିଶନ, ଶ୍ରୀ ନବୀନ ରୋହିଲ, ମାନ୍ୟବର ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ,ଶ୍ରୀମତୀ ପୁଲୋମା ବସୁ, ବରିଷ୍ଠ ତଦନ୍ତକାରୀ ଏବଂ ଶ୍ରୀ ଶୁଭମ୍ ଦତ୍ତ ଯୋଗଦେଇଥିଲେ । ସେହିପରି, ଅନୁସୂଚିତ ଜାତି ଓ ଜନଜାତି ରାଜ୍ୟ ସରକାରଙ୍କ ବିଭାଗର ଶ୍ରୀ ଲକ୍ଷ୍ମଣ କୁମାର ମଲ୍ଲିକ, ନିର୍ଦ୍ଦେଶକ ଅନୁସୂଚିତ ଜାତି ମଙ୍ଗଳ, ଶ୍ରୀମତୀ କୁମୁଦିନୀ ସୁବୁଦ୍ଧି,ଉପ ଶାସନ ସଚିବ,ଶ୍ରୀ ଭରତ ଭୂଷଣ ବିଶ୍ୱାଳ,ଉପ ନିର୍ଦ୍ଦେଶକ ଯୋଗଦେଇଥିଲେ । ସେହିପରି ସମୀକ୍ଷା ବୈଠକରେ ମାନ୍ୟବର ସଦସ୍ୟଙ୍କ ସହ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ, ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁସୋତ୍ତମ ଦାସ, ଉପାୟୁକ୍ତ, ଭୁବନେଶ୍ୱର କମିଶନରେଟ ପୋଲିସ୍ ମଞ୍ଚାଷିନ ଥିବାବେଳେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ, ଭୁବନେଶ୍ୱର,ଡ଼ଃ ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ, ଖୋରଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ମଙ୍ଗଳ ଅଧିକାରୀ, ଖୋରଧା, ଡ଼ଃ ଗିତାଂଶୁ ମୋହନ ଦାଶ,ଏଲ ଡି ଏମ ,ଶ୍ରୀ ଅଶୋକ କୁମାର ବେହେରା, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁଶ୍ରୀ ସମୁଚିତା ମଲ୍ଲିକ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଶଙ୍କର ବେହେରା ଯୋଗ ଦେଇଥିଲେ ଓ ମାନ୍ୟବର କମିଶନ ବିଭିନ୍ନ ପୀଡ଼ିତାଙ୍କ କ୍ଷତି ପୂରଣ ପ୍ରଦାନ, ମନରେଗା, ଜମିଜମା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା ବୃତ୍ତି, ଅନୁସୂଚିତ ଜାତି ଛାତ୍ରାବାସ, ପ୍ରଧାନ ମନ୍ତ୍ରୀ ମୁଦ୍ରା ଋଣ,ଜନ ଧନ ଯୋଜନା ଆଦି ବିଭିନ୍ନ କାର୍ଯ୍ୟ କ୍ରମ ଉପରେ ସମୀକ୍ଷା କରିଥିଲେ ଓ ସୂଚନା କ୍ରମେ ମନରେଗା ଯୋଜନାରେ ଜିଲ୍ଲାରେ ୧୬୮୦୧ ଅନୁସୂଚିତ ଜାତି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ହୋଇଅଛି । ସେହିପରି ଗୃହ ନିର୍ମାଣ ପାଇଁ ୩.୧୨ ଏକର ଜମି ବଣ୍ଟନ କରାଯାଇଅଛି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୨୦୨୫-୨୬ ବର୍ଷରେ ୧୮୫୪ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଅଛି । ଜିଲ୍ଲାରେ ୧୪ ଗୋଟି ହଷ୍ଟେଲରେ ୧୪୦୦ ପିଲାଙ୍କୁ ରଖା ଯାଇଛି । ୨୦୨୫-୨୬ ବର୍ଷରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ୮୫୬୩ ବାଳକ ଏବଂ ୮୬୮୪ ବାଳିକା ନାମ ଲେଖାଇଥିବା ବେଳେ ବେସରକାରୀ ବିଦ୍ୟାଳୟରେ ୩୪୦୭ ବାଳକ ଓ ୨୭୭୪ ବାଳିକା ନାମ ଲେଖାଇଛନ୍ତି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ସରକାରୀ ବିଦ୍ୟାଳୟରେ ୬୮୧୮ ବାଳକ ଓ ୬୬୩୬ ବାଳିକା ନାମ ଲେଖାଇଛନ୍ତି । ଉଚ୍ଚ ବିଦ୍ୟାଳୟ ଶ୍ରେଣୀରେ ସରକାରୀ ବିଦ୍ୟାଳୟରେ ୩୪୭୯, ବାଳକ ଏବଂ ୩୫୩୯ ବାଳିକା, ବେସରକାରୀ ବିଦ୍ୟାଳୟରେ ୭୨୨ ବାଳକ ଏବଂ ୫୯୦ ବାଳିକା, ଉଚ୍ଚ ମାଧ୍ୟମିକ ସରକାରୀ ବିଦ୍ୟାଳୟ ରେ ୪୮୦ ବାଳକ ଏବଂ ୭୧୮ ବାଳିକା, ବେସରକାରୀ ରେ ୧୧୯୪ ବାଳକ ଏବଂ ୯୧୫ ବାଳିକା ନାମ ଲେଖାଇଛନ୍ତି । ସେହିପରି ଜିଲ୍ଲା ଶିଳ୍ପ କେନ୍ଦ୍ର,, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରଣୀତ ଯୋଜନା ଉପରେ ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୟ ଅଧିକାରୀ ଏବଂ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

**ଧାରାବାହିକ:** ଭାଗ-୫୪

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ମନ ବିଶୁଦ୍ଧ ହୋଇ ନିର୍ମଳ ଜ୍ଞାନ ପ୍ରକାଶିତ ହୁଏ । ବାଉଁଶ ପରସ୍ପର ଘର୍ଷଣରେ ଅଗ୍ନିର ଉତ୍ପତ୍ତି ହୋଇ ବାଉଁଶ ବନକୁ ଧ୍ୱଂସ କଲାଭଳି ତ୍ରିଗୁଣ ବୃତ୍ତି ସମୂହର ପରସ୍ପର ସଂଘର୍ଷ ଫଳରେ ସାଧନାର ଶକ୍ତି ଜାଗ୍ରତ ହୋଇ ସେଥିରେ ତମ ଓ ରଜୋଗୁଣ ବୃତ୍ତି ସମୂହକୁ ବିନାଶକରି ସାତ୍ୱିକ ବୃତ୍ତିକୁ ପ୍ରକାଶିତ କରେ । ଜ୍ଞାନୀମାନେ ସାତ୍ୱିକ ଗୁଣର ପ୍ରଶଂସା କରୁଥିବାବେଳେ ତାମସିକକୁ ନିନ୍ଦା ଓ ରାଜସିକକୁ ନିନ୍ଦା ବା ପ୍ରଶଂସା କରିନଥାନ୍ତି । ଉଦ୍ଧବ ପୁଣି ସଂଶୟରେ ପଡି ପ୍ରଶ୍ନ କଲେ, ଗୋବିନ୍ଦ, ବିଷୟ ସମୂହ ଯେ ଅଶେଷ ବିପଦର କାରଣ, ଏହା ସମସ୍ତେ ଜାଣନ୍ତି । ତଥାପି ଲାଳସାରେ ବଶ ହୁଅନ୍ତି କାହିଁକି ? କୁକୁରକୁ ଯେତେ ତାଡନା ଦେଲେ ବି ସେ ଉଚ୍ଛିଷ୍ଟ ଖାଏ ଏବଂ ଗଧ ନାତ ମାରିଲେ ବି ଗଧ ତା ପଛରେ ଧାଏଁ, ଯୂପ କାଷ୍ଠରେ ଥାଇ ମଧ ବଳି ଛାଗଳ ତୃଣକୁ ଆନନ୍ଦରେ ଖାଏ । ମାତ୍ର ବିବେକବାନ ମନୁଷ୍ୟ ଏ ସବୁ ଦେଖି, ଜାଣି ମଧ ପଶୁପ୍ରବୃତ୍ତିରେ ବଶବର୍ତ୍ତି ହୁଏ କାହିଁକି ? ଭଗବାନ କହିଲେ, ତୁମେ ଯାହା କହିଲ ଏସବୁ ବିବେକବାନ ଲୋକର କାର୍ଯ୍ୟ ନୁହେଁ । ମନୁଷ୍ୟ ରଜୋଗୁଣ ପରବଶ ହେଲେ ଏପରି ବିବେକହୀନ ହୋଇଥାଏ । ଫଳରେ ବୁଦ୍ଧିଭ୍ରଂଶ ହୋଇ ହିତାହିତ ଜ୍ଞାନ ଶୂନ୍ୟ ହୁଏ । ବିଷ୍ଣୁମାୟାରେ ଜୀବ ତ୍ରିଗୁଣାଶ୍ରୟୀ ହୁଏ ଯାହାକୁ ଏଡାଇବା ସହଜ ନୁହେଁ । କେବଳ ଭକ୍ତି, ଜ୍ଞାନ, ବିବେକ ଆଦି କୌଣସି ଶକ୍ତି ସଂକଳ୍ପ ବଳରେ ସତ୍ତ୍ୱଗୁଣର ବିକାଶ କରି ରଜୋ ଓ ତମଗୁଣକୁ ବିନାଶ କରିବ । ଅବଶ୍ୟ ଏହା କଷ୍ଟସାଧ ହେଲେ ମଧ ଏହାର ବିକଳ୍ପ ନାହିଁ । ଆହାରାଦିରେ ସଂଯତ ହୋଇ କ୍ରୟେ ମନୋବାକ୍ୟରେ ମୋର ଚରଣାଶ୍ରିତ ହୋଇ ସାତ୍ୱିକ ଗୁଣକୁ ସାଧନା କରିବ । ଏଥିପାଇଁ ଆସନ,ପ୍ରାଣାୟମ ଆଦି ଯୋଗାଭ୍ୟାସ କରି ମୋ ଚରଣରେ ଐକାନ୍ତିକ ଏକାଗ୍ରତା ଲଗାଇ ଧାନ କରିବା ଦରକାର । ପୂର୍ବେ ବ୍ରହ୍ମାଙ୍କର ଚାରିପୁତ୍ରଙ୍କୁ ମୁଁ ଏହି ଶିକ୍ଷା ପ୍ରଦାନ କରିଛି । ତହୁଁ ଉଦ୍ଧବ ପଚାରିଲେ, ପ୍ରଭୁ ଆପଣ କେବେ ଓ କେଉଁ ରୂପରେ ବ୍ରହ୍ମାଙ୍କ ପୁତ୍ରଙ୍କୁ ଶିକ୍ଷାଦାନ କରିଥିଲେ ଅନୁଗ୍ରହ ପୂର୍ବକ କୁହନ୍ତୁ । ଭଗବାନ କହିଲେ, ବ୍ରହ୍ମାଙ୍କର ଚାରିପୁତ୍ର, ସନକ, ସନାତନ, ସନନ୍ଦନ ଓ ସନତକୁମାର ସୃଷ୍ଟିର ଆଦିକାଳରୁ ଆବିର୍ଭୂତ ହୋଇ ବ୍ରହ୍ମାଙ୍କୁ ପଚାରିଲେ, ବିଷ୍ଣୁମାୟାରେ ପ୍ରାଣୀମାନେ ବିଷୟ ରସରେ ନିମଜ୍ଜିତ ହେଉଛନ୍ତି । କେଉଁ ଉପାୟରେ ବିଷୟ ସହିତ ଚିତ୍ତର ସଂପର୍କ ଛିନ୍ନ କରାଯାଇପାରିବ ତାହା କୁହନ୍ତୁ । ବ୍ରହ୍ମା ତାହାର ଯଥାର୍ଥ ଉତ୍ତର ଦେଇ ନପାରି ମୋତେ ସ୍ମରଣ କରିବାରୁ ମୁଁ ହଂସ ରୂପ ଧାରଣ କରି ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲି । ହଂସ ଯେପରି ଜଳରୁ ଦୁଗ୍ଧକୁ ଅଲଗା କରିପାରେ ମୁଁ ମଧ ସେହିପରି ଚିତ୍ତ ଓ ବିଷୟକୁ ପୃଥକ ଭାବେ ଦର୍ଶାଇ ପାରିବି । ବ୍ରହ୍ମା ପୁତ୍ରଗଣ ମୋର ଚରଣ ବନ୍ଦନା କରି ଜିଜ୍ଞାସା କଲେ ଆପଣ କିଏ ? ମୁଁ ଏହାର ଉତ୍ତରରେ କହିଲି ଏ ପ୍ରଶ୍ନ ନିରର୍ଥକ ଯେହେତୁ ସମସ୍ତ ପ୍ରାଣୀ ପଞ୍ଚଭୂତର ସମାହାର ମୂଳତଃ ସମସ୍ତେ ଅଭିନ୍ନ ଏବଂ ଏକ ପରମକାରଣରୁ ଉଦ୍‌ଭୂତ ହେତୁ ସ୍ୱରୂପତଃ ତାହା ମଧରେ ପ୍ରଭେଦ ନାହିଁ । ତୁମର ପ୍ରଶ୍ନ କିଏ ଆପଣ ବାକ୍ୟ ଦ୍ୱାରା କୌଣସି ବିକାରାତ୍ମକ ନାମ ପ୍ରକାଶ କରାଯାଇପାରେ । ମାତ୍ର ବିକାରର କୌଣସି ପରମାର୍ଥିକ ସତ୍ତା ନଥିବା କାରଣରୁ ଏକମାତ୍ର ପରମାର୍ଥିକ ସତ୍ତା ରୁପେ ମୁଁ ବିଦ୍ୟମାନ । ଜୀବ ଦେହରେ ବାସନା ରୂପରେ ମୁଁ ରହିଥିବାରୁ ବିଷୟ ବାସନା ଅତ୍ୟନ୍ତ ଦୁର୍ଜୟ । ହେ ପୁତ୍ରଗଣ ଏହା ପ୍ରତ୍ୟକ୍ଷ ଜ୍ଞାନର ବିଷୟ ଯେ ଜୀବର ଚିତ୍ତ ବିଷୟ ପ୍ରତି ସର୍ବଦା ଆକୃଷ୍ଟ ଓ ବିଷୟ ଚିତ୍ତ ଉପରେ ପ୍ରଭାବ ବିସ୍ତାର କରେ । ଏହା ସତ୍ତ୍ୱେ ବିଷୟ ଓ ଚିତ୍ତ ଉଭୟେ ଜୀବର ଦେହ ଅର୍ଥାତ୍ ଉପାଧି ମାତ୍ର । ତା'ଠାରୁ ଅଧିକ ନୁହେଁ । ଜୀବ ପ୍ରକୃତରେ ମୋଠାରୁ ଅଭିନ୍ନ ଅର୍ଥାତ୍ ଜୀବ ବ୍ରହ୍ମ ସ୍ୱରୂପ । ଦେହାଭିମାନ ନେଇ ଜୀବ ବିଷୟ ସହିତ ସଂଶ୍ଲିଷ୍ଟ ହୋଇପଡେ ଅର୍ଥାତ୍ ତାର ମନ ଓ ବୁଦ୍ଧି ବିଷୟଗ୍ରସ୍ତ ହୁଏ । ତାକୁ ଯଦି ଜୀବର ସ୍ୱରୂପ କୁହାଯିବ ତେବେ ତାହାର ବିନାଶରେ ଜୀବର ତ ବିନାଶ ହୁଅନ୍ତା ମାତ୍ର ତାହା ହୁଏନାହିଁ । ଇନ୍ଦ୍ରିୟ ଗ୍ରାହ୍ୟ ବିଷୟ ସମୂହ ସହିତ ବା ବିଷୟ ଗ୍ରସ୍ତ ମନ ସହିତ ଜୀବର କୌଣସି ଯଥାର୍ଥ ସମ୍ବନ୍ଧ ନାହିଁ । ଜୀବର ପ୍ରକୃତ ସ୍ୱରୂପ ହେଉଛି ତାହା ବ୍ରହ୍ମ ସହିତ ଅଭିନ୍ନ । ଭକ୍ତି, ଜ୍ଞାନ, ଯୋଗ ଆଦି ସାଧନାର ଶକ୍ତି ବଳରେ ବିଷୟର ଅଳୀକତ୍ୱ ଓ ସ୍ୱୟଂ ବ୍ରହ୍ମ ସ୍ୱରୂପ ଉପଲବ୍ଧି କରି ଚିତ୍ତ ସହିତ ବିଷୟ ସମ୍ପର୍କରେ ବିଲୋପ ସାଧନ କରିପାରିଲେ ଜୀବ ନିଜର ବ୍ରହ୍ମ ସ୍ୱରୂପ ପ୍ରତିଷ୍ଠିତ କରିପାରେ ଅର୍ଥାତ୍ ମୋ ସହିତ ତାର ଶାଶ୍ୱତ ସମ୍ପର୍କ ପୁନଃପ୍ରତିଷ୍ଠିତ ହୋଇଯାଏ । ସେତେବେଳେ ସେ ହୋଇଯାଏ ସିଦ୍ଧ ଯୋଗୀଜନ । ଦେହ ଥାଇ ତାର ଦେହାଭିମାନ ନଥାଏ, ଚିତ୍ତ ଥାଇ ତାହା ବିଷୟ ବିମୁକ୍ତ ଥାଏ । ତାହା ସମ୍ପୂର୍ଣ୍ଣ ଭାବରେ ମୋର ଚରଣରେ ସମର୍ପିତ ଥାଏ । ସକଳ କାମନା ବାସନା ତ୍ୟାଗୀ ସେହି ସିଦ୍ଧ ଚରମ ଆନନ୍ଦରେ ନିତ୍ୟ ଭାସମାନ ଥାଏ । ସେ ମୋ ଭାବରେ ନିଶାସକ୍ତ ବ୍ୟକ୍ତି ପରି ଆତ୍ମ ବିସ୍ମୃତ ହୋଇଯାଏ । ସତ୍ତ୍ୱ, ରଜ ଓ ତମ ଗୁଣରୁ ଜୀବର ତିନି ଅବସ୍ଥା ଜାଗୃତି, ସ୍ୱପ୍ନ ଓ ସୁସୁପ୍ତି ଉତ୍ପନ୍ନ ହୋଇଥାଏ । ଏହା ଜୀବର ସ୍ୱାଭାବିକ ଧର୍ମ ନୁହେ ବରଂ ବୁଦ୍ଧିର ପରିଣାମ ମାତ୍ର । ଜୀବ ଏହି ତିନି ଅବସ୍ଥାର ସାକ୍ଷୀ ବୋଲି ଜ୍ଞାନୀମାନେ ଜୀବକୁ ସ୍ୱରୂପତ ଏହି ତିନି ଅବସ୍ଥାରୁ ଭିନ୍ନ ବୋଲି ନିର୍ଣ୍ଣୟ କରିଛନ୍ତି । ଏହି ତିନି ଅବସ୍ଥାର ସମାହାର ବା ସମଭାବକୁ ତୂରୀୟ ଅବସ୍ଥା କୁହାଯାଏ । ହେ ପୁତ୍ରଗଣ, ତୁମ ମନରେ ସଂଶୟ ହୋଇପାରେ, ଜୀବ ଯଦି ଉକ୍ତ ତିନି ଅବସ୍ଥାର ସାକ୍ଷୀ ତେବେ ମୁଁ ଘୁମେଇ ପଡିଥିଲି, ମୁଁ ଜାଗ୍ରତ ଅଛି ଇତ୍ୟାଦି ପ୍ରତୀତ ହୁଏ କିପରି ? ଏହାର ଉତ୍ତର ହେଉଛି, ଏହି ପ୍ରତୀତି ମଧ ତ୍ରିଗୁଣରୁ ସୃଷ୍ଟ ବୁଦ୍ଧି ଦ୍ୱାରା ହିଁ ସମ୍ଭବ ହୁଏ । ତେଣୁ ଉକ୍ତ ତିନି ଅବସ୍ଥାରେ ଅତୀତ ତୂରୀୟ ଅବସ୍ଥାରେ ସ୍ଥିତ ହୋଇ ବୁଦ୍ଧି ବା ଅହଂକାରର ବନ୍ଧନକୁ ଛିନ୍ନ କରିବ ଓ ପରମାତ୍ମା ସ୍ୱରୂପ ମୋତେ ପ୍ରାପ୍ତ ହେବ । ତାହା ହିଁ ହେବ ଯଥାର୍ଥରେ ଜୀବର ଜାଗ୍ରତ ଅବସ୍ଥା । ଅନ୍ୟଥା ସେ ନିଜକୁ ଜାଗ୍ରତ ବୋଲି ମନେ କଲେ ମଧ ସେ ଶୁପ୍ତ ବା ଅଜ୍ଞାନ । ସୁତରାଂ ହେ ପ୍ରିୟ ପୁତ୍ରଗଣ, ଭକ୍ତି ବଳରେ ତୂରୀୟ ଅବସ୍ଥାରେ ସ୍ଥିତ ହୋଇ ସର୍ବତ୍ର ଏକମାତ୍ର ମୋର ରୂପକୁ ପ୍ରତ୍ୟକ୍ଷ କର । ଏ ସଂସାର ରୂପକ ମାୟାବନ ମଧରେ ନଭ୍ରମି ମୋର ଚରଣରେ ଚିତ୍ତକୁ ଦୃଢ କର । ମନରୁ ସମସ୍ତ ସଂଶୟ ତ୍ୟାଗ କର । ମୁଁ ଅଣିମାଦି ଅଷ୍ଟନିଧିର ଅଧିକାରୀ । ମୁଁ ସର୍ବେଶ୍ୱର, ସର୍ବସ୍ରଷ୍ଟା, ସର୍ବଆଶ୍ରୟ, ଯଜ୍ଞସ୍ୱରୂପ ଯଜ୍ଞପତି । ମୁଁ ସର୍ବ ଜୀବର ଗତି ମୁକ୍ତିଦାତା, ପିତାମାତା, ପ୍ରିୟ ବନ୍ଧୁ, ସଖା, ସୋଦର, ସ୍ୱାମୀ ସର୍ବସ୍ୱ । ମୁଁ ହିଁ କେବଳ ସୂର୍ଯ୍ୟ ରୂପରେ ଉତ୍ତପ୍ତ କରି ଚନ୍ଦ୍ର ରୂପରେ ଶୀତଳ କରେ । ଅଗ୍ନି ରୂପରେ ପ୍ରଜ୍ୱଳିତ କରି ଜଳ ରୂପରେ ନିର୍ବାପିତ କରେ । ବାୟୁ ରୂପରେ ସଞ୍ଚାଳିତ ହୋଇ କାଳସର୍ପ ରୂପେ ଶୋଷଣ କରେ । ସଂସାରକୁ ତ୍ରିଗୁଣ ରଜ୍ଜୁରେ ବନ୍ଧନ କରି ଜ୍ଞାନ ପ୍ରେମ, ଯୋଗ ମାଧମରେ ମୁକ୍ତି ପ୍ରଦାନ କରେ । ହେ ଉଦ୍ଧବ ବ୍ରହ୍ମାଙ୍କର ଚାରି ପୁତ୍ର ମୋର ଉପଦେଶ ଶ୍ରବଣ କରି କୃତକୃତ୍ୟ ହେଲେ ଓ ମୋର ସ୍ତୁତିପାଠ କରି ବିଦାୟ ନେଲେ ।

### ୧୪ଶ ଅଧ୍ୟାୟ, ଭକ୍ତିର ଉତ୍କର୍ଷ ତଥା ଧାନ ବିଧି

ଭକ୍ତି ଲକ୍ଷଣ ଶ୍ରବଣ କରି ଉଦ୍ଧବ ଅତ୍ୟନ୍ତ ହୃଷ୍ଟ ଚିତ୍ତରେ କହିଲେ, ହେ ନାଥ, କମଳଲୋଚନ ! ଆପଣ ତ ଭକ୍ତି ଲକ୍ଷଣ ସବୁ ମୋତେ କହିଲେ, ଆଉ ମଧ କହିଲେ ଯେ ସର୍ବ ଧର୍ମ ତ୍ୟାଗ କରି ମୋର ପାଦପଦ୍ମ ଭଜନ କର । ମାତ୍ର ବେଦବାଦୀ ବ୍ୟକ୍ତି ଗଣ ମୁକ୍ତିଲାଭ ପାଇଁ ନାନା ସାଧନାର କଥା କହୁଛନ୍ତି । ସେ ସମସ୍ତ ସମାନ ଫଳଦାୟକ ବା ତହିଁରୁ କୌଣସି ଗୋଟାଏ ଶ୍ରେଷ୍ଠ । ମୋକ୍ଷ ଲକ୍ଷଣ ଧର୍ମ ଏକ ବା ଅନେକ । ଦୟାକରି ମୋର ସଂଶୟ ମୋଚନ କର । ଶ୍ରୀ ଭଗବାନ କହିଲେ,ହେ ଉଦ୍ଧବ ! ବେଦ ନାମରେ ଅଭିହିତ ରଚନାବଳି ପ୍ରଳୟ ସମୟରେ କାଳ ପ୍ରଭାବ ହେତୁ ନଷ୍ଟ ହୋଇଗଲା । ପୁଣି ସୃଷ୍ଟି ଆରମ୍ଭରେ ଯେଉଁ ବେଦବାଣୀରେ ମୋଠାରେ ଚିତ୍ତ ଅର୍ପଣ କରିବାର ଯେଉଁ ସହାୟକ ଧର୍ମ ନିର୍ଦ୍ଦେଶ ରହିଛି ତାହା ମୁଁ ବ୍ରହ୍ମାଙ୍କୁ ଯୋଗ ମାଧମରେ କହିଥିଲି । ବ୍ରହ୍ମା ତାଙ୍କର ପୁତ୍ର ସ୍ୱାୟମ୍ଭୁବ ମନୁଙ୍କୁ ତାହା ଶିକ୍ଷାଦେଲେ । ତାପରେ ଭୃଗୁ, ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ ଓ କ୍ରତୁ ଏହି ସପ୍ତର୍ଷିଙ୍କୁ ଏହି ବେଦବାଣୀ ଶିକ୍ଷାଦେଲେ । ପରେ ଦେବତା, ଦାନବ, ମାନବ, ସିଦ୍ଧ, ଗନ୍ଧର୍ବ, ବିଦ୍ୟାଧର, ଚାରଣ,କିନ୍ନର, ନାଗ, ରାକ୍ଷସ, କପି, କିଂପୁରୁଷ ଆଦି ଏହି ବେଦ ଶିକ୍ଷା ପ୍ରାପ୍ତ ହେଲେ । ତ୍ରିଗୁଣର ଉତ୍ପନ୍ନ ଏହି ସକଳ ଜୀବର ବାସନା ଅସଂଖ୍ୟ । ସେହି ସବୁ କାମନା ବାସନାର ବିଭିନ୍ନତା ହେତୁ ଜୀବମାନଙ୍କ ମଧରେ ଭେଦ ଉତ୍ପନ୍ନ ହେଲା ଓ ଚିନ୍ତା ବିଚାରରେ ପାର୍ଥକ୍ୟ ସୃଷ୍ଟି ହେଲା । ପ୍ରତ୍ୟେକ ନିଜର ସ୍ୱଭାବ ଅନୁସାରେ ବେଦର ବିଭିନ୍ନ ବ୍ୟାଖ୍ୟା କରିବାକୁ ଲାଗିଲେ । ଏହିପରି ଭାବରେ ନାନା ଗତି ସୃଷ୍ଟି ହେଲା ମାତ୍ର ତାହାର ପ୍ରକୃତ ତତ୍ତ୍ୱ କେହି ବୁଝିଲେ ନାହିଁ । ଏପରିକି ନିଜ ନିଜର କର୍ମ ଓ ରୁଚି ଅନୁସାରେ କେହି କେହି ପାଷାଣ୍ଡ ବେଦ ବିରୁଦ୍ଧ ମତ ମଧ ପୋଷଣ କଲେ । ମନୁଷ୍ୟର ପ୍ରକୃତି ବୈଚିତ୍ର୍ୟରୁ ତାର ବିଚାର ବୈଚିତ୍ର୍ୟ ମଧ ସଂଗଠିତ ହୁଏ । ଏମାନଙ୍କ ମଧରେ ମୀମାଂସକ ଗଣ ସ୍ୱର୍ଗ ପ୍ରାପ୍ତିର ସାଧନା ହିଁ ଧର୍ମ ମଧରେ ଶ୍ରେଷ୍ଠ ବୋଲି କହିଲେ । ମୁକ୍ତିକାମୀ ଗଣ ଭୋଗ ଓ ନିଷିଦ୍ଧ କର୍ମ ପରିତ୍ୟାଗ କରନ୍ତି । କବିଙ୍କ ମତରେ ଯଶ ହିଁ ପୁରୁଷାର୍ଥ । ଯେତେକାଳ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ପୁଣ୍ୟ କର୍ମ ସଂସାରରେ ଚର୍ଚ୍ଚିତ ହେଉଥାଏ ସେ ସେତେକାଳ ଆନନ୍ଦରେ ସ୍ୱର୍ଗ ଭୋଗକରେ । ବାତ୍ସାୟନ ପନ୍ଥୀମାନେ କାମୋପଭୋଗକୁ ଜୀବନର ସାର୍ଥକତା ବୋଲି ମନେ କରନ୍ତି । ଯୋଗୀଗଣ ସତ୍ୟ ଓ ଇନ୍ଦ୍ରିୟ ନିଗ୍ରହକୁ ପୁରୁଷାର୍ଥ ମନେ କରନ୍ତି । ଦଣ୍ଡ ନୀତିଜ୍ଞ ଐଶ୍ୱର୍ଯ୍ୟକୁ କାମ୍ୟ ମନେ କରନ୍ତି । ଚାର୍ବାକପନ୍ଥୀ ଶାସ୍ତ୍ର ବିଧାନ ଅସ୍ୱୀକାର କରି କେବଳ ବିଷୟ ଭୋଗକୁ ଶ୍ରେୟସ୍କର ମନେକରନ୍ତି । ବେଦର କେବଳ କର୍ମକାଣ୍ଡ ଅନୁସରଣକାରୀ ତୀର୍ଥ ଗମନ ଓ ଯଜ୍ଞକୁ ହିଁ ଶ୍ରେଷ୍ଠ ସ୍ଥାନ ଦିଅନ୍ତି । ବ୍ରତଚାରୀ ବ୍ୟକ୍ତି ଦେବପୂଜା, ତପସ୍ୟା, ସତ୍ୟ, ଶ୍ରମଦାନକୁ ଶ୍ରେଷ୍ଠକର୍ମଭାବେ ବିଚାର କରନ୍ତି ମାତ୍ର ଏ ସକଳ କର୍ମ ସାଧନର ଫଳ ତୁଚ୍ଛ ଓ ଅସ୍ଥାୟୀ । କର୍ମ ସରିଲେ ଫଳ କ୍ରମେ କ୍ଷୟ ହୋଇ କେବଳ କ୍ଳେଶ ହିଁ ଅବଶେଷ ରହେ । ଏହା ମୋହ ଉତ୍ପାଦକ ଓ ତୁଚ୍ଛ ଆନନ୍ଦଦାୟକ । ହେ ଉଦ୍ଧବ, ତୁମେ ଏହା ଭଲଭାବେ ବୁଝିରଖ ଏ ମାୟା ସଂସାରରୂପୀ ଗହନ ବନରେ ପ୍ରାଣୀ ବେଦ ବୃତ୍ତାନ୍ତ ସମ୍ୟକ ଭାବେ ହୃଦୟଙ୍ଗମ କରି ପ୍ରକୃତ ପଥ ସ୍ଥିର କରିପାରନ୍ତି , ସେମାନେ ପଥବଣା ହୋଇଯାନ୍ତି । ସକଳ ବେଦର ସାରତତ୍ତ୍ୱ ମୋହରିଠାରେ ନିହିତ । ସମସ୍ତ ବେଦବିଧାନ ମୋହରି ଚରଣ ସେବାରେ ହିଁ ପର୍ଯ୍ୟବେଶିତ । ହେ ଉଦ୍ଧବ, ତୁମେ ଉଦ୍‌ଭ୍ରାନ୍ତ ନହୋଇ ମୋତେ ହିଁ ସର୍ବତୋଭାବେ ଆଶ୍ରୟ କର । ଯେଉଁ ବ୍ୟକ୍ତି ମୋ ଚରଣରେ ଅନ୍ତରର ଭକ୍ତି ନିବେଦନ କରିଛନ୍ତି ସେ ସମସ୍ତ ବେଦ ବିଧାନ ପାଳନ କରିଛନ୍ତି ବୋଲି ବୁଝିବ । ଯେ ମୋଠାରେ ମନ ଲଗାଇଛନ୍ତି ତାଙ୍କୁ ବିଷୟ ଆକୃଷ୍ଟ କରିପାରେନା ବରଂ ସେ ଅନିର୍ବଚନୀୟ ଆନନ୍ଦ ପାଇଥାନ୍ତି । ମୋ ଭକ୍ତର ଇନ୍ଦ୍ରିୟ ସକଳ ବଶୀଭୂତ ଏବଂ ମନ ସଂଯତ, ବିଷୟ ପ୍ରତି ଆସକ୍ତି କି ବିରକ୍ତି ନଥାଏ । ତା ନିକଟରେ ଭସ୍ମ ବିଲୋପନ ବା ଚନ୍ଦନର, କୌପୀନ ବା ମହାର୍ଘ ପାଟବସ୍ତ୍ରର କୌଣସି ଅର୍ଥ ନଥାଏ । ମୋର ଭକ୍ତ ନିକଟରେ ପାର୍ଥୀବ ସୁଖର ଅର୍ଥ କିଛିନାହିଁ ବରଂ ସେ ମୋର ସାନିଧ ବ୍ୟତୀତ ଅନ୍ୟ କିଛି ଚାହେଁନା ଏ ପରିକି ବ୍ରହ୍ମପଦ କି ମୁକ୍ତି ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରିଙ୍ଗ

# ସମୟର ନୀରବ ଶିକ୍ଷା



ଶ୍ୱେତା ରାଉତ୍

ଜୀବନ ଏକ ଅଦ୍ଭୁତ ପାଠଶାଳା। ଏହି ପାଠଶାଳାରେ ଆମେ ପ୍ରତିଦିନ କିଛି ନା କିଛି ଶିଖୁ। ଏଠାରେ ପାଠ ପଢ଼ାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷକ ନଥାନ୍ତି, ଘଣ୍ଟା ବାଜେ ନାହିଁ, ପରୀକ୍ଷାର ତାରିଖ ମଧ ଘୋଷଣା ହୁଏ ନାହିଁ। ତଥାପି ଜୀବନର ପ୍ରତ୍ୟେକ ଘଟଣା, ପ୍ରତ୍ୟେକ ଅନୁଭବ, ପ୍ରତ୍ୟେକ ସମ୍ପର୍କ ଓ ପ୍ରତ୍ୟେକ ମୁହୂର୍ତ୍ତ ଆମକୁ ଏକ ନୂଆ ପାଠ ପଢ଼ାଇଥାଏ। କେତେକ ଶିକ୍ଷା ଆମକୁ ହସିହସି ମିଳେ, ଆଉ କେତେକ ଶିକ୍ଷା ଲୁହ ଦେଇ ଶିଖାଏ।

ଜୀବନର ସବୁଠାରୁ ବଡ଼ ବିଶେଷତା ହେଉଛି, ଏଠାରେ କୌଣସି ଅନୁଭବ ବ୍ୟର୍ଥ ଯାଏ ନାହିଁ। ଆମେ ଯେଉଁ ମଣିଷଙ୍କୁ ଭେଟୁ, ଯେଉଁ ପରିସ୍ଥିତି ଦେଇ ଗତି କରୁ ଏବଂ ଯେଉଁ ଘଟଣାର ସମ୍ମୁଖୀନ ହେଉ, ସେସବୁ ଆମ ବ୍ୟକ୍ତିତ୍ୱକୁ ଗଢ଼ିଥାଏ। ଆଜି ଯେଉଁ ଘଟଣାକୁ ଆମେ ଦୁଃଖଦ ବୋଲି ଭାବୁଛୁ, ହୁଏତ କିଛି ବର୍ଷ ପରେ ସେହି ଘଟଣା ଆମକୁ ଜୀବନର ସବୁଠାରୁ ବଡ଼ ଶିକ୍ଷା ଦେଇଥିଲା ବୋଲି ଅନୁଭବ କରିବା।

ସୁଖର ସମୟ ଆମକୁ ଜୀବନକୁ ଉପଭୋଗ କରିବା ଶିଖାଏ, କିନ୍ତୁ ଦୁଃଖର ସମୟ ଆମକୁ ଜୀବନକୁ ବୁଝିବା ଶିଖାଏ। ସଫଳତା ଆମକୁ ଆତ୍ମବିଶ୍ୱାସ ଦିଏ, ଆଉ ବିଫଳତା ଆମକୁ ନିଜର ଦୁର୍ବଳତା ଚିହ୍ନିବାର ସୁଯୋଗ ଦିଏ। ତେଣୁ ବିଫଳତାକୁ ଜୀବନର ଶେଷ ବୋଲି ଭାବିବା ଉଚିତ ନୁହେଁ। ବିଫଳତା ଅନେକ ସମୟରେ ସଫଳତାଠାରୁ ଅଧିକ ଗଭୀର ଶିକ୍ଷା ଦିଏ।

ଜୀବନରେ ଆମେ ଅନେକ ଲୋକଙ୍କୁ ଭେଟୁ। କେହି ଆମ ସହ ଦୀର୍ଘ ସମୟ ରୁହନ୍ତି, କେହି କିଛି ସମୟ ପାଇଁ ଆସନ୍ତି ଏବଂ ପୁଣି ଦୂରେଇଯାଆନ୍ତି। କେହି ଆମକୁ ଭଲପାଇବା ଶିଖାନ୍ତି, କେହି ବିଶ୍ୱାସ କରିବା ଶିଖାନ୍ତି, ଆଉ କେହି ଆମକୁ ସତର୍କ ରହିବାର ଶିକ୍ଷା ଦିଅନ୍ତି। କେତେକ ସମ୍ପର୍କ ଆମକୁ ଜୀବନର ସୁନ୍ଦରତମ ସ୍ମୃତି ଦେଇଯାଏ, ଆଉ କେତେକ ସମ୍ପର୍କ ଆମକୁ ଶିଖାଇଦିଏ ଯେ ପ୍ରତ୍ୟେକ ଲୋକଙ୍କୁ ଅନ୍ଧଭାବରେ ବିଶ୍ୱାସ କରିବା ଠିକ୍ ନୁହେଁ।

ସମୟ ମଧ ଜଣେ ନିରବ ଶିକ୍ଷକ।

ସମୟ ଆମକୁ ଶିଖାଏ ଯେ କୌଣସି ପରିସ୍ଥିତି ସ୍ଥାୟୀ ନୁହେଁ। ଆଜିର ଦୁଃଖ ଚିରଦିନ ରହିବ ନାହିଁ, ଆଜିର ସଫଳତା ମଧ ସବୁଦିନ ଏକାପରି ରହିବ ନାହିଁ। ସମୟ ବଦଳେ, ପରିସ୍ଥିତି ବଦଳେ, ମଣିଷ ବଦଳେ ଏବଂ ଜୀବନ ମଧ ନୂଆ ରୂପ ନିଏ। ତେଣୁ ଭଲ ସମୟରେ ଅହଂକାର ନକରିବା ଏବଂ ଖରାପ ସମୟରେ ହତାଶ ନହେବା,ଏହା ହେଉଛି ସମୟର ଏକ ବଡ଼ ଶିକ୍ଷା ।ସମୟ ଆମକୁ ଧୈର୍ଯ୍ୟର ମୂଲ୍ୟ ମଧ ବୁଝାଏ। ଆମେ ଯାହା ଚାହୁଁଛୁ, ତାହା ସବୁବେଳେ ତୁରନ୍ତ ମିଳେ ନାହିଁ। କେତେକ ସ୍ୱପ୍ନ ପୂରଣ ପାଇଁ ସମୟ ଲାଗେ, କେତେକ ପାଇଁ ଦୀର୍ଘ ପ୍ରତୀକ୍ଷା କରିବାକୁ ପଡ଼େ। ଏହି ପ୍ରତୀକ୍ଷାର ସମୟ ଆମକୁ ଧୈର୍ଯ୍ୟ, ଆତ୍ମନିୟନ୍ତ୍ରଣ ଓ ଆଶା ଶିଖାଏ ।ଆଧ୍ୟାତ୍ମିକ ଦୃଷ୍ଟିରୁ ଜୀବନର ପ୍ରତ୍ୟେକ ଘଟଣାକୁ ଏକ ଶିକ୍ଷା ଭାବେ ଗ୍ରହଣ କରିପାରିଲେ ମନରେ ଶାନ୍ତି ଆସେ। ଭଲ ଘଟିଲେ ଈଶ୍ୱରଙ୍କୁ ଧନ୍ୟବାଦ ଦେବା, ଖରାପ ଘଟିଲେ ସେଥିରୁ ଶିଖିବା ଏବଂ ଆଗକୁ ବଢ଼ିବା ।ଏହି ମନୋଭାବ ମଣିଷକୁ ଭିତରୁ ଶକ୍ତିଶାଳୀ କରେ। ଆମେ ସବୁକିଛି ବୁଝିପାରୁନଥାଉ, କିନ୍ତୁ ସମୟ ଅନେକ ଉତ୍ତର ନିଜେ ଦେଇଥାଏ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପାରମ୍ପରିକ ଚିକିତ୍ସା ପଦ୍ଧତି ଆୟୁର୍ବେଦିକ୍ ଆଧୁନିକ ଚିକିତ୍ସାର ପରିପୂରକ : ଜାଣନ୍ତୁ ଏହାର ବ୍ୟବହାର

**ରୋଗ ହେବା ପରେ ଚିକିତ୍ସା କରିବା ଅପେକ୍ଷା ରୋଗକୁ ପୂର୍ବରୁ ଚିହ୍ନଟ କରି ଏହାକୁ ରୋକିବା ଉପରେ ଏବେ ସାରା ବିଶ୍ୱର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅଧିକ ଗୁରୁତ୍ୱ ଦେଉଛି। ପୁଷ୍ଟିକର ଖାଦ୍ୟ, ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ନିଦ୍ରା, ମାନସିକ ଚାପ ନିୟନ୍ତ୍ରଣ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏହି ପ୍ରତିଷେଧକ ସ୍ୱାସ୍ଥ୍ୟସେବାର ମୁଖ୍ୟ ଅଂଶ ପାଲଟିଛି। ଏଭଳି ସ୍ଥିତିରେ ପାରମ୍ପରିକ ଚିକିତ୍ସା ପଦ୍ଧତି ଆୟୁର୍ବେଦକୁ ଆଧୁନିକ ଚିକିତ୍ସାର ପରିପୂରକ ଭାବେ କିପରି ବ୍ୟବହାର କରାଯାଇପାରିବ, ତାହା ନେଇ ଆଲୋଚନା ବଢ଼ୁଛି।**

**ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ, ବିଶ୍ୱରେ ହେଉଥିବା ମୋଟ ମୃତ୍ୟୁର ପ୍ରାୟ ୭୪ ପ୍ରତିଶତ ଅଣ-ସଂକ୍ରାମକ ରୋଗ ଯୋଗୁଁ ହୋଇଥାଏ। ମଧୁମେହ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଭଳି ଜୀବନଶୈଳୀ ସହ ଜଡିତ ରୋଗ ଦିନକୁ ଦିନ ବଢ଼ୁଥିବାରୁ ପ୍ରତିଷେଧକ ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ମଧ ବଢ଼ିଛି।**



୧.ରୋଗ ହେବା ପୂର୍ବରୁ ସତର୍କତା
ଆଧୁନିକ ଚିକିତ୍ସା ବିଜ୍ଞାନ ରୋଗ ନିରାକରଣ, ଅସ୍ତ୍ରୋପଚାର ଏବଂ ଔଷଧ କ୍ଷେତ୍ରରେ ବହୁତ ଅଗ୍ରଗତି କରିଛି। ତଥାପି ଅନେକ ଦୀର୍ଘକାଳୀନ ରୋଗ ଖରାପ ଖାଦ୍ୟାଭ୍ୟାସ, ଶାରୀରିକ ନିଷ୍କ୍ରିୟତା, ତମାଖୁ ଓ ମଦ୍ୟପାନ, ଅଧିକ ଚାପ ଏବଂ ନିଦ୍ରା ଅଭାବ ସହ ଜଡିତ। ତେଣୁ ନିୟମିତ ରକ୍ତଚାପ ଓ ରକ୍ତଶର୍କରା ପରୀକ୍ଷା, ସ୍ୱାସ୍ଥ୍ୟ ସ୍କ୍ରିନିଂ, ସନ୍ତୁଳିତ ଖାଦ୍ୟ, ବ୍ୟାୟାମ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ରୋଗ ଗୁରୁତର ହେବା ପୂର୍ବରୁ ବିପଦକୁ ଚିହ୍ନଟ କରିବା ହେଉଛି ପ୍ରତିଷେଧକ ସ୍ୱାସ୍ଥ୍ୟସେବାର ମୁଖ୍ୟ ଲକ୍ଷ୍ୟ।

ବର୍ତ୍ତମାନ ଆୟୁର୍ବେଦ, ଯୋଗ ଓ ଧ୍ୟାନ ଭଳି ପାରମ୍ପରିକ ପଦ୍ଧତି ପ୍ରତି ମଧ ଲୋକଙ୍କ ଆଗ୍ରହ ବଢ଼ୁଛି। ଆୟୁର୍ବେଦରେ ଖାଦ୍ୟାଭ୍ୟାସ, ଦୈନନ୍ଦିନ ଜୀବନଶୈଳୀ, ନିଦ୍ରା, ଶାରୀରିକ କାର୍ଯ୍ୟକଳାପ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଏ। ଯୋଗ, ଧ୍ୟାନ ଏବଂ ଜୀବନଶୈଳୀରେ ସୁଧାର ଭଳି ଅଭ୍ୟାସଗୁଡ଼ିକ ଚାପ ନିୟନ୍ତ୍ରଣ ଓ ସାମଗ୍ରିକ ସୁସ୍ଥତାରେ ସହାୟକ ହୋଇପାରେ। ତେବେ ଏହାର ଅର୍ଥ ନୁହେଁ ଯେ ଆୟୁର୍ବେଦ ଆଧୁନିକ ଚିକିତ୍ସାର ବିକଳ୍ପ ହୋଇଯିବ।

୨.ଆଧୁନିକ ଚିକିତ୍ସା ସହ ଆୟୁର୍ବେଦର ସମନ୍ୱୟ
ବିଶେଷଜ୍ଞମାନଙ୍କ ମତରେ, ଆୟୁର୍ବେଦ ଓ ଆଧୁନିକ ଚିକିତ୍ସାକୁ ପରସ୍ପରର ବିକଳ୍ପ ଭାବେ ଦେଖିବା ପରିବର୍ତ୍ତେ, ପ୍ରମାଣ ଆଧାରରେ ଉଭୟର ଉପଯୋଗୀ ଦିଗକୁ ସମନ୍ୱୟ କରାଯାଇପାରେ। ଉଦାହରଣ ସ୍ୱରୂପ, ମଧୁମେହ କିମ୍ବା ଉଚ୍ଚ ରକ୍ତଚାପରେ ପୀଡ଼ିତ ଜଣେ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଓ ଚିକିତ୍ସା ଜାରି ରଖିବା ସହିତ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ଯୋଗ, ଧ୍ୟାନ ଓ ଚାପ ନିୟନ୍ତ୍ରଣ ଭଳି ଜୀବନଶୈଳୀ ପଦକ୍ଷେପ ଗ୍ରହଣ କରିପାରନ୍ତି। ତେବେ କୌଣସି ଗମ୍ଭୀର କିମ୍ବା ଦୀର୍ଘକାଳୀନ ରୋଗରେ ଡାକ୍ତରଙ୍କ ପରାମର୍ଶ ବିନା ଆଧୁନିକ ଔଷଧ ବନ୍ଦ କରି କେବଳ ଆୟୁର୍ବେଦିକ ଚିକିତ୍ସା ଉପରେ ନିର୍ଭର କରିବା ଉଚିତ ନୁହେଁ।

୩.ପ୍ରମାଣ ଆଧାରିତ ଚିକିତ୍ସା ଜରୁରୀ
ଆୟୁର୍ବେଦିକ ପଦ୍ଧତିର ଲୋକପ୍ରିୟତା ବଢ଼ୁଥିଲେ ମଧ ପ୍ରତ୍ୟେକ ଚିକିତ୍ସା ପଦ୍ଧତିର ପ୍ରଭାବ ଓ ସୁରକ୍ଷାକୁ ବୈଜ୍ଞାନିକ ଅନୁସନ୍ଧାନ ମାଧ୍ୟମରେ ପରୀକ୍ଷା କରିବା ଆବଶ୍ୟକ। ଉଚ୍ଚମାନର କ୍ଲିନିକାଲ୍ ଅଧ୍ୟୟନ, ସୁରକ୍ଷା ନିରୀକ୍ଷଣ ଓ ବୈଜ୍ଞାନିକ ମୂଲ୍ୟାୟନ ମାଧ୍ୟମରେ କେଉଁ ପଦ୍ଧତି ପ୍ରକୃତରେ ଲାଭଦାୟକ, ତାହା ଜାଣିହେବ। ବିଶେଷକରି ପଞ୍ଚକର୍ମ କିମ୍ବା ଅନ୍ୟାନ୍ୟ ଆୟୁର୍ବେଦିକ ଚିକିତ୍ସାକୁ ବ୍ୟାପକ ଚିକିତ୍ସା ବ୍ୟବସ୍ଥାରେ ସାମିଲ କରିବା ପୂର୍ବରୁ ଏହାର ସୁରକ୍ଷା, ପ୍ରଭାବ, ମାନକୀକରଣ ଓ ରୋଗୀ ଚୟନ ଭଳି ଦିଗକୁ ଗୁରୁତ୍ୱ ଦେବା ଦରକାର।

ମାନସିକ ଚାପ, ନିଦ୍ରା ଅଭାବ ଓ ଭାବନାତ୍ମକ ଚାପ ମଧ ଜଣେ ବ୍ୟକ୍ତିର ସାମଗ୍ରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ।

ଯୋଗ ଓ ଧ୍ୟାନ ଭଳି ଅଭ୍ୟାସ ଚାପ ପରିଚାଳନା ଓ ମାନସିକ ସୁସ୍ଥତାରେ କିପରି ସହାୟକ ହୋଇପାରେ, ଏନେଇ ମଧ ଆଧୁନିକ ଗବେଷଣା ଜାରି ରହିଛି। ତେଣୁ ଶାରୀରିକ ସ୍ୱାସ୍ଥ୍ୟ ସହ ମାନସିକ ସୁସ୍ଥତାକୁ ମଧ ପ୍ରତିଷେଧକ ସ୍ୱାସ୍ଥ୍ୟସେବାର ଅଂଶ କରିବା ଆବଶ୍ୟକ। ସ୍ୱାସ୍ଥ୍ୟସେବାର ଭବିଷ୍ୟତ କେବଳ ରୋଗ ହେବା ପରେ ଚିକିତ୍ସା ଉପରେ ନିର୍ଭର କରିବ ନାହିଁ। ବରଂ ରୋଗର ବିପଦକୁ ପୂର୍ବରୁ ଚିହ୍ନଟ କରିବା, ସୁସ୍ଥ ଜୀବନଶୈଳୀ ଗଢ଼ିବା ଓ ବ୍ୟକ୍ତିର ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟସେବା ଦେବା ଉପରେ ଅଧିକ ଗୁରୁତ୍ୱ ରହିବ।

# ନୂତନ ଖଣି ଆଇନ ୨୦୨୬: ରାଜ୍ୟ ହାତରୁ କେନ୍ଦ୍ରକୁ କ୍ଷମତା ହସ୍ତାନ୍ତର

ଭାରତର ବିପୁଳ ଖଣିଜ ସମ୍ପଦ ଉପରେ ପ୍ରକୃତରେ କାହାର ଅଧିକାର ରହିବା ଉଚିତ ଏବଂ ଏହାର ପରିଚାଳନା କିପରି ହେବା ଦରକାର, ତାହାକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦ ଏବେ ଏକ ନୂତନ ତଥା ନିର୍ଣ୍ଣାୟକ ମୋଡ଼ ନେଇଛି । ନିକଟରେ ସଂସଦର ଉଭୟ ଗୃହରେ ପାରିତ ହୋଇଥିବା ଖଣି ଏବଂ ଖଣିଜ (ଉନ୍ନୟନ ଏବଂ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬ ବା ଏମଏମଡିଆର ବିଲ୍ ଏହି ଦିଗରେ ଏକ ଯୁଗାନ୍ତକାରୀ ତଥା ବିତର୍କିତ ପଦକ୍ଷେପ ଭାବରେ ଉଭା ହୋଇଛି । ଏହି ନୂତନ ଆଇନ ମାଧ୍ୟମରେ କେନ୍ଦ୍ର ସରକାର ଖଣିଜ ସମ୍ପଦ ଭରା ଜମି ଉପରେ ନିଜର ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କରିବା ସହିତ ରାଜ୍ୟମାନଙ୍କର ଟିକସ ଆଦାୟ କ୍ଷମତାକୁ ସୀମିତ କରିବାକୁ ପ୍ରୟାସ କରିଛନ୍ତି । ଏହି ପଦକ୍ଷେପ ଫଳରେ ଖଣି କ୍ଷେତ୍ରର ନିୟନ୍ତ୍ରଣ କ୍ଷମତା ରାଜ୍ୟମାନଙ୍କ ହାତରୁ ଖସି କେନ୍ଦ୍ର ସରକାରଙ୍କ ନିକଟରେ ଅଧିକ କେନ୍ଦ୍ରୀଭୂତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ବିଲ୍‌ର ମୂଳ ଲକ୍ଷ୍ୟ ହେଉଛି ଖଣି କ୍ଷେତ୍ରରେ ଏକ ସମାନ, ସ୍ୱଚ୍ଛ ଏବଂ ପୂର୍ବାନୁମାନଯୋଗ୍ୟ ଟିକସ ବ୍ୟବସ୍ଥା ଲାଗୁ କରିବା, ଯାହା ଦ୍ୱାରା ଦେଶରେ ପୁଞ୍ଜିନିବେଶ ବୃଦ୍ଧି ପାଇବ ଏବଂ ଜାତୀୟ ଅର୍ଥନୀତି ସୁଦୃଢ଼ ହେବ । ତେବେ ଏହା ଭାରତୀୟ ସଂଘୀୟ ବ୍ୟବସ୍ଥା କିମ୍ବା କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ କି ପ୍ରକାର ପ୍ରଭାବ ପକାଇବ, ତାହା ବର୍ତ୍ତମାନ ସମୟରେ ଏକ ଗଭୀର ବିଶ୍ଳେଷଣର ବିଷୟ ପାଲଟିଛି ।

ଏହି ନୂତନ ବିଲ୍ ଆସିବାର ପ୍ରକୃତ ପୃଷ୍ଠଭୂମିକୁ ବୁଝିବାକୁ ହେଲେ ଆମକୁ ପ୍ରଥମେ ୨୦୨୪ ମସିହା ଜୁଲାଇ ମାସରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଏକ ଐତିହାସିକ ରାୟ ଉପରେ ନଜର ପକାଇବାକୁ ହେବ । ମିନେରାଲ୍ ଏରିଆ ଡେଭେଲପମେଣ୍ଟ ଅଥରିଟି ବନାମ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ମାମଲାରେ ସୁପ୍ରିମକୋର୍ଟଙ୍କ ଏକ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୮:୧ ବହୁମତରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ । କୋର୍ଟ ନିଜ ରାୟରେ ସ୍ପଷ୍ଟ କରିଥିଲେ ଯେ ଖଣିଜ ଦ୍ରବ୍ୟ ଉପରେ ଆଦାୟ ହେଉଥିବା 'ରୟାଲଟି' କୌଣସି ପ୍ରକାରର ଟିକସ ନୁହେଁ, ବରଂ ଏହା ଖଣି ଲିଜ୍ ସର୍ତ୍ତାବଳୀରୁ ଉତ୍ପନ୍ନ ଏକ ଚୁକ୍ତିଭିତ୍ତିକ ଦେୟ ଅଟେ । ସବୁଠାରୁ ବଡ଼ କଥା ହେଲା, କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ସମ୍ବିଧାନର ରାଜ୍ୟ ତାଲିକା ଅନୁଯାୟୀ ଖଣିଜ ସମ୍ପଦ ଭରା ଜମି ଏବଂ ଖଣିଜ ଅଧିକାର ଉପରେ ଟିକସ ଲଗାଇବାର ସାମ୍ବିଧାନିକ କ୍ଷମତା କେବଳ ରାଜ୍ୟ ବିଧାନସଭାମାନଙ୍କର ରହିଛି ଏବଂ କେନ୍ଦ୍ରର ଏମଏମଡିଆର ଆଇନ ଏହି କ୍ଷମତାକୁ ଛଡ଼ାଇ ନେଇପାରିବ ନାହିଁ । ଏହି ରାୟ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ଭଳି ଖଣିଜ ସମ୍ପଦରେ ଭରପୂର ରାଜ୍ୟମାନଙ୍କ ପାଇଁ ଏକ ବିରାଟ ବିଜୟ ସଦୃଶ ଥିଲା, କାରଣ ଏହା ସେମାନଙ୍କୁ ନିଜ ରାଜ୍ୟର ବିକାଶ ପାଇଁ ଅତିରିକ୍ତ ଟିକସ ଏବଂ ସେସ୍ ଆଦାୟ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଥିଲା । ଏପରିକି ପୁରୁଣା ବକେୟା ଟିକସ ଆଦାୟ କରିବା ପାଇଁ ମଧ୍ୟ ରାଜ୍ୟମାନଙ୍କୁ କୋର୍ଟଙ୍କ ତରଫରୁ ଅନୁମତି ମିଳିଥିଲା । କିନ୍ତୁ ଏହି ରାୟ ଖଣି ଶିଳ୍ପ, ବିଭିନ୍ନ ଉତ୍ପାଦନକାରୀ ସଂସ୍ଥା ଏବଂ କେନ୍ଦ୍ର ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ତଥା ଆର୍ଥିକ ସଙ୍କଟ ସୃଷ୍ଟି କରିଥିଲା ।

ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ଦେଶର ବିଭିନ୍ନ ରାଜ୍ୟ ନିଜ ନିଜର ଆର୍ଥିକ ଆବଶ୍ୟକତା ଅନୁଯାୟୀ ଖଣିଜ ଦ୍ରବ୍ୟ ଉପରେ ମନଇଚ୍ଛା ଟିକସ ଲଗାଇବା ଆରମ୍ଭ କରିଦେଲେ। ସରକାରୀ ତଥ୍ୟ ଅନୁଯାୟୀ, ଖଣି କ୍ଷେତ୍ର ଉପରେ ବର୍ତ୍ତମାନ ପ୍ରାୟ ୧୪ ପ୍ରକାରର ବିଭିନ୍ନ ଟିକସ ଏବଂ ଶୁଳ୍କ ଲାଗୁ କରାଯାଉଛି, ଯେଉଁଥିରେ ରୟାଲଟି, ନିଲାମ ପ୍ରିମିୟମ, ଡେଡ୍ ରେଣ୍ଟ, ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେସନ୍ (ଡିଏମଏଫ) ଦେୟ, ଜିଏସଟି ଏବଂ ପରିବହନ ଶୁଳ୍କ ଆଦି ଅନ୍ତର୍ଭୁକ୍ତ । ଏହା ସହିତ କିଛି ରାଜ୍ୟ ଖଣିଜ ଜମି ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ସେସ୍ ଲଗାଇବା ଆରମ୍ଭ କରିଦେଲେ । ଏହି ବହୁମୁଖୀ ଏବଂ ଅନିୟମିତ ଟିକସ ବ୍ୟବସ୍ଥା ଯୋଗୁଁ ଖଣିଜ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଲା । ଲୁହାପଥର, କୋଇଲା, ବକ୍ସାଇଟ୍ ଏବଂ ଚୂନପଥର ଭଳି ମୌଳିକ ଖଣିଜ ଦ୍ରବ୍ୟର ଦାମ୍ ବଢ଼ିବା ଫଳରେ ଇସ୍ପାତ, ସିମେଣ୍ଟ, ବିଦ୍ୟୁତ୍ ଏବଂ ଭିତ୍ତିଭୂମି ନିର୍ମାଣ ଭଳି ଶିଳ୍ପଗୁଡ଼ିକ ଉପରେ ଏହାର ସିଧାସଳଖ ନକାରାତ୍ମକ ପ୍ରଭାବ ପଡ଼ିଲା । ସରକାରୀ ରିପୋର୍ଟ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୧୦.୧୨ ଲକ୍ଷ କୋଟି ଟଙ୍କାର ଖଣିଜ ଦ୍ରବ୍ୟ ବିଦେଶରୁ ଆମଦାନୀ କରିଛି, ଯାହାକି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଏକ ବିରାଟ ଆର୍ଥିକ ଚାପ ସୃଷ୍ଟି କରିଛି । ଦେଶ ଭିତରେ ଖଣିଜ ଦ୍ରବ୍ୟର ଦାମ୍ ବଢ଼ିଗଲେ ଘରୋଇ ଶିଳ୍ପଗୁଡ଼ିକ ଅନ୍ତର୍ଜାତୀୟ ବଜାରରେ ପ୍ରତିଯୋଗିତା କରିପାରିବେ ନାହିଁ ଏବଂ ବିଦେଶୀ ଆମଦାନୀ ଉପରେ ଦେଶର ନିର୍ଭରଶୀଳତା ଆହୁରି ବଢ଼ିଯିବ । ଏହି ଗମ୍ଭୀର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଦେଶର ଅର୍ଥନୀତିକୁ ରକ୍ଷା କରିବା ପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ସ୍ୱରୂପ ଏମଏମଡିଆର ସଂଶୋଧନ ବିଲ୍, ୨୦୨୬ ଆଣିବାକୁ ବାଧ୍ୟ ହେଲେ ।

ଏହି ନୂତନ ବିଲ୍‌ରେ କେତେକ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଦୂରଗାମୀ ବ୍ୟବସ୍ଥା କରାଯାଇଛି ଯାହା ରାଜ୍ୟମାନଙ୍କର ଆର୍ଥିକ କ୍ଷମତାକୁ ସିଧାସଳଖ ପ୍ରଭାବିତ କରିବ । ପ୍ରଥମତଃ, ଏହି ବିଲ୍ ଅନୁଯାୟୀ ଖଣିଜ ସମ୍ପଦ ଥିବା ସମସ୍ତ ଜମିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ପରିସରଭୁକ୍ତ କରାଯାଇଛି । ଦ୍ୱିତୀୟତଃ, କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ କିମ୍ବା କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ ନକରି ରାଜ୍ୟମାନେ ନିଜ ଇଚ୍ଛାରେ ଖଣିଜ ଦ୍ରବ୍ୟର ମୂଲ୍ୟ, ଉତ୍ତୋଳନ ପରିମାଣ କିମ୍ବା ରୟାଲଟି ଆଧାରରେ କୌଣସି ନୂତନ ଟିକସ କିମ୍ବା ସେସ୍ ଲଗାଇପାରିବେ ନାହିଁ । ତୃତୀୟ ଏବଂ ସବୁଠାରୁ ବିବାଦୀୟ ଦିଗଟି ହେଉଛି ଏହାର ପିଛିଲା ପ୍ରଭାବ ବା ରେଟ୍ରୋସ୍ପେକ୍ଟିଭ୍ ନିୟମ ସମ୍ପର୍କିତ ବ୍ୟବସ୍ଥା । ଏହି ନୂତନ ଆଇନ ଲାଗୁ ହେବା ପୂର୍ବରୁ ରାଜ୍ୟମାନେ ଲଗାଇଥିବା କିନ୍ତୁ ଆଦାୟ କରିନଥିବା ସମସ୍ତ ବକେୟା ଟିକସକୁ ଏହି ବିଲ୍ ମାଧ୍ୟମରେ ସମ୍ପୂର୍ଣ୍ଣ ରୂପେ ବାତିଲ କରିଦିଆଯାଇଛି । ଅବଶ୍ୟ, ଏଥିରେ ସ୍ପଷ୍ଟ କରାଯାଇଛି ଯେ ରାଜ୍ୟମାନେ ଯେଉଁ ଟିକସ ପୂର୍ବରୁ ଆଦାୟ କରିସାରିଛନ୍ତି, ତାହାକୁ ସେମାନଙ୍କୁ ଆଉ ଫେରାଇବାକୁ ପଡ଼ିବ ନାହିଁ । କେନ୍ଦ୍ର ସରକାରଙ୍କ ଦୃଢ଼ ଯୁକ୍ତି ହେଉଛି ଯେ ଯଦି ପିଛିଲା ତାରିଖରୁ ବିପୁଳ ପରିମାଣର ଟିକସ ଆଦାୟ କରାଯାଏ, ତେବେ ଅନେକ ଖଣି କମ୍ପାନୀ ଦେବାଳିଆ ହୋଇଯିବେ ଏବଂ ଦେଶରେ ନୂତନ ପୁଞ୍ଜିନିବେଶ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ । ତେଣୁ ଖଣି ଏବଂ ଶିଳ୍ପ ଜଗତରେ ବ୍ୟବସାୟିକ ଆସ୍ଥା ଫେରାଇ ଆଣିବା ପାଇଁ ଏହି ଆଇନଗତ ସୁରକ୍ଷା କବଚ ଅତ୍ୟନ୍ତ ଜରୁରୀ ଥିଲା ।

ଏହି ବିଲ୍ ପଛରେ ଥିବା ବୃହତ୍ତର ଆର୍ଥିକ ଏବଂ ରଣନୈତିକ ବିଶ୍ଳେଷଣ କଲେ ସ୍ପଷ୍ଟ ଜଣାଯାଏ ଯେ ଭାରତୀୟ ଅର୍ଥନୀତିର ବିକାଶରେ ଖଣି କ୍ଷେତ୍ରର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଉପଲବ୍ଧ ତଥ୍ୟ ଅନୁଯାୟୀ, ୨୦୨୬ ମସିହାର ପ୍ରଥମ ତ୍ରୈମାସିକରେ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପିରେ ଖଣି କ୍ଷେତ୍ରର ଅବଦାନ ପ୍ରାୟ ୧୭୩୭.୨୧ ବିଲିୟନ ଟଙ୍କାରେ ପହଞ୍ଚିଛି, ଯାହାକି ପୂର୍ବ ବର୍ଷର ତ୍ରୈମାସିକ ତୁଳନାରେ ଯଥେଷ୍ଟ ଅଧିକ । ଆଗାମୀ ଦିନରେ ଭାରତର ଭିତ୍ତିଭୂମି ନିର୍ମାଣ, ସହରୀକରଣ ଏବଂ ଉତ୍ପାଦନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ବିପୁଳ ପରିମାଣର ଖଣିଜ ଦ୍ରବ୍ୟ ଆବଶ୍ୟକ ହେବ। ଉଦାହରଣ ସ୍ୱରୂପ, ୨୦୨୫-୨୬ ବର୍ଷରେ କେବଳ ଇସ୍ପାତର ଚାହିଦା ପ୍ରାୟ ୯ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ସେହିପରି ତମ୍ବା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଧାତୁର ବ୍ୟବହାର ମଧ୍ୟ ବାର୍ଷିକ ୧୦ ରୁ ୧୨ ପ୍ରତିଶତ ହାରରେ ବଢ଼ିବାରେ ଲାଗିଛି । ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ପେସିଆଲିଟି ଷ୍ଟିଲ୍ ପାଇଁ ପିଏଲଆଇ ସ୍କିମ୍ ଅଧୀନରେ ୩.୫୫ ବିଲିୟନ ଡଲାରର ପୁଞ୍ଜିନିବେଶ ଆସିବାର ଲକ୍ଷ୍ୟ ରହିଛି, ଯାହା ପାଇଁ ଶସ୍ତା ଏବଂ ନିରବଚ୍ଛିନ୍ନ କଞ୍ଚାମାଲ ନିହାତି ଆବଶ୍ୟକ । ଏହା ବ୍ୟତୀତ, ବିଶ୍ୱ ସ୍ତରରେ ବର୍ତ୍ତମାନ ଲିଥିୟମ୍, କୋବାଲ୍ଟ, ନିକେଲ୍, ଗ୍ରାଫାଇଟ୍ ଏବଂ ବିରଳ ମୃତ୍ତିକା ଭଳି କ୍ରିଟିକାଲ୍ ମିନେରାଲ୍ସକୁ ନେଇ ଏକ ବଡ଼ ଭୂ-ରାଜନୈତିକ ପ୍ରତିଯୋଗିତା ଚାଲିଛି । ଇଲେକ୍ଟ୍ରିକ୍ ଯାନ, ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ, ଉନ୍ନତ ବ୍ୟାଟେରୀ ଏବଂ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଏହି ଖଣିଜ ଗୁଡ଼ିକ ଅପରିହାର୍ଯ୍ୟ । ଭାରତ ସରକାର ଜାନୁଆରୀ ୨୦୨୫ରେ ୧୬,୩୦୦ କୋଟି ଟଙ୍କା ବ୍ୟୟରେ 'ଜାତୀୟ କ୍ରିଟିକାଲ୍ ମିନେରାଲ୍ ମିଶନ୍' ଆରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ଦେଶରେ ୧୮,୦୦୦ କୋଟି ଟଙ୍କାର ନିବେଶ ଆଶା କରାଯାଉଛି । ଯଦି ଦେଶରେ ବିଭିନ୍ନ ରାଜ୍ୟର ଟିକସ ବ୍ୟବସ୍ଥା ଅସ୍ଥିର ଏବଂ ପୃଥକ ରହେ, ତେବେ ଏହି ସବୁ ଅତ୍ୟାଧୁନିକ କ୍ଷେତ୍ରରେ ଆବଶ୍ୟକୀୟ ବିଦେଶୀ ତଥା ଘରୋଇ ପୁଞ୍ଜିନିବେଶ ଆସିବ ନାହିଁ

ତଥାପି, ଏହି ବିଲ୍ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଥିବା ସଂଘୀୟ ବ୍ୟବସ୍ଥା ବା ଫେଡେରାଲିଜିମକୁ ନେଇ ଅନେକ ଜଟିଳ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକର ଏକ ବଳିଷ୍ଠ ଯୁକ୍ତି ହେଉଛି ଯେ ଖଣି ଖନନ ଯୋଗୁଁ ସେମାନଙ୍କ ରାଜ୍ୟରେ ବ୍ୟାପକ ପରିବେଶ ପ୍ରଦୂଷଣ ହେଉଛି, ମୂଲ୍ୟବାନ ଜଙ୍ଗଲ ନଷ୍ଟ ହେଉଛି, ହଜାର ହଜାର ସ୍ଥାନୀୟ ଲୋକ ବାସଚ୍ୟୁତ ହେଉଛନ୍ତି ଏବଂ ସ୍ଥାନୀୟ ଅଞ୍ଚଳର ପରିବହନ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ପ୍ରବଳ ଚାପ ପଡୁଛି । ଏହି ସବୁ ଦୀର୍ଘମିଆଦୀ ସାମାଜିକ ଏବଂ ପରିବେଶଗତ କ୍ଷତିର ଭରଣା କରିବା ପାଇଁ ରାଜ୍ୟମାନଙ୍କୁ ଖଣିଜ ଦ୍ରବ୍ୟରୁ ଉପଯୁକ୍ତ ରାଜସ୍ୱ ମିଳିବା ସମ୍ପୂର୍ଣ୍ଣ ରୂପେ ନ୍ୟାୟସଙ୍ଗତ ଅଟେ । ସୁପ୍ରିମକୋର୍ଟଙ୍କ ଐତିହାସିକ ନିଷ୍ପତ୍ତି ରାଜ୍ୟମାନଙ୍କୁ ସେହି ସାମ୍ବିଧାନିକ ଅଧିକାର ପ୍ରଦାନ କରିଥିବା ବେଳେ, କେନ୍ଦ୍ର ସରକାର ଏହି ବିଲ୍ ମାଧ୍ୟମରେ ସେହି ଅଧିକାରକୁ ପରୋକ୍ଷରେ ଛଡ଼ାଇ ନେଉଛନ୍ତି ବୋଲି ବିରୋଧୀ ଦଳ ଏବଂ ବିଭିନ୍ନ ଆଞ୍ଚଳିକ ରାଜ୍ୟ ସରକାରମାନେ ଗୁରୁତର ଅଭିଯୋଗ କରୁଛନ୍ତି । ଏହାକୁ ସମ୍ବିଧାନର ରାଜ୍ୟ ତାଲିକାରେ ଥିବା ବିଷୟଗୁଡ଼ିକ ଉପରେ କେନ୍ଦ୍ରର ଏକ ଅନାବଶ୍ୟକ ତଥା ଅଗଣତାନ୍ତ୍ରିକ ହସ୍ତକ୍ଷେପ ବୋଲି ମଧ୍ୟ ସମାଲୋଚନା କରାଯାଉଛି । ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ମତରେ ଦେଶର ଖଣିଜ ସମ୍ପଦ କେବଳ କେତୋଟି ନିର୍ଦ୍ଦିଷ୍ଟ ରାଜ୍ୟରେ ଭୌଗୋଳିକ ଭାବେ ସୀମିତ ଥିଲେ ମଧ୍ୟ ଏହା ସମଗ୍ର ଦେଶର ବିକାଶ ଏବଂ ଜାତୀୟ ନିର୍ମାଣ ପାଇଁ ବ୍ୟବହୃତ ହେଉଛି । ତେଣୁ ଗୋଟିଏ କିମ୍ବା ଦୁଇଟି ରାଜ୍ୟର ଅତ୍ୟଧିକ ଟିକସ ନୀତି ଯୋଗୁଁ ସମଗ୍ର ଦେଶର ଶିଳ୍ପାୟନ ଏବଂ ଅର୍ଥନୀତିକୁ ବିପଦରେ ପକାଯାଇପାରିବ ନାହିଁ । ଏହା ଏକ ବୃହତ୍ତର ଜାତୀୟ ସ୍ୱାର୍ଥର ପ୍ରସଙ୍ଗ ହୋଇଥିବାରୁ ଏହା ଉପରେ କେନ୍ଦ୍ରର ଏକକ ନିୟନ୍ତ୍ରଣ ବା ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ ବୋଲି ସରକାର ଦାବି କରୁଛନ୍ତି ।

ପରିଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଭାରତ ଭଳି ଏକ ବିଶାଳ ତଥା ଦ୍ରୁତ ବିକାଶଶୀଳ ରାଷ୍ଟ୍ର ପାଇଁ ଖଣିଜ ସମ୍ପଦର ସୁପରିଚାଳନା ଏବଂ ଉପଯୁକ୍ତ ବିନିଯୋଗ ଏକାନ୍ତ ଅପରିହାର୍ଯ୍ୟ ଅଟେ । ତେବେ ଏହି ଜାତୀୟ ବିକାଶର ପ୍ରକ୍ରିୟାରେ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ନ୍ୟାଯ୍ୟ ଦାବି, ପରିବେଶଗତ ସମସ୍ୟା ଏବଂ ଆର୍ଥିକ ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯିବା ଆଦୌ ଉଚିତ ନୁହେଁ । କେନ୍ଦ୍ର ସରକାର ଏହି ଆଇନର ବିସ୍ତୃତ ନିୟମାବଳୀ ପ୍ରସ୍ତୁତ କରିବା ସମୟରେ ରାଜ୍ୟମାନଙ୍କ ସହିତ ବ୍ୟାପକ ଆଲୋଚନା କରି ସେମାନଙ୍କର ସମସ୍ୟାଗୁଡ଼ିକୁ ହୃଦୟଙ୍ଗମ କରିବା ଦରକାର । କେବଳ ସହଯୋଗୀ ସଂଘୀୟ ବ୍ୟବସ୍ଥା ବା କୋ-ଅପରେଟିଭ୍ ଫେଡେରାଲିଜିମ୍ ମାଧ୍ୟମରେ ହିଁ କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କ ସ୍ୱାର୍ଥ ସୁରକ୍ଷିତ ରଖାଯାଇପାରିବ । ଜାତୀୟ ଅର୍ଥନୈତିକ ସୁରକ୍ଷା ଏବଂ ରାଜ୍ୟମାନଙ୍କର ବିକାଶମୂଳକ ଆବଶ୍ୟକତା ମଧ୍ୟରେ ଏକ ସୁସ୍ଥ ସନ୍ତୁଳନ ରକ୍ଷା କରିପାରିଲେ ହିଁ ଏହି ନୂତନ ବିଲ୍‌ର ପ୍ରକୃତ ଉଦ୍ଦେଶ୍ୟ ସଫଳତାର ସହ ସାଧିତ ହୋଇପାରିବ ।

ଧ୍ୱନି ପ୍ରତିଧ୍ୱନି



# ସମଦର୍ଶୀ ଭାବ

## (ଇଂ) ବିଜୟ ମିଶ୍ର

ସଂସାରରେ ଯେତେ ସବୁ ସ୍ଥାବର-ଜଙ୍ଗମ ପ୍ରାଣୀ, ବସ୍ତୁ ଓ ପଦାର୍ଥ ସୃଷ୍ଟି ହୋଇଛି, ସମସ୍ତଙ୍କର କିଛି ନା କିଛି ବିଶେଷତ୍ୱ ରହିଛି। ସମସ୍ତଙ୍କର ମୌଳିକ ଓ ଜନ୍ମଗତ ପ୍ରକୃତି ପରସ୍ପରଠାରୁ ଭିନ୍ନ । ନିଶ୍ଚିତ ଭାବରେ, ସମସ୍ତଙ୍କର ପ୍ରକୃତି ଓ ବିଶେଷତ୍ୱ—ପ୍ରତ୍ୟକ୍ଷ ଭାବେ ହେଉ କିମ୍ବା ପରୋକ୍ଷ ଭାବେ ହେଉ — ସଂସାର ପାଇଁ କିଛି ନା କିଛି ଉପାଦେୟତା ବହନ କରେ । ଏହି ସଂସାର କେବଳ ମନୁଷ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ; ବରଂ ଏହା ଚଳ-ଅଚଳ, ଜୀବ-ନିର୍ଜୀବ ସମସ୍ତଙ୍କର ସମ୍ମିଶ୍ରିତ ଅସ୍ତିତ୍ୱ ।

ମନୁଷ୍ୟ ଏକ ଉଚ୍ଚକୋଟୀର ପ୍ରାଣୀ ହୋଇଥିବାରୁ ନିଜର ବୁଦ୍ଧି, ଜ୍ଞାନ, ବଳ ଓ କୌଶଳର ସାହାଯ୍ୟରେ ଜୀବନଯାପନକୁ ଅନେକ ମାତ୍ରାରେ ସହଜ ଓ ସୁଖମୟ କରିପାରିଛି । କିନ୍ତୁ ଏହା ମଧ୍ୟ ସତ୍ୟ ଯେ, ସଂସାରର ଅନ୍ୟ ସମସ୍ତ ଚଳ-ଅଚଳ ବସ୍ତୁ, ପଦାର୍ଥ ଓ ପ୍ରାଣୀସମୂହର ଅସ୍ତିତ୍ୱ ବି ମନୁଷ୍ୟ ପାଇଁ ଅନେକ ଉପାଦେୟତା ବହନ କରିଥାଏ । ପୃଥିବୀପୃଷ୍ଠରେ ମାନବସମାଜ ତିଷ୍ଠି ରହିବା ପାଇଁ ନଦୀ, ସମୁଦ୍ର, ପାହାଡ଼, ଜଙ୍ଗଲ, ବୃକ୍ଷଲତା, ଖରା, ବର୍ଷା, ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ଦିନ, ରାତି, ପଶୁ, ପକ୍ଷୀ ତଥା ଜଳ ଓ ସ୍ଥଳରେ ବାସ କରୁଥିବା ବିଭିନ୍ନ ପ୍ରାଣୀଙ୍କର ଅତ୍ୟନ୍ତ ଆବଶ୍ୟକତା ରହିଛି ।

ଶ୍ରୀମଦ୍‌ଭଗବଦ୍‌ଗୀତାର ତୃତୀୟ ଅଧ୍ୟାୟର ୩୩ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି—

ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।
ପ୍ରକୃତିଂ ଯାନ୍ତି ଭୂତାନି
ନିଗ୍ରହଃ କିଂ କରିଷ୍ୟତି ।।

ଅର୍ଥାତ୍—"ସମସ୍ତ ପ୍ରାଣୀ ନିଜ ନିଜ ସ୍ୱାଭାବିକ ପ୍ରକୃତି ଅନୁସାରେ ପରିଚାଳିତ ହୁଅନ୍ତି । ଜ୍ଞାନୀ ବ୍ୟକ୍ତି ମଧ୍ୟ ନିଜ ପ୍ରକୃତି ଅନୁଯାୟୀ କାର୍ଯ୍ୟ କରିଥାଆନ୍ତି । ସେ କ୍ଷେତ୍ରରେ ଜଣେ ଇନ୍ଦ୍ରିୟ-ନିଗ୍ରହ ଦ୍ୱାରା କ'ଣ କରିପାରିବ?"

ଏହି ସଂସାରରେ ସମସ୍ତ ପ୍ରାଣୀ ନିଜସ୍ୱ ପ୍ରକୃତି ନେଇ ଜନ୍ମ ହୋଇଥାଆନ୍ତି । ମନୁଷ୍ୟ ଏକ ବିବେକଶୀଳ ପ୍ରାଣୀ ହୋଇଥିବାରୁ ତା'ର ସାମାଜିକ ପରିବେଶ ଓ ସଂସର୍ଗ—ଉତ୍ତମ ହେଉ କି ଅଧମ—ତା'ର ଚରିତ୍ର ଓ ଆଚରଣକୁ କିଛି ମାତ୍ରାରେ ପ୍ରଭାବିତ କରିଥାଏ । କିନ୍ତୁ ପଶୁ, ପକ୍ଷୀ ଓ ଅନ୍ୟ ପ୍ରାଣୀମାନଙ୍କର ମନୁଷ୍ୟ ଭଳି ବିକଶିତ ବିବେକଶକ୍ତି ନଥିବାରୁ ସେମାନେ ନିଜ ସ୍ୱାଭାବିକ ପ୍ରକୃତିର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିଥାଆନ୍ତି ।

ଅନ୍ୟ ପ୍ରାଣୀମାନେ ବଞ୍ଚିବା ପାଇଁ ସାଧାରଣତଃ ଖାଦ୍ୟ ଓ ଖାଦକର ସ୍ୱାଭାବିକ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୁଅନ୍ତି । ତା' ସହିତ ପରମାତ୍ମା ସେମାନଙ୍କୁ ପରିବେଶ ସହିତ ଖାପ ଖୁଆଇ ବଞ୍ଚିବା ପାଇଁ ଉପଯୁକ୍ତ ଭାବରେ ସୃଷ୍ଟି କରିଛନ୍ତି । ପରମାତ୍ମା ସେମାନଙ୍କର ଆତ୍ମରକ୍ଷା ପାଇଁ ମଧ୍ୟ ବିଭିନ୍ନ ପ୍ରାକୃତିକ ଉପାୟ ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଯେତେବେଳେ କୌଣସି ପ୍ରାଣୀ ନିଜ ଜୀବନ ପ୍ରତି ବିପଦ ଅନୁଭବ କରେ, ସେତେବେଳେ ସେ ନିଜକୁ ରକ୍ଷା କରିବା ପାଇଁ ପ୍ରକୃତିପ୍ରଦତ୍ତ ରକ୍ଷାକବଚର ବ୍ୟବହାର କରିଥାଏ । ଜନ୍ତା, ପିମ୍ପୁଡ଼ି, ସାପ, ବାଘ, ଭାଲୁ, ହାତୀ ଇତ୍ୟାଦି ପ୍ରାୟ ସମସ୍ତ ପ୍ରାଣୀଙ୍କ ପାଖରେ କିଛି ନା କିଛି ଆତ୍ମରକ୍ଷାର ଉପାୟ ରହିଛି ।

ଉଦାହରଣ ସ୍ୱରୂପ, ମନୁଷ୍ୟମାନେ ସାପକୁ ଏକ କ୍ରୁର ଓ ଅବିଶ୍ୱସନୀୟ ପ୍ରାଣୀ ଭାବେ ବିବେଚନା କରିଥାଆନ୍ତି । କାରଣ, ସାପକୁ ଖାଇବାକୁ ଦେଲେ କିମ୍ବା ଅନ୍ୟ ପାଳିତ ପଶୁମାନଙ୍କ ଭଳି ଘରେ ପୋଷିଲେ ମଧ୍ୟ, ସେ ଯଦି ବିଷଧର ହୋଇଥାଏ, ତେବେ ତାହା ମନୁଷ୍ୟଙ୍କ ଜୀବନ ପ୍ରତି ବିପଦପୂର୍ଣ୍ଣ ହୋଇଥାଏ । କିନ୍ତୁ ଏହା ମଧ୍ୟ ଜାଣିରଖିବା ଆବଶ୍ୟକ ଯେ, ସାପ ଏକ ସରୀସୃପ ପ୍ରାଣୀ ଏବଂ ତା'ର ଶରୀରରେ ଅନ୍ୟାନ୍ୟ ପ୍ରାଣୀଙ୍କ ଭଳି ହାତ ଓ ଗୋଡ଼ ନାହିଁ । ଅନ୍ୟ ପ୍ରାଣୀଙ୍କ ଅପେକ୍ଷା ସାପ ଏକ ନିରୀହ ପ୍ରାଣୀ । ତା'ର ଆତ୍ମରକ୍ଷାର ପ୍ରାକୃତିକ ଉପାୟମାନଙ୍କ ମଧ୍ୟରୁ ବିଷ ଏକ ପ୍ରମୁଖ ଅସ୍ତ୍ର ହୋଇଥାଏ, ଏବଂ ସେ ନିଜର ଜୀବନ ଓ ଅସ୍ତିତ୍ୱ ରକ୍ଷା ପାଇଁ ଏହାକୁ ବ୍ୟବହାର କରିଥାଏ । କିନ୍ତୁ ସାପ ନିଜେ ଏହାର ପରିଣାମ ସମ୍ପର୍କରେ ଅବଗତ ନୁହେଁ । ସାପଟି ତା' କାମୁଡ଼ାରେ କେହି ମରିଲା କି ବିପଦରେ ପଡ଼ିଲା ତାହା ଜାଣିନଥାଏ । ଏହା ତା'ର ସ୍ୱାଭାବିକ ପ୍ରକୃତି ଓ ପରମାତ୍ମାପ୍ରଦତ୍ତ ଆତ୍ମରକ୍ଷା ପ୍ରବୃତ୍ତିର ଏକ ଅଂଶ ମାତ୍ର ।

ଶ୍ରୀମଦ୍‌ଭଗବଦ୍‌ଗୀତାର ପଞ୍ଚମ ଅଧ୍ୟାୟର ୧୮ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି—

ବିଦ୍ୟାବିନୟସମ୍ପନ୍ନେ
ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ
ପଣ୍ଡିତାଃ ସମଦର୍ଶିନଃ ।।

ଅର୍ଥାତ୍—"ଜଣେ ବାସ୍ତବିକ ଜ୍ଞାନୀ ବ୍ୟକ୍ତି ତାଙ୍କର ଦିବ୍ୟଜ୍ଞାନଯୁକ୍ତ ଚକ୍ଷୁରେ ବିଦ୍ୟା ଓ ବିନୟସମ୍ପନ୍ନ ବ୍ରାହ୍ମଣ, ଗାଈ, ହାତୀ, କୁକୁର ଏବଂ ଚଣ୍ଡାଳଙ୍କୁ ସମଦୃଷ୍ଟିରେ ଦେଖିଥାଆନ୍ତି ।"

ପ୍ରକୃତ ଜ୍ଞାନୀ ବ୍ୟକ୍ତି ସମସ୍ତ ପ୍ରାଣୀଙ୍କ ପ୍ରତି ସମଦର୍ଶୀ ହୋଇଥାଆନ୍ତି । ଏହି କାରଣରୁ ସନାତନ ପରମ୍ପରାରେ ଗାଈ, ବଳଦ, ଷଣ୍ଢ, ସାପ, ବାଘ, ସିଂହ, ହାତୀ, ଘୋଡ଼ା, ମୂଷା, ଜଟାୟୁ ପକ୍ଷୀ, ପେଚା ଇତ୍ୟାଦି ଅନେକ ପ୍ରାଣୀଙ୍କୁ ଦେବାଦେବୀଙ୍କ ସହିତ ସମ୍ପୃକ୍ତ କରାଯାଇଥିବା ଦେଖିବାକୁ ମିଳିଥାଏ । ଏହାର ମୂଳରେ ପ୍ରକୃତିର ପ୍ରତ୍ୟେକ ଜୀବ ପ୍ରତି ସମ୍ମାନ ଓ ସହାବସ୍ଥାନର ଭାବନା ନିହିତ ରହିଛି । ଜଣେ ପ୍ରଜ୍ଞାବାନ ମନୁଷ୍ୟ ନିଜର ଜ୍ଞାନଚକ୍ଷୁ, ଚେତନା ଓ ଚିନ୍ତନଶକ୍ତି ଦ୍ୱାରା ପ୍ରାଣୀ ଓ ପ୍ରକୃତି ସମ୍ପର୍କରେ ଯଥାର୍ଥ ଜ୍ଞାନ ଲାଭ କରିପାରନ୍ତି । ଏହି କାରଣରୁ ସେ ସାଧାରଣତଃ କ୍ଷମାଶୀଳ ହୋଇଥାନ୍ତି ଏବଂ ଅନ୍ୟମାନଙ୍କ ପ୍ରତି ଘୃଣା ଓ ଦ୍ୱେଷଭାବରୁ ଦୂରେ ରହନ୍ତି । ଦିବ୍ୟ ଓ ଉତ୍ତମ ଜ୍ଞାନ ମନରେ ବିନୟଭାବ ସୃଷ୍ଟି କରେ । ଏଭଳି ବ୍ୟକ୍ତିମାନେ ସଂସାରର ପ୍ରତ୍ୟେକ ପ୍ରାଣୀ ଓ ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ କିଛି ନା କିଛି ବିଶେଷ ଗୁଣ ଦେଖିପାରନ୍ତି ଏବଂ ସେହି ବିଶେଷ ଗୁଣ ସେମାନଙ୍କ ସ୍ୱଭାବର ଏକ ଅଂଶ ବୋଲି ହୃଦୟଙ୍ଗମ କରିପାରନ୍ତି । ଏହି କାରଣରୁ ଜ୍ଞାନୀ ବ୍ୟକ୍ତିମାନେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ନିର୍ବିଶେଷରେ ଉଚ୍ଚ-ନୀଚ ଭାବ ନରଖି ସମସ୍ତଙ୍କୁ ସମ୍ମାନ ଦେଇଥାଆନ୍ତି । ସେମାନେ ବୁଝିଥାଆନ୍ତି ଯେ, ସମାଜରେ ବିଭିନ୍ନ ପ୍ରକାରର କର୍ମ ଓ ଦାୟିତ୍ୱର ବିଭାଜନ ରହିଛି ଏବଂ ସମାଜର ସୁଚାରୁ ପରିଚାଳନା ପାଇଁ ପ୍ରତ୍ୟେକ କର୍ମର ଆବଶ୍ୟକତା ଓ ଉପାଦେୟତା ରହିଛି । ତେଣୁ କାର୍ଯ୍ୟର ଭିନ୍ନତାକୁ ଆଧାର କରି ମନୁଷ୍ୟମାନଙ୍କ ମଧ୍ୟରେ ଉଚ୍ଚ-ନୀଚ ଭାବ ସୃଷ୍ଟି କରିବା ଜ୍ଞାନୀର ଲକ୍ଷଣ ନୁହେଁ ।

କିନ୍ତୁ ଏହା ମଧ୍ୟ ଜାଣିରଖିବା ଉଚିତ ଯେ, ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ମନୁଷ୍ୟର ପ୍ରକୃତି କିଛିଟା ଭିନ୍ନ । ମନୁଷ୍ୟ ନିଜର ଲୋଭ, ମୋହ, ଆଶା, ଉଚ୍ଚାକାଂକ୍ଷା ଓ ଅହଂକାରର ବଶବର୍ତ୍ତୀ ହୋଇ ଅନେକ ଅସାଧୁ କାର୍ଯ୍ୟକଳାପରେ ଲିପ୍ତ ହୋଇଥାଏ । ଏଭଳି ମନୋଭାବସମ୍ପନ୍ନ ବ୍ୟକ୍ତିମାନେ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରନ୍ତି ନାହିଁ; ତତସହିତ, ସେମାନଙ୍କର କାର୍ଯ୍ୟକଳାପ ଅନ୍ୟମାନଙ୍କ ଶାନ୍ତିପୂର୍ଣ୍ଣ ଜୀବନଯାପନରେ ମଧ୍ୟ ବାଧା ସୃଷ୍ଟି କରିଥାଏ । ବେଳେବେଳେ ସେମାନଙ୍କର ଏପରି କାର୍ଯ୍ୟକଳାପ ଅନ୍ୟମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଥାଏ ।

ଏହି କାରଣରୁ ହିଂସ୍ର ପ୍ରାଣୀ ତଥା ଖଳପ୍ରକୃତିସମ୍ପନ୍ନ ଲୋକଙ୍କ ଦୌରାତ୍ମ୍ୟରୁ ନିଜକୁ ରକ୍ଷା କରିବାର ଅଧିକାର ପ୍ରତ୍ୟେକ ମନୁଷ୍ୟର ରହିଛି। ସମାଜରେ ଖଳପ୍ରକୃତିସମ୍ପନ୍ନ ବ୍ୟକ୍ତିମାନଙ୍କଠାରୁ ଅନ୍ୟମାନଙ୍କ ଜୀବନ, ଜୀବିକା ଓ ବ୍ୟକ୍ତିଗତ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଆଇନ ଓ ନ୍ୟାୟବ୍ୟବସ୍ଥାର ମଧ୍ୟ ପ୍ରବନ୍ଧ ରହିଛି । ତେଣୁ ସମଦର୍ଶୀ ହେବାର ଅର୍ଥ ଅନ୍ୟାୟକୁ ସହ୍ୟ କରିବା କିମ୍ବା ଅପରାଧକୁ ପ୍ରଶ୍ରୟ ଦେବା ନୁହେଁ; ବରଂ ବିବେକ ଓ ନ୍ୟାୟବୋଧ ସହିତ ସମସ୍ତଙ୍କୁ ଦେଖିବା ହେଉଛି ପ୍ରକୃତ ସମଦର୍ଶିତା ।

ଯେକୌଣସି ବ୍ୟକ୍ତି ଅଧ୍ୟାତ୍ମ ଓ ସଂସାର ସମ୍ବନ୍ଧୀୟ ଦିବ୍ୟଜ୍ଞାନ ପ୍ରାପ୍ତ କରିବାକୁ ଚାହିଁଲେ ଶାସ୍ତ୍ରପଠନ, ଆତ୍ମଚିନ୍ତନ, ଧ୍ୟାନ, ଯୋଗ, ପ୍ରାଣାୟାମ ତଥା ସାମାଜିକ ଜୀବନ, ସଂସାର ଓ ପ୍ରକୃତିର ଅନୁଧ୍ୟାନ କରିବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ଶୃଙ୍ଖଳିତ ଜୀବନ, ଉତ୍ତମ ଚିନ୍ତନ ଓ ଆଚରଣ, ସାଧୁତା ମନୋଭାବ, ନିୟମିତ ଅଭ୍ୟାସ ତଥା ନିରନ୍ତର ସାଧନା ଦ୍ୱାରା ଦିବ୍ୟଜ୍ଞାନ ପ୍ରାପ୍ତି ସମ୍ଭବ ହୋଇଥାଏ । ପୂର୍ବକାଳରେ ଅନେକ ଋଷି-ମୁନି ଏହି ଦିବ୍ୟଜ୍ଞାନ ପ୍ରାପ୍ତ କରି ସମାଜର ଅନେକ ମଙ୍ଗଳ ସାଧନ କରିଯାଇଛନ୍ତି ତଥା ମାନବସମାଜ ପାଇଁ ଅସରନ୍ତି ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଦେଇଯାଇଛନ୍ତି । ଏହାର ବିପରୀତରେ, ବିଶୃଙ୍ଖଳିତ ଜୀବନଯାପନ, ହୀନ ମନୋଭାବ ଓ ଅନୁଚିତ ଆଚରଣରେ ଅଭ୍ୟସ୍ତ ବ୍ୟକ୍ତିମାନେ କେବଳ କିଛି ପୁସ୍ତକଗତ ଜ୍ଞାନ ଅର୍ଜନ କରି ବିଦ୍ୱତ୍ତାର ଗର୍ବ ଓ ଅହଂକାର ପ୍ରଦର୍ଶନ କଲେ ମଧ୍ୟ, ସେମାନଙ୍କ ଦ୍ୱାରା ସମାଜର ପ୍ରକୃତ ମଙ୍ଗଳ ସାଧିତ ହୋଇନଥାଏ ।

ଦିବ୍ୟଜ୍ଞାନସମ୍ପନ୍ନ ବ୍ୟକ୍ତିମାନେ ନିଜର ଉତ୍ତମ କର୍ମ, ଆଚରଣ ଓ ବ୍ୟବହାର ଦ୍ୱାରା ସମସ୍ତଙ୍କର ହିତସାଧନ କରିବାର ମନୋଭାବ ରଖନ୍ତି ଏବଂ ତଦନୁରୂପ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତି । ଏଭଳି ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମ୍ପାଦିତ କାର୍ଯ୍ୟ ସମାଜ ଓ ସଂସାର ପାଇଁ ଅତ୍ୟନ୍ତ ମଙ୍ଗଳମୟ ହୋଇଥାଏ ଏବଂ ମାନବସମାଜର ଉନ୍ନତି ଓ ପ୍ରଗତିରେ ସହାୟକ ହୋଇଥାଏ ।

ପ୍ରକୃତ ସମଦର୍ଶିତା ହେଉଛି—ଜାତି-ଧର୍ମ, ନାରୀ-ପୁରୁଷ ଓ ଉଚ୍ଚ-ନୀଚ ଭେଦଭାବରୁ ଊର୍ଦ୍ଧ୍ୱକୁ ଉଠି ସମସ୍ତ ଜୀବ ଓ ମନୁଷ୍ୟଙ୍କ ମଧ୍ୟରେ ନିହିତ ପ୍ରକୃତି ଓ ବିଶେଷତ୍ୱକୁ ସମ୍ମାନ କରିବା । ଜ୍ଞାନ, ବିବେକ, କରୁଣା ଓ ନ୍ୟାୟବୋଧର ସମନ୍ୱୟରେ ଯେତେବେଳେ ମନୁଷ୍ୟ ସମସ୍ତଙ୍କୁ ଦେଖିବା ଶିଖେ, ସେତେବେଳେ ତା'ର ମନରେ ପ୍ରକୃତ ସମଦର୍ଶୀ ଭାବ ଉଦୟ ହୁଏ । ଏହି ସମଦର୍ଶୀ ଭାବ ହିଁ ମାନବଜୀବନକୁ ସୁଖମୟ, ଶାନ୍ତିମୟ, ମଙ୍ଗଳମୟ ଓ ସାର୍ଥକ କରିପାରେ ।

+ ଫ୍ଲାଟ ନମ୍ବର - ୩୦୫
ନନ୍ଦିଘୋଷ ଆପାର୍ଟମେଣ୍ଟ,
କମାପଲ୍ଲୀ-ଗୋଇଲୁଣ୍ଡି ରୋଡ଼
ପୋଷ୍ଟ : ବ୍ରହ୍ମପୁର
ଗଞ୍ଜାମ, (ଓଡ଼ିଶା)
ପିନ - ୭୬୦୦୦୪
ମୋ:୯୪୩୯୯୭୯୯୬୬



# ଧ୍ୱଂସରୁ ସ୍ୱାଧୀନତା: ଅଗଷ୍ଟର ଇତିହାସ

## ମିଳନ କୁମାର ମିଶ୍ର (ଭରଦ୍ୱାଜ)

ଇତିହାସର କିଛି ତାରିଖ କେବଳ କ୍ୟାଲେଣ୍ଡରର ପୃଷ୍ଠାରେ ରହିଯାଏ ନାହିଁ; ସେଗୁଡ଼ିକ ମାନବ ସଭ୍ୟତାର ବିବେକକୁ ବାରମ୍ବାର ପ୍ରଶ୍ନ କରେ । ୬ ଅଗଷ୍ଟ ୧୯୪୫ ସେହିଭଳି ଏକ ତାରିଖ । ଏହି ଦିନ ଜାପାନର ହିରୋସୀମା ଉପରେ ଆମେରିକା ପରମାଣୁ ବୋମା ପକାଇଥିଲା । ମାତ୍ର କିଛି ମୁହୂର୍ତ୍ତରେ ଏକ ସହର ଧ୍ୱଂସସ୍ତୂପରେ ପରିଣତ ହୋଇଗଲା । ହଜାର ହଜାର ଲୋକ ପ୍ରାଣ ହରାଇଲେ ଏବଂ ପରବର୍ତ୍ତୀ ସମୟରେ ବିକିରଣଜନିତ ରୋଗ ଓ ଯନ୍ତ୍ରଣା ଅସଂଖ୍ୟ ଜୀବନକୁ ଗ୍ରାସ କଲା ।

ଅନ୍ୟପଟେ, ଠିକ୍ ତିନି ବର୍ଷ ପୂର୍ବରୁ, ୮ ଅଗଷ୍ଟ ୧୯୪୨ରେ ବମ୍ବେଠାରେ ଭାରତୀୟ ଜାତୀୟ କଂଗ୍ରେସ 'ଭାରତ ଛାଡ଼' ଆନ୍ଦୋଳନର ଆହ୍ୱାନ କରିଥିଲା । ମହାତ୍ମା ଗାନ୍ଧୀଙ୍କ ଐତିହାସିକ ଆହ୍ୱାନ ଥିଲା—'କର ବା ମର' । ଗୋଟିଏ ପଟେ ଭାରତୀୟମାନେ ନିଜ ଦେଶର ସ୍ୱାଧୀନତା ପାଇଁ ଅହିଂସାର ପଥରେ ଲଢୁଥିଲେ, ଅନ୍ୟପଟେ ବିଶ୍ୱଯୁଦ୍ଧର ରଣଭୂମିରେ ମଣିଷ ମଣିଷକୁ ଧ୍ୱଂସ କରିବାର ନୂଆ ନୂଆ ଅସ୍ତ୍ର ତିଆରି କରୁଥିଲା ।

ଏହି ଦୁଇ ଘଟଣାକୁ ଏକାଠି ରଖି ଦେଖିଲେ ଗାନ୍ଧୀଜୀଙ୍କ ଚିନ୍ତାଧାରାର ମହତ୍ତ୍ୱ ଆହୁରି ସ୍ପଷ୍ଟ ହୁଏ । ସ୍ୱାଧୀନତା ପାଇଁ 'କର ବା ମର' । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାର ଭାରତୀୟମାନଙ୍କ ସମ୍ମତି ବିନା ଭାରତକୁ ଯୁଦ୍ଧରେ ସାମିଲ କରିଥିଲା । ସ୍ୱାଧୀନତାର ଦାବି ଦିନକୁ ଦିନ ତୀବ୍ର ହେଉଥିଲା । ଏହି ପରିସ୍ଥିତିରେ ୧୯୪୨ ମସିହାରେ ଆରମ୍ଭ ହେଲା ଭାରତ ଛାଡ଼ ଆନ୍ଦୋଳନ । ୮ ଅଗଷ୍ଟରେ ଗାନ୍ଧୀଜୀ ଯେତେବେଳେ 'କର ବା ମର'ର ଆହ୍ୱାନ ଦେଲେ, ତାହା କେବଳ ଏକ ରାଜନୈତିକ ସ୍ଲୋଗାନ ନଥିଲା, ଏହା ଥିଲା ଏକ ଜାତିର ଆତ୍ମସମ୍ମାନର ଘୋଷଣା । ଗାନ୍ଧୀଜୀ ଚାହୁଁଥିଲେ ଭାରତ ନିଜ ଭାଗ୍ୟ ନିଜେ ନିର୍ଦ୍ଧାରଣ କରୁ । ପରଦିନ ଗାନ୍ଧୀଜୀଙ୍କ ସମେତ ପ୍ରମୁଖ ନେତାମାନଙ୍କୁ ବ୍ରିଟିଶ ସରକାର ଗିରଫ କରିନେଲା । ନେତୃତ୍ୱ ଗିରଫ ହେବା ସତ୍ତ୍ୱେ ଆନ୍ଦୋଳନ ଥମିଲା ନାହିଁ । ଛାତ୍ର, ଯୁବକ, ଶ୍ରମିକ, କୃଷକ ଓ ସାଧାରଣ ଲୋକ ରାସ୍ତାକୁ ଓହ୍ଲାଇ ଆସିଲେ । ଅନେକ ଲୋକ ଜେଲ୍ ଗଲେ, ଅନେକେ ନିର୍ଯାତନା ସହିଲେ, ଆଉ ଅନେକେ ନିଜ ଜୀବନ ମଧ୍ୟ ଦେଇଦେଲେ । ଭାରତ ଛାଡ଼ ଆନ୍ଦୋଳନ ତତକ୍ଷଣାତ ସ୍ୱାଧୀନତା ଆଣିନଥିଲା, କିନ୍ତୁ ଏହା ବ୍ରିଟିଶ ଶାସନକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲା—ଭାରତୀୟମାନେ ଆଉ ପରାଧୀନ ରହିବାକୁ ପ୍ରସ୍ତୁତ ନୁହନ୍ତି । ଭାରତ ଛାଡ଼ ଆନ୍ଦୋଳନର ତିନି ବର୍ଷ ପରେ ଅର୍ଥାତ ୬ ଅଗଷ୍ଟ ୧୯୪୫ରେ ହିରୋସୀମା ଉପରେ ପରମାଣୁ ବୋମା ପଡ଼ିଲା । ଏହା ଯୁଦ୍ଧର ଇତିହାସରେ ଏକ ଭୟଙ୍କର ମୋଡ଼ ଆଣିଲା । ମଣିଷର ବୈଜ୍ଞାନିକ ପ୍ରଗତି କେତେ ଭୟଙ୍କର ଧ୍ୱଂସ ସୃଷ୍ଟି କରିପାରେ, ସାରା ବିଶ୍ୱ ତାହା ଦେଖିଲା । ଏଠାରେ ଏକ ଗଭୀର ପ୍ରଶ୍ନ ଉଠେ—ବିଜ୍ଞାନ ମଣିଷକୁ ଅଧିକ ମାନବୀୟ କରିବା ପାଇଁ, ନା ଅଧିକ ଶକ୍ତିଶାଳୀ ଓ ଧ୍ୱଂସକାରୀ କରିବା ପାଇଁ ? ହିରୋସୀମାର ଧ୍ୱଂସ ଆମକୁ ମନେ ପକାଇଦିଏ ଯେ ଯୁଦ୍ଧରେ ବିଜୟୀ ଓ ପରାଜିତ ଥାଇପାରନ୍ତି, କିନ୍ତୁ ଯୁଦ୍ଧର ଅଗ୍ନିରେ ଶେଷରେ ଜଳିଯାଏ ମଣିଷର ଘର, ମଣିଷର ସ୍ୱପ୍ନ ଓ ମଣିଷର ଭବିଷ୍ୟତ।

ଏଠାରେ ଗାନ୍ଧୀଜୀଙ୍କ ମହତ୍ତ୍ୱ ଅନୁଭବ କରାଯାଏ । ସେ ସାମ୍ରାଜ୍ୟବାଦକୁ ବିରୋଧ କରିଥିଲେ, କିନ୍ତୁ ମଣିଷକୁ ଘୃଣା କରିନଥିଲେ । ସେ ବ୍ରିଟିଶ ଶାସନର ବିରୋଧୀ ଥିଲେ, ବ୍ରିଟିଶ ମଣିଷର ନୁହେଁ। ତାଙ୍କ ଲଢ଼େଇ ଥିଲା ଅନ୍ୟାୟ ବିରୋଧରେ, ମଣିଷ ବିରୋଧରେ ନୁହେଁ। ଅହିଂସା ତାଙ୍କ ପାଇଁ କେବଳ ଏକ ରାଜନୈତିକ କୌଶଳ ନଥିଲା । ଏହା ଥିଲା ଜୀବନଦର୍ଶନ । ସତ୍ୟାଗ୍ରହ ମାଧ୍ୟମରେ ସେ ଦେଖାଇଥିଲେ ଯେ ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ ଅନ୍ୟାୟର ଅସ୍ତ୍ର ଧରିବା ଆବଶ୍ୟକ ନୁହେଁ। ଗାନ୍ଧୀଜୀଙ୍କ ଅହିଂସାର ଶକ୍ତି ଏହି କାରଣରୁ ଅନନ୍ୟ—ଏହା ଶତ୍ରୁକୁ ଧ୍ୱଂସ କରିବା ନୁହେଁ, ଶତ୍ରୁର ବିବେକକୁ ଜାଗ୍ରତ କରିବାକୁ ଚାହେଁ । ଗାନ୍ଧୀଜୀଙ୍କ ସ୍ୱପ୍ନର ସ୍ୱାଧୀନତା କେବଳ ବ୍ରିଟିଶମାନଙ୍କୁ ଭାରତରୁ ବିଦାୟ କରିବା ନଥିଲା । ସେ ଚାହୁଁଥିଲେ ଏମିତି ଏକ ଭାରତ, ଯେଉଁଠାରେ ଶେଷ ଧାଡ଼ିର ମଣିଷଟିଏ ମଧ୍ୟ ସମ୍ମାନର ସହିତ ବଞ୍ଚିପାରିବ; ଯେଉଁଠାରେ ଧର୍ମ, ଜାତି, ଭାଷା କିମ୍ବା ବର୍ଣ୍ଣ ମଣିଷକୁ ମଣିଷଠାରୁ ଅଲଗା କରିବ ନାହିଁ । ତେଣୁ 'ଭାରତ ଛାଡ଼'ର ସ୍ୱରକୁ କେବଳ ରାଜନୈତିକ ସ୍ୱାଧୀନତାର ଦାବି ଭାବେ ଦେଖିଲେ ଏହାର ଗଭୀରତାକୁ ଆମେ ବୁଝିପାରିବା ନାହିଁ । ଏହା ଥିଲା ମଣିଷର ଆତ୍ମମର୍ଯ୍ୟାଦା ପାଇଁ ଏକ ଆନ୍ଦୋଳନ ।ଆଜି, ୬ ଅଗଷ୍ଟକୁ ହିରୋସୀମାକୁ ମନେ ପକାଇବା ସମୟରେ ଏବଂ ଅଗଷ୍ଟ ମାସରେ ଭାରତ ଛାଡ଼ ଆନ୍ଦୋଳନକୁ ସ୍ମରଣ କରିବା ସମୟରେ ଆମକୁ ଏହି ଦୁଇ ଇତିହାସର ମଧ୍ୟରେ ଥିବା ଗଭୀର ବାର୍ତ୍ତାକୁ ବୁଝିବାକୁ ହେବ । ଗୋଟିଏ ଘଟଣା ଆମକୁ ଦେଖାଏ— ଘୃଣା, ଯୁଦ୍ଧ ଓ ଧ୍ୱଂସ ମଣିଷକୁ କେଉଁଠିକି ନେଇଯାଇପାରେ ଓ ଅନ୍ୟଟି ଆମକୁ ଶିଖାଏ—ସତ୍ୟ, ଅହିଂସା ଓ ଆତ୍ମବଳ ଦ୍ୱାରା ମଧ୍ୟ ଏକ ସାମ୍ରାଜ୍ୟକୁ ଆହ୍ୱାନ ଦିଆ କରାଯାଇପାରେ । ଆଜି ପୃଥିବୀ ପରମାଣୁ ଅସ୍ତ୍ରର ଭୟ ମଧ୍ୟରେ ବଞ୍ଚୁଛି । ଦେଶ ଦେଶ ମଧ୍ୟରେ ଅବିଶ୍ୱାସ, ଯୁଦ୍ଧ ଓ ହିଂସାର ଆଶଙ୍କା ବଢୁଛି । ଏଭଳି ସମୟରେ ଗାନ୍ଧୀଜୀଙ୍କ ଅହିଂସାର ଦର୍ଶନ କୌଣସି ପୁରୁଣା ଆଦର୍ଶ ନୁହେଁ; ବରଂ ଏହା ମାନବ ସଭ୍ୟତାର ଭବିଷ୍ୟତ ପାଇଁ ଏକ ଆବଶ୍ୟକ ଚିନ୍ତା । ହିରୋସୀମା ଆମକୁ ଧ୍ୱଂସର ଶକ୍ତି ଦେଖାଇଥିଲା । ଗାନ୍ଧୀଜୀ ଆମକୁ ନିର୍ମାଣର ଶକ୍ତି ଦେଖାଇଥିଲେ । ହିରୋସୀମାର ଅଗ୍ନି ମଣିଷର ଶରୀରକୁ ଜାଳିଦେଇଥିଲା; ଗାନ୍ଧୀଜୀଙ୍କ ଅହିଂସା ମଣିଷର ଅନ୍ତରାତ୍ମାକୁ ଜାଗ୍ରତ କରିବାକୁ ଚାହିଁଥିଲା। ଆଜିର ପିଢ଼ି ପାଇଁ ଏହି ଇତିହାସର ସବୁଠାରୁ ବଡ଼ ଶିକ୍ଷା ହେଉଛି—ଶକ୍ତିର ସର୍ବୋଚ୍ଚ ପ୍ରକାଶ ଧ୍ୱଂସରେ ନୁହେଁ, ସଂଯମରେ; ବିଜୟର ସର୍ବୋଚ୍ଚ ଅର୍ଥ ପ୍ରତିପକ୍ଷକୁ ହରାଇବାରେ ନୁହେଁ, ମାନବତାକୁ ଜିତାଇବାରେ ।

୬ ଅଗଷ୍ଟ ହିରୋସୀମାର ବିଭୀଷିକାକୁ ସ୍ମରଣ କରାଏ । ଅଗଷ୍ଟ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ଆମକୁ ସ୍ୱାଧୀନତାର ମୂଲ୍ୟ ସ୍ମରଣ କରାଏ। ଆଉ ଗାନ୍ଧୀଜୀ ଆମକୁ ମନେ ପକାଇଦିଅନ୍ତି—ସ୍ୱାଧୀନତା ଯଦି ମାନବିକତାକୁ ହରାଇ ଦିଏ, ତେବେ ସେହି ସ୍ୱାଧୀନତା ଅସମ୍ପୂର୍ଣ୍ଣ । ସେଥିପାଇଁ ଇତିହାସ ପୃଷ୍ଠାରେ ଅଗଷ୍ଟ ମାସର ଏହି ଦୁଇ ତାରିଖ ଆମକୁ ଗୋଟିଏ ହିଁ ପ୍ରଶ୍ନ ପଚାରେ—ଆମେ ଶକ୍ତିଶାଳୀ ହେବାକୁ ଚାହୁଁଛୁ, ନା ମାନବୀୟ ହେବାକୁ ? ଗାନ୍ଧୀଜୀଙ୍କ ଉତ୍ତର ଥିଲା ସ୍ପଷ୍ଟ— ମାନବୀୟ ହେବା ହିଁ ମଣିଷର ସବୁଠାରୁ ବଡ଼ ଶକ୍ତି ।

+ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର
ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

କବିତା କୋଣାର୍କ

# ମଣିଷ ଖୋଜୁଛି ମଣିଷକୁ

## ବସନ୍ତ କୁମାର ପ୍ରଧାନ




ଜନସଂଖ୍ୟା ସିନା ବଢ଼ି ଚାଲିଅଛି
କମୁଛି ମଣିଷ ସଂଖ୍ୟା
ମଣିଷ ଖୋଜୁଛି ମଣିଷକୁ ଆଜି
କେଉଁଠି ପାଉନି ଦେଖା ।
ମଣିଷତ୍ୱ ଆଜି ଲୋପ ପାଇଲାଣି
ହଜିଛି ମାନବିକତା
ସ୍ନେହ ପ୍ରେମ ଦୟା କ୍ଷମା ଦିବ୍ୟ ଗୁଣ
ତେଜି କରେ ସ୍ୱାର୍ଥ ଚିନ୍ତା ।
'ଆପେ ବଞ୍ଚିଲେ ବାପର ନାଆଁ'
କରିଅଛି ଗୁରୁ ଜ୍ଞାନ
ପର ଦୁଃଖେ ଦୁଃଖୀ ପର ସୁଖେ ସୁଖୀ
ନାହିଁ କେ ମହତ ଜନ ।
ସ୍ୱାର୍ଥ ପାଇଁ ଆଜି ନର ଭୁଲିଯାଏ
ନିଃସ୍ୱାର୍ଥ ସେବା ମହତ୍ତ୍ୱ
ଏକା ରକ୍ତ ଭାଇ ସାଜଇ ବଇରୀ
ବନ୍ଧୁ ସାଧଇ ଅହିତ ।
ସେବା ନାଁ ନେଇ କେ' କରେ ଶୋଷଣ
ମିଛେ କୁମ୍ଭୀର କାନ୍ଦଣା
ଅନ୍ତରେ ଟିକିଏ ଦରଦ ନରଖି
ଦିଏ ମିଛ ଆଶ୍ୱସନା ।
ବିପଦ କାଳରେ ସମ୍ପଦ ହରନ୍ତି
ନକରିଣ ସହାୟତା
କଳା ବଜାରୀରେ କେ' ତଣ୍ଟି ଚିପଇ
ତେଜି ସତ୍ୟ ନ୍ୟାୟ ପନ୍ଥା ।
ଦୀନ ଦୁଃଖୀ ସେବା ଈଶ୍ୱରଙ୍କ ସେବା
ଏକଥା ବୁଝେନା କେହି
ସତ୍ୟ ହିଁ ପରମ ଧର୍ମ ବାଟବଣା
ଅହିଂସା ବ୍ରତ ବା କାହିଁ ?
ବିଦ୍ୟା ବୁଦ୍ଧି ଜ୍ଞାନ ବିବେକ ନିମନ୍ତେ
ମଣିଷ ଶ୍ରେଷ୍ଠ ଅଟଇ
ଅନ୍ୟାୟ ଅନୀତି କରି ଦିନରାତି
ଯାଏ ଦୁରାଚାରୀ ହୋଇ ।
ଏ ମଣିଷ ଆଜି ହୁଏ ଅମଣିଷ
ହରାଇଛି ଦିବ୍ୟ ଜ୍ଞାନ
ଆସୁରିକ ଭାବେ ଦିବ୍ୟ ଅନୁଭବ
କ୍ରମେ ହୋଇଯାଏ କ୍ଷୀଣ ।
ଦିବ୍ୟ ଚେତନାରେ ଆତ୍ମିକ ଭାବରେ
ସର୍ବ ଭୂତେ କଲେ ପ୍ରୀତି
ଦିବ୍ୟ ଜୀବନର ସମତା ଜ୍ଞାନରେ
ବିରାଜିବ ବିଶ୍ୱ ଶାନ୍ତି ।

+ହରିହରପୁର, ଛେଣ୍ଡିପଦା ଅନୁଗୋଳ

# ଅଫେରା ପଥିକ

## ସୁଧାକର ରାଉତ



ଆଉ କଣ ବା ଅଛି ଦେବି କୁହ
ସବୁତ ଦେଇଛି ତୁମକୁ
ବେଦନା ରେ ଏବେ ହେଉଛ
ଆଉଟୁ ପାଉଟୁ
ଆଶ୍ୱାସନା କେବଳ କେଇବୁନ୍ଦା ଲୁହ ।

ରାତିର ଘନ ଅନ୍ଧକାରେ
ଅବା ଦିନର ପ୍ରଚ୍ଛନ୍ନ ଆଲୁଅରେ
ତୁମର ସେହି ଏକା ଅଭିଯୋଗର
ଲମ୍ବା ପୃଷ୍ଠା
ସବୁ ପ୍ରଶ୍ନର ଅସମାହିତ ସମାଧାନ ।


ମୁଁ ଜାଣେ ସବୁର ଉତ୍ତର ତୁମେ
ଘନ କୁହୁଡ଼ି ର ଗାଢ଼ତା ତୁମକୁ ହିଁ ଜଣା
ଭାସମାନ ଜୀବନ ରେ ତୁମେ ହିଁ ସାଥୀ
ଏକଥା କିପରି କରିବ ଅସ୍ୱୀକାର ।

ତୁମ ଅଙ୍ଗୀକାରବଦ୍ଧତା
ସବୁ ଗଲା ମିଳେଇ
ଜୀବନର ସ୍ପନ୍ଦନକୁ ଦେଇଛି ହଜେଇ
ତୁମେ ତ ବୁଝିବ ନାହିଁ
ସ୍ମୃତିର ଝଲକ ଯାହା ରଖିଛି ବଞ୍ଚେଇ ।

ଲିଭିଛି ସେ କାମନାର ନିଆଁ
ପାଉଁଶର ଗନ୍ଧରୁ ତଥାପି
ବାରିହୁଏ ଯାତନା
ରାତିବି ଆଉ ଶୋଉନି ମୋ ପାଇଁ
ସକାଳ ବି ଆସେ ଘୁମେଇ ଘୁମେଇ ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ମହାରାଷ୍ଟ୍ର ସପ୍ତଶୃଙ୍ଗଗଡର ମା' ସପ୍ତଶୃଙ୍ଗୀ




ସୁଷମା ପରିଜା




ନାସିକ୍‌ଠାରୁ ଷାଠିଏ କିଲୋମିଟର ଦୂର ସପ୍ତଶୃଙ୍ଗ ଗଡ ରେ ଅବସ୍ଥିତ ମା' ସପ୍ତଶୃଙ୍ଗୀଙ୍କର ମନ୍ଦିର । ଘନଜଙ୍ଗଲ ଆଉ ସହସ୍ର ପାହାଡ ଘେରା ଏହି ଶକ୍ତିପୀଠର ବର୍ଣ୍ଣନା ଦେବୀ ଭାଗବତ ପୁରାଣ ରେ ବର୍ଣ୍ଣିତ ଦେବୀ ସତୀ ଙ୍କର ଶରୀରର ଅଂଶ ରୁ ସମ୍ଭୂତ ଏକାବନଟି ଶକ୍ତପୀଠ ମଧ୍ୟରେ ରହିଛି। କଥିତ ଅଛି ଯେ ଦେବୀ ସତୀଙ୍କର ଦକ୍ଷିଣ ହସ୍ତଟି ଏହି ସ୍ଥାନରେ ପତିତ ହୋଇଥିଲା। ଏଣୁ ଏହାକୁ ଅର୍ଦ୍ଧ ଶକ୍ତି ପୀଠ ବୋଲି କେହି କେହି କହିଥାନ୍ତି।

ଦେବୀ ମହାତ୍ମ୍ୟ କହେ ପିତା ଦକ୍ଷଙ୍କ ଦ୍ୱାରା ଯଜ୍ଞରେ ଅପମାନିତ ହୋଇ ଦେବୀ ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମାହୂତି ଦେଇଥିଲେ। ଦେବଦେବ ମହାଦେବ ପ୍ରାଣପ୍ରିୟା ପତ୍ନୀଙ୍କର ମୃତ୍ୟୁ ସମ୍ବାଦ ପାଇ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଯଜ୍ଞସ୍ଥଳରେ ପହଞ୍ଚି ଦକ୍ଷଙ୍କ ଶିରଚ୍ଛେଦନ କରି ଯଜ୍ଞ ନଷ୍ଟ କରିବା ପରେ ଦେବୀଙ୍କର ମୃତ ଶରୀରକୁ କାନ୍ଧରେ ପକାଇ ବ୍ରହ୍ମାଣ୍ଡ ସାରା ପ୍ରଚଣ୍ଡ ତାଣ୍ଡବ ନୃତ୍ୟ କରି କରି ଘୁରି ବୁଲନ୍ତେ ପୃଥ୍ୱୀ ମାତା ଦେବଗଣଙ୍କ ସହିତ ପୃଥ୍ୱୀ ରକ୍ଷା ପାଇଁ ଗୁହାରି କଲେ ଅନନ୍ତ ନାରାୟଣଙ୍କୁ । ପ୍ରଭୁ ଅନନ୍ତ ନାରାୟଣ କୌଶଳ କ୍ରମେ ସୁଦର୍ଶନ ଚକ୍ରରେ ଶିବଙ୍କର କାନ୍ଧରେ ଥିବା ସତୀଦେବୀଙ୍କର ମୃତ୍ୟୁ ଶରୀରକୁ ଖଣ୍ଡ ଖଣ୍ଡ କରି ଏକାବନ ଖଣ୍ଡରେ କାଟି ପକାଇଲା ପରେ ଦେବଦେବ ମହାଦେବଙ୍କୁ ସ୍ତୁତି କରି ଶାନ୍ତ କରାଇଲେ। ସତୀ ଦେବୀଙ୍କର ଶରୀରର ଖଣ୍ଡମାନ ଯେଉଁ ଯେଉଁ ସ୍ଥାନରେ ପତିତ ହୋଇଥିଲା ସେଠାରେ ଶକ୍ତିପୀଠମାନ ଗଢି ଉଠି ମହାପାବନ କ୍ଷେତ୍ର ବୋଲି ବିବେଚିତ ହେଲା ଏବଂ ମୁନି ଋଷି ଗଣ ଏହି ମହା ପାବନ କ୍ଷେତ୍ରମାନଙ୍କରେ ତପସ୍ୟା କରି ସିଦ୍ଧି ପ୍ରାପ୍ତ ହେଲେ। ମହାରାଷ୍ଟ୍ରରେ ଦେବୀଙ୍କ ଶରୀରର ସାଢେ ତିନି ଖଣ୍ଡ ପଡି ସେଠାରେ ଚାରୋଟି ଶକ୍ତି ପୀଠ ନିର୍ମିତ ହୋଇଥିଲା ବୋଲି କଥିତ ଅଛି। ସେଗୁଡିକ ହେଲା କୋହ୍ଲାପୁରର ମହାଲକ୍ଷ୍ମୀ ମନ୍ଦିର, ତୁଳଯାପୁରର ତୁଳଯାଭବାନୀ ମନ୍ଦିର, ମହୁର ବା ମାତ୍ରିପୁରର ରେଣୁକା (ମହାକାଳୀ) ମନ୍ଦିର ଏବଂ ନନ୍ଦୁରି ଗ୍ରାମର ସପ୍ତଶୃଙ୍ଗୀ ମନ୍ଦିର । ପରେ ଏହି ସ୍ଥାନଟି ସପ୍ତଶୃଙ୍ଗୀ ଗଡ ନାମରେ ନାମିତ ହୋଇଥିଲା। ଏହି ଚାରୋଟି ମନ୍ଦିର କୁ ପ୍ରଣବ (ଓଁ) ର ଚାରି ଅଙ୍ଗ– ଯଥା ( 'ଅ' କାର, 'ଉ' କାର, 'ମ' କାର, ଏବଂ ଅର୍ଦ୍ଧ ମାତ୍ରା )ର ପ୍ରତୀକ ବୋଲି କୁହାଯାଏ।

ସପ୍ତଶୃଙ୍ଗୀ ଦେବୀଙ୍କ ମନ୍ଦିରଟି ସାତୋଟି ପାହାଡର ଘେର ମଧ୍ୟରେ ଅବସ୍ଥିତ । ପାଞ୍ଚ ଶହ ଦଶଟି ପାହାଚ ଚଢି ତୀଖକୁ ଯିବାକୁ ପଡୁଥିବା ଅତ୍ୟନ୍ତ ଦୁର୍ଗମ ଏହି ଶକ୍ତି ପୀଠଟିରେ ଦେବୀ ଅତୀତରେ କେବଳ ମରାଠା ଏବଂ ଭିଲ୍ ଜନଜାତି ମାନଙ୍କ ଦ୍ୱାରା ସେମାନଙ୍କ କୁଳଦେବୀ ରୂପେ ପୂଜିତ ହେଉଥିଲେ। ଦେବୀ ମହାତ୍ମ୍ୟ ଅନୁସାରେ ଏହି ସପ୍ତଶୃଙ୍ଗୀ ଦେବୀ ମା' ମହାଲକ୍ଷ୍ମୀ, ମହାସରସ୍ୱତୀ ଏବଂ ମହାକାଳୀ ଙ୍କର ତ୍ରିଗୁଣଧାରିଣୀ । ଲୋକ ମୁଖରେ ଏହା ମଧ୍ୟ ଶୁଣିବାକୁ ମିଳେ ଯେ ଦେବୀ ବ୍ରହ୍ମାଙ୍କର କମଣ୍ଡଳୁରୁ ଜାତ, ସେ ବ୍ରାହ୍ମଣୀ। ପୁଣି ସେ ମହିଷମର୍ଦ୍ଦିନୀ ଦୁର୍ଗା ଯିଏ ମହିଷାସୁରର ନିଧନ କରି ଏହି ପାହାଡ ଶିଖରରେ ବିଶ୍ରାମ ନେଉଛନ୍ତି, ପାହାଡର ପାଦଦେଶରେ ଥିବା ପ୍ରଥମ ପଥରଟି କାଳେ ମହିଷାସୁରର ମସ୍ତକ । ଆହୁରି ମଧ୍ୟ ଜନଶ୍ରୁତି ରହିଛି ଯେ ସପ୍ତଶୃଙ୍ଗୀଙ୍କ ଆବାସ ସ୍ଥଳୀଟି ରାମାୟଣରେ ବର୍ଣ୍ଣିତ ଦଣ୍ଡକାରଣ୍ୟର ଅଂଶବିଶେଷ। ପ୍ରଭୁ ଶ୍ରୀରାମଚନ୍ଦ୍ର, ପତ୍ନୀ ଜାନକୀ ଏବଂ ଭ୍ରାତା ଲକ୍ଷ୍ମଣଙ୍କୁ ସାଥିରେ ଧରି ଏଇଠି ଆସି ରହିଥିଲେ। ଏହି ପାହାଡ ଶୃଙ୍ଖଳାର ଉତ୍ତର ଦିଗରେ ମାର୍କଣ୍ଡେୟ ନାମରେ ଏକ ଗୁମ୍ଫା ରହିଛି। କଥିତ ଅଛି ଯେ ଏଠାରେ ରହି ଋଷି ମାର୍କଣ୍ଡେୟ ଦେବୀଙ୍କର ଉପାସନା କରି ସିଦ୍ଧିଲାଭ କରିଥିଲେ। ପୁଣି ଶୁଣାଯାଏ ଶିରିଡି ସାଇବାବାଙ୍କର ଆତ୍ମକଥାରେ ଏହି ସପ୍ତଶୃଙ୍ଗୀ ଦେବୀଙ୍କର ଉଲ୍ଲେଖ ରହିଛି। ବାବା ଏହି ସ୍ଥାନର ଜଣେ ଭକ୍ତଙ୍କୁ ତାଙ୍କର ଉପାସନା କରି ମାନସିକ ରୋଗରୁ ଆରୋଗ୍ୟ ଲାଭ କରାଇଥିଲେ।


ଲୋକକଥା ଏବଂ କାହାଣୀ ତ' ଅନେକ କିନ୍ତୁ ଏହା ସ୍ୱତଃସିଦ୍ଧ ଯେ ମା' ସପ୍ତଶୃଙ୍ଗୀ ଖୁବ୍ ପ୍ରତ୍ୟକ୍ଷ ଠାକୁରାଣୀ, ସେ ସିଦ୍ଧିଦାତ୍ରୀ ।


ସପ୍ତଶୃଙ୍ଗୀ ମନ୍ଦିରଟି ଏକ ଦୁଇ ମହଲା ବିଶିଷ୍ଟ ପାହାଡ ଖୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରଥମ ମହଲାରେ ପାର୍ଶ୍ୱର ଦେବୀଦେବତା ଏବଂ ଦ୍ୱିତୀୟ ମହଲାରେ ଦେବୀଙ୍କର ଆସ୍ଥାନ ରହିଛି। ଏଠାରେ ଦେବୀ ପ୍ରତିମା ସ୍ୱୟମ୍ଭୂ ଅର୍ଥାତ୍ ପାହାଡ ଖୋଲି ଭିତରପଟେ ଏକ ବଡ ପ୍ରସ୍ତର ଉପରେ ନିଜେ ନିଜ ଦ୍ୱାରା ନିର୍ମିତ( ଖୋଦିତ)। ସାଧାରଣ ଭାବରେ ଦେଖିଲେ ଏହା ଆଠଫୁଟ୍ ଉଚ୍ଚ ରେ ଖୋଦେଇ ହୋଇଥିବା ଏକ ଅଷ୍ଟାଦଶଭୂଜା ଦେବୀ ମୂର୍ତ୍ତି, କେଶରୀ ରଙ୍ଗର ସିନ୍ଦୂରରେ ରଙ୍ଗାୟିତ ଦେବୀଙ୍କର ସର୍ବାଙ୍ଗ। ତାଙ୍କର ଅଷ୍ଟାଦଶ ଭୂଜରେ ରହିଛି ମହିଷାସୁର ନିଅନ୍ତି ନିମନ୍ତେ ଦେବଗଣଙ୍କ ପ୍ରଦତ୍ତ ଅସ୍ତ୍ର ଶସ୍ତ୍ର, ଯଥା – ଶିବଙ୍କର ତ୍ରିଶୂଳ, ବିଷ୍ଣୁଙ୍କର ସୁଦର୍ଶନ ଚକ୍ର, ବରୁଣଙ୍କର ଶଙ୍ଖ, ଅଗ୍ନିଙ୍କର ବହ୍ନିବଳୟ, ବାୟୁଙ୍କର ଧନୁ ତୀର, ଇନ୍ଦ୍ରଙ୍କ ବଜ୍ର, ଘଣ୍ଟା, ତାଙ୍କର ଦଣ୍ଡ, ବ୍ରହ୍ମାଙ୍କ କମଣ୍ଡଳୁ ଅକ୍ଷରମାଳା, ସୂର୍ଯ୍ୟ ଦେବଙ୍କର ଅଂଶୁମାଳି, ଖଡଗ, ବିଶ୍ୱକର୍ମାଙ୍କର ପରଶୁ, କୁବେରଙ୍କର ପୟପାତ୍ର, ଗଦା, ପଦ୍ମ, ପାଶ, ଅଙ୍କୁଶ । ଦେବୀଙ୍କର ଶିରରେ ଶୋଭା ପାଉଛି ହୀରଣ୍ମୟ ଶିରସ୍ତ୍ରାଣ, ଲାଳସାରେ ସୁବର୍ଣ୍ଣର ନୋଥ ଏବଂ ଗଳାହାର। ଦେବୀ କାଞ୍ଚଳା ଭଳି ଏକ ବସ୍ତ୍ର ସହିତ ଓଢିଆଣୀ ରେ ଆବୃତା। ଦେବୀଙ୍କର ଚକ୍ଷୁ ଦୁଇଟି ଶୁଭ୍ର ଚିନାମାଟିରେ ନିର୍ମିତ ଯାହା ଅତ୍ୟନ୍ତ ଜାଜ୍ୱଲ୍ୟମାନ। ସେବକମାନେ ପ୍ରତ୍ୟହ ଦେବୀଙ୍କୁ ଜଳାଭିଷେକ କରାଇ ପୋଷାକ ପତ୍ର ପରିବର୍ତ୍ତନ ସହ ସାଜସଜ୍ଜା କରାଇଥାନ୍ତି। ସିନ୍ଦୂର ପ୍ରିୟା ସେ ଦେବୀମାତା । ଭକ୍ତଗଣ ମୁଖ୍ୟତଃ ଦେବୀଙ୍କୁ ସିନ୍ଦୁର ଅର୍ପଣ କରିଥାନ୍ତି । ଦେବୀଙ୍କର ସମ୍ମୁଖରେ ଥିବା ଦଲାଣରେ ପୋତା ହୋଇଛି ପିତ୍ତଳର ତ୍ରିଶୂଳଟିଏ, ଯାହା ଘଣ୍ଟି ଏବଂ ଦୀପ ଦ୍ୱାରା ସୁସଜ୍ଜିତ। ଦଲାଣ ମଝିରେ ପିତ୍ତଳର ସିଂହ ମୂର୍ତ୍ତିଟିଏ ସତେ ଅବା ମାଆଙ୍କୁ ଜଗି ବସିଛି।


ପୂର୍ବରୁ ଅଗମ୍ୟ ଥିବା ଏହି ମନ୍ଦିରର ଅନେକ ପରିବର୍ତ୍ତନ ଘଟିଛି। ସମୟାନୁକ୍ରମେ ମୂଳ ମନ୍ଦିରର ବିଭିନ୍ନ ଅଙ୍ଗର ଅଭିବୃଦ୍ଧି କରାଯାଇଛି। ଉଣେଇଶହ ଶତାବ୍ଦୀରେ ମୁଖ୍ୟ ଆସ୍ଥାନ ନିକଟରେ ଛାତ ଆକୃତିର ତୋରଣଟି ଗଢାଇ ଦେଇଥିଲେ ସତାରା ଜିଲ୍ଲାର ମୁଖ୍ୟ ପ୍ରଶାସକ। ତତ୍‌ପରେ ଭିନଚୁର୍ ଜିଲ୍ଲାର ପ୍ରଶାସକ ଆହୁରି କିଛି ଉନ୍ନତିକରଣ କରିଥିଲେ।ସାତଶହ ଦଶ ମସିହା ରେ ଉମାବାଇ ଦାଭାଡେ ନାମ୍ନୀ ଭକ୍ତ ଜଣେ ପାହାଡର ସେଇ ପାନ୍ଶହରୁ ଉର୍ଦ୍ଧ୍ୱ ଆବୁଡା ଖାବୁଡା ପାହାଚକୁ ସମତୁଲ କରି ଛୋଟ ଛୋଟ ପାହାଚରେ ପରିବର୍ତ୍ତିତ କରିବା ନିମନ୍ତେ ଅର୍ଥ ଦାନ କରିଥିଲେ। ପ୍ରତ୍ୟେକ ପାହାଡରେ ରାମ, ସୀତା, ହନୁମାନ, ରାଧାକୃଷ୍ଣ, ଦତ୍ତାତ୍ରେୟ ଏବଂ କଚ୍ଛପଙ୍କର ଆକୃତିମାନ ରହିଛି। କଥିତ ଅଛି ଯେ ନିକଟସ୍ଥ ବରିଗାଁର ମୁଖିଆ ପ୍ରତି ପୂର୍ଣ୍ଣିମା ରାତିରେ ପତାକାଟିଏ ଧରି ସେଇ ପାହାଚରେ ଚଢି ଚଢି ମନ୍ଦିରର ଶୀର୍ଷଦେଶକୁ ଯାଆନ୍ତି ଏବଂ ଉଦୟମାନ ସୂର୍ଯ୍ୟର ପ୍ରଥମ କିରଣରେ ସେଇ ପତାକା ଝଲସି ଉଠେ। କେଉଁ ପଥଦେଇ ସେ ନିର୍ଦ୍ଦେଶକୁ ଯାଆନ୍ତି ତାହା କେହି ଜାଣନ୍ତି ନାହିଁ, ଜାଣିବାକୁ ଚେଷ୍ଟା କଲେ କାଳେ ଅନ୍ଧ ହୋଇଯିବେ। ଏବେ ସରକାରଙ୍କ ତରଫରୁ ଏହାକୁ ପର୍ଯ୍ୟଟନ ସ୍ଥଳ ଭାବରେ ଗ୍ରହଣ କରି ଅନେକ ବିକାଶ କରା ଯାଇଛି। ପାହାଡରେ ପାନ୍ଶହ ପଥର ପାହାଚକୁ କାଟି ଗଡାଣିଆ ରାସ୍ତା ତିଆରି ହୋଇଛି ରୋପ୍ ଟ୍ରେନ୍‌ରେ ଭକ୍ତ ମାନେ ଆଖି ପିଛୁଳାକେ ମା' ସପ୍ତଶୃଙ୍ଗୀଙ୍କ ମନ୍ଦିର ଦ୍ୱାର ପାଖରେ ପହଞ୍ଚି ପାରୁଛନ୍ତି, ସେଠାରେ ଭକ୍ତ ମାନଙ୍କ ପାଇଁ ଧାଡିବାନ୍ଧି ଦର୍ଶନ କରିବାର ସୁବନ୍ଦୋବସ୍ତ କରାଯାଇଛି। ସୁନ୍ଦର ଗ୍ୟାଲେରୀ ସହିତ ଭୋଜନାଳୟ, ଦୋକାନ ବଜାର ମଧ୍ୟ ଖୋଲା ଯାଇଛି। ଏବେ ଆଉ ଅଗମ୍ୟ ହୋଇ ରହିନାହିଁ ମହାରାଷ୍ଟ୍ରର ସପ୍ତଶୃଙ୍ଗୀ ମାତାଙ୍କ ମନ୍ଦିର। ବର୍ଷସାରା ହଜାର ହଜାର ଭକ୍ତଙ୍କ ଭିଡ ଲାଗି ରହିଛି ସେଠାରେ। ଏଇ ନିକଟରେ ଲେଖିକାର ସୌଭାଗ୍ୟ ହୋଇଥିଲା ମା' ସପ୍ତଶୃଙ୍ଗୀଙ୍କୁ ଦର୍ଶନ କରିବାର। ଗୁଜୁରାଟର ବଲସାଡ୍‌ରୁ ବାହାରି ଆମେ ଟ୍ରାଭେରା ଗାଡିଟିଏ ନେଇ ନାସିକ୍ ରାସ୍ତାରେ ଯାଇ ଖୁବ୍ ସୁନ୍ଦର ଭାବରେ କେତେ ସହଜରେ ଦର୍ଶନ କରି ପାରିଲୁ । ରୋପ୍ ଟ୍ରେନ୍‌ରେ ବସିବାର ମଜା ନିଆରା । ସେଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ମନୋରମ ଯେ ହୃଦୟ ଭିତରେ ଛାପି ହୋଇ ରହିଥିବ ଚିରଦିନ।ଜୟ ମା' ସପ୍ତଶୃଙ୍ଗୀ !!


+ ଶାରଳା ଭବନ ପୋତାପୋଖରୀ
ନୂଆବଜାର କଟକ








# ସିନେ ପରଦାରେ ଯୁଦ୍ଧ କାହାଣୀ


ଡାକ୍ତର ଶୁଭଶ୍ରୀ ମିଶ୍ର

ସମଗ୍ର ବିଶ୍ୱରେ ଏକ ପ୍ରକାର ଯୁଦ୍ଧମୁହାଁ ଭୟାନକ ବିଭୀଷିକା ଆଡ଼କୁ ମଧ୍ୟ ପ୍ରାଚୀର ଯୁଦ୍ଧ ବିଶ୍ୱ ଅର୍ଥନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ଆଜି ବିଶ୍ୱର ପ୍ରତିଟି ଘରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯୁଦ୍ଧ ଅର୍ଥନୀତି କାଳରାକ୍ଷାସ ପରି ଏ ସବୁ ଭିତରେ କିନ୍ତୁ ସମଗ୍ର ପୃଥିବୀରେ ଯୁଦ୍ଧ ଚଳଚ୍ଚିତ୍ର ପ୍ରତି ଦର୍ଶକଙ୍କ ଆଗ୍ରହ ଯୁବପିଢ଼ୀ ଠାରୁ ବୟସ୍କବର୍ଗଙ୍କ ସମସ୍ତଙ୍କ ଭିତରେ ରହିଛି ଏହି ଯୁଦ୍ଧ ସିନେମା ଭିତରେ ପ୍ରସଙ୍ଗ ଗୁଡ଼ିକ ଦେଶ ମାତୃପ୍ରେମ, ଅପୂର୍ବ ବୀର ସାହାସିକତା, ଭଲ ପାଇବା ଏବଂ ଯୁଦ୍ଧ ସମୟରେ ବଳୀଦାନ, ନିଜ ଆତ୍ମୀୟଙ୍କୁ ହରାଇ କିପରି ଜୀବନର ମୁହୂର୍ତ୍ତ ବଦଳିଯାଏ ଏସବୁକୁ ନେଇ ଅନେକ ସିନେମା ମୁକ୍ତିଲାଭ କରିଛି ଏବଂ ଦର୍ଶକୀୟ ଆଦୃତି ସହିତ ଭଲ ରକମର ଅର୍ଥ ରୋଜଗାର ମଧ୍ୟ କରିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ଘଟଣାବଳୀକୁ ନେଇ ୧୯୯୭ରେ ବିଖ୍ୟାତ ନିର୍ଦ୍ଦେଶକ ଜେ.ପି.ଦତ୍ତା ତିଆରି କରିଥିଲେ ସିନେମା 'ବର୍ଡ଼ର'। ସେ ସମୟର ତିନି ସୁପରଷ୍ଟାର ଯଥା ସନ୍ନି ଦିଓଲ, ଜ୍ୟାକି ଶ୍ରଫ, ସୁନୀଲ ସେଟ୍ଟୀ ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଛନ୍ତି। ସେ ସମୟରେ ଏହି ସିନେମା ବ୍ଲକବଷ୍ଟର ମର୍ଯ୍ୟାଦା ପାଇଥିଲା। ବଡ଼ଖୁସିର କଥା ଏବେ ବି ଅନେକ ସିନେମା ହଲରେ ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ବର୍ଡ଼ର ସିନେମା ଚାଲୁଛି।



ଏହାପରେ ଯଦିଓ ଟିକେ ବିଳମ୍ବ ହୋଇଯାଇଥିଲା ସେ ସମୟର ବଡ଼ ଚର୍ଚ୍ଚିତ ୧୯୯୯ର କାର୍ଗିଲ ଯୁଦ୍ଧକୁ ନେଇ ୨୦୦୩ରେ ମୁକ୍ତିଲାଭ କରିଥିଲା 'ଏଲଓସି କାର୍ଗିଲ'। ଏହି ସିନେମାରେ କାର୍ଗିଲ ଯୁଦ୍ଧର ବିଭିନ୍ନ ଦିଗ ବିଶେଷକରି ଆମ ବୀର ଯବାନଙ୍କର ପରାକ୍ରମୀ କୌଶଳପୂର୍ଣ୍ଣ ଅଭିଯାନ ଏବଂ ବଳୀଦାନ ଅତି ନିଖୁଣ ଭାବରେ ପ୍ରଦର୍ଶିତ ହୋଇଥିଲା। କହିବାକୁଗଲେ ବିଭିନ୍ନ ଭୂମିକାରେ ଅଜୟ ଦେବଗନ, ସଞ୍ଜୟ ଦତ, ଅଭିଶେକ ବଚ୍ଚନ, ସୁନୀଲ ସେଟ୍ଟୀ ଓ ଶୈଫଅଲ୍ଲୀ ଖାଁ ଅତି ଜୀବନ୍ତ ଅଭିନୟ କରିଥିଲେ। ଯେ.ପି. ଦତ୍ତାଙ୍କ ନିର୍ଦ୍ଦେଶିତ ଏହି ସିନେମା ଆଶାତୀତ ସଫଳତା ମଧ୍ୟ ପାଇଥିଲା। ସେହିବର୍ଷ ନିର୍ମାତା ଫରହାନ ଅଖତର 'ଲକ୍ଷ୍ୟ' ସିନେମା ପ୍ରସ୍ତୁତ କରିଥିଲେ। ଏଥିରେ ଋତ୍ୱିକ ରୋଶନ ଓ ପ୍ରୀତି ଜିଣ୍ଟା ଅତି ଆକର୍ଷଣୀୟ ଭୂମିକା ନିର୍ବାହ କରିଥିଲେ। ସିନେମାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସାଧାରଣ ଜୀବନ ଜୀଉଁଥିବା ଜଣେ ନିକମା ବା ଅଳସୁଆ ଯୁବକ ଜୀବନରେ କିପରି ସେନାବାହିନୀରେ ସାମିଲ ହୋଇ ଆତଙ୍କବାଦୀଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ଭିତରେ ନିଜେ ନିଜ ଜୀବନକୁ ବଦଳାଇ ପାରୁଛି।


ଏହାପରେ ୨୦୦୬ ମସିହାରେ ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧବନ୍ଦୀ ବିଶେଷକରି ପାକିସ୍ତାନଙ୍କ ହାତରେ ପଡ଼ୁଥିବା ଭାରତୀୟ ମାନଙ୍କ ଅକଥନୀୟ ଯନ୍ତ୍ରଣାର କାହାଣୀକୁ ନେଇ ସିନେମାଟି ପ୍ରସ୍ତୁତ ହୋଇଥିଲା '୧୯୭୧' ନାମରେ। ଅମୃତ ସାଗର ନିର୍ଦ୍ଦେଶିତ ଏହି ସିନେମାରେ ମନୋଜ ବାଜପେୟୀ ଓ ରବି କିଶନ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତେବେ ଏହାପରେ ବିଗ୍ ବଜେଟର ଭଲ ଆୟକାରୀ ସିନେମା ଭାବେ ୨୦୧୯ରେ ମୁକ୍ତିଲାଭ କରିଥିବା ସିନେମାଟି ଥିଲା 'ଉରି ଦ ସର୍ଜିକାଲ ଷ୍ଟ୍ରାଇକ'। ଭେଟେରାନ ଷ୍ଟାର ଭିକି କୌଶଲ ଅଭିନୀତ ଏହି ସିନେମାଟି ୨୦୧୬ ମସିହାର ଭୟାବହ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ଭାବରେ ଯେଉଁ ସର୍ଜିକାଲ ଷ୍ଟ୍ରାଇକ ସଂଗଠିତ ହୋଇଥିଲା ଏହାକୁ ହିଁ ନେଇ ସିନେମାଟି ଗତିଶୀଳ। ୨୦୨୧ରେ ମୁକ୍ତିଲାଭ କରିଥିଲା ୧୯୭୧ ମସିହାର ଜଣେ ଭାରତୀୟ ବାୟସେନାର ସ୍କ୍ୱାର୍ଡ଼ନ ଲିଡର ବିଜୟ କର୍ଣ୍ଣିକଙ୍କ ଅମାପ ଆତ୍ମ ବଳୀଦାନର କାହାଣୀ। 'ଭୁଜ ଦ ପ୍ରାଇଡ ଅଫ ଇଣ୍ଡିଆ' ନାମରେ ନିର୍ମିତ ଏହି ସିନେମାରେ ଅଜୟ ଦେବଗନ, ସଞ୍ଜୟ ଦତ୍ତ, ସୋନାକ୍ଷୀ ସିହ୍ନା ଓ ନୋରା ଫତେହୀ ଅତି ବାସ୍ତବଧର୍ମୀ ନିଖୁଣ ଅଭିନୟ କରିଥିଲେ। ଏହି ସିନେମାଟି ବିଭିନ୍ନ ପ୍ରାନ୍ତୀୟ ଭାଷାରେ ପରବର୍ତ୍ତୀ ସମୟରେ ମଧ୍ୟ ମୁକ୍ତିଲାଭ କରିଥିଲା। ୨୦୨୧ ମସିହାରେ କାର୍ଗିଲ ଯୁଦ୍ଧ ଘଟଣା ଭିତରେ ଆମ ବୀର ସେନା କ୍ୟାପଟେନ ବିକ୍ରମ ବାତ୍ରାଙ୍କ ଅମାପ ଦେଶପ୍ରେମ ଓ ଜୀବନୀକୁ ନେଇ ସିନେମା ଆସିଥିଲା 'ଶେରଶାହା'। ନବାଗତ ହୋଇ ମଧ୍ୟ ଏହି ସିନେମାରେ ବିକ୍ରମ ବାତ୍ରାଙ୍କ ଭୂମିକାରେ ସିଦ୍ଧାର୍ଥ ମଲହୋତ୍ରା ଏବଂ ନାୟିକା ଭୂମିକାରେ କିଆରା ଆଡ଼ଭାନୀ ଚମତ୍କାର ଅଭିନୟ କରିଥଲେ। ବିଷ୍ଣୁବର୍ଦ୍ଧନ ନିର୍ଦ୍ଦେଶିତ ଏହି ସିନେମା ବିଗ୍ ବଜେଟର ହୋଇଥିଲେ ମଧ୍ୟ ଏହା କିନ୍ତୁ ଆଶାନୁରୂପ ଅର୍ଥ ଲାଭ କରିନଥିଲା।

ପୂର୍ବପରି ଆଉ ଯୁଦ୍ଧ ଘଟଣାକୁନେଇ ସିନେମା ପ୍ରାୟତଃ ଆସୁନାହିଁ। ୟୁଟ୍ୟୁବରେ ସର୍ଟ ଫିଲ୍ମ ଓ ବିଶେଷକରି ଆନିମେଟେଡ଼ ତଥା ଏଆଇ ସିନେମା ଯୁଦ୍ଧ ସିନେମାର ଆଗ୍ରହକୁ କମାଇ ଦେଉଛି। ଅଧିକ ଟଙ୍କା ଖର୍ଚ୍ଚ କରି ସେଟ ପ୍ରସ୍ତୁତ ଓ ଆନୁସଙ୍ଗିକ ବ୍ୟୟବୋଝ ଉଭୟ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ନିରୁତ୍ସାହିତ କରୁଛି। ତେବେ ଏସବୁ ଭିତରେ ଭାରତୀୟ ଯୁଦ୍ଧ ସିନେମା ପ୍ରତିଟି ଭାରତୀୟ ଚେତନା ଯୁବଶକ୍ତି ଓ ଦେଶପ୍ରେମ ପାଇଁ ଅମାପ ଦିଗଦର୍ଶନ ଦେଉଥିବ ଚିରକାଳ ପାଇଁ।


+ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ମୋ : ୯୮୬୧୪୬୩୪୦୬


# ସମୃଦ୍ଧ କରିବା ସାହିତ୍ୟ


ପ୍ରତିଭା ଦାଶ

ସବୁଜ ଶ୍ୟାମଳ ଆମରି ଓଡ଼ିଶା
କଳା ସାହିତ୍ୟର ଘର
କେତେ ବରପୁତ୍ର ଜନ୍ମିଛନ୍ତି ଏଠି
ନାହିଁ ତା'ର ପଟାନ୍ତର ।

ତାଙ୍କ ଅବଦାନେ ସାହିତ୍ୟ ସମୃଦ୍ଧ
ରଖିଛି ଯଶ ଜଗତେ
ଉତ୍କଳ ଗୌରବ ଫକିର ମୋହନ
ସୃଷ୍ଟିର ସ୍ରଷ୍ଟା ଯେ ସତେ ।

ରଚିଛନ୍ତି କାବ୍ୟ କବିତା କାହାଣୀ
ରାଜ୍ୟର ଉନ୍ନତି ପାଇଁ
ତାଙ୍କରି ଉଦ୍ୟମେ ଆମ ଇତିହାସ
ଧରାରେ ରହିଛି ଜିଇଁ ।

ଆଜିର ଜଗତେ ସାହିତ୍ୟର ମାନ
ରଖୁ ନାହାନ୍ତି ଯେ କେହି
କବିର କବିତା କବି ହିଁ ଶୁଣୁଛି
ଜନତାର ଧୈର୍ଯ୍ୟ କାହିଁ ?

କବି ପରିଭାଷା ଆଣେ କ୍ରାନ୍ତିକାରୀ
ହେଲେ ଦିଅନ୍ତି ନି ଧ୍ୟାନ
ଆମ ସଂସ୍କୃତିକୁ ବଞ୍ଚାଇ ରଖିବା
ସାହିତ୍ୟ ଅଟେ ଦର୍ପଣ ।

କଳା ଭାସ୍କର୍ଯ୍ୟର ବିକାଶ ସକାଶେ
କରିବା ସଭିଏଁ ପଣ
ତାହାରି ବିନା ତ ଓଡ଼ିଶା ଆମର
ଲାଗେ ଶ୍ରୀହୀନ ଶ୍ରୀହୀନ ।


+ ନୂଆପଡ଼ା




# ମୟୂରଭଞ୍ଜ କଲେଜର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଜିଲ୍ଲାର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସମ୍ମାନ




ବାରିପଦା,୧୮/୦୮ (ନି.ପ୍ର): ୮୦ତମ ସ୍ୱାଧୀନତା ଦିବସ ଅବସରରେ ଶହୀଦ ସ୍ମୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍)ର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସୁଶ୍ରୀ ନାୟକଙ୍କୁ ମୟୂରଭଞ୍ଜ ଜିଲ୍ଲାର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଭାବେ ସମ୍ମାନିତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ତାଙ୍କୁ ଟ୍ରଫି, ପ୍ରଶସ୍ତିପତ୍ର ଓ ସମ୍ମାନ ପ୍ରଦାନ କରିଥିଲେ। ଏହି ସମ୍ମାନ ମୟୂରଭଞ୍ଜ କଲେଜ ପରିବାର ପାଇଁ ଗୌରବର ବିଷୟ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି। ଶ୍ରୀମତୀ ନାୟକ ଜଣେ ପରିଶ୍ରମୀ, ନିଷ୍ଠାବାନ ଓ କର୍ମଠ ଏନ୍‌ଏସ୍‌ଏସ୍ ଅଧିକାରୀ ଭାବେ ପରିଚିତ। ତାଙ୍କ ନେତୃତ୍ୱରେ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ, ରକ୍ତଦାନ ସଚେତନତା, ମାଦକ ବିରୋଧୀ ଅଭିଯାନ, ଯୋଗ ଦିବସ, ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ, ଟ୍ରାଫିକ ସଚେତନତା, ପରିବେଶ ସୁରକ୍ଷା ଅଭିଯାନ ସମେତ ବହୁ ସମାଜସେବାମୂଳକ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି। ବାରିପଦା ସହର ଏବଂ ନିକଟବର୍ତ୍ତୀ ବିଭିନ୍ନ ଗ୍ରାମରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବକମାନଙ୍କ ମାଧ୍ୟମରେ ଅନେକ ଜନହିତକର କାର୍ଯ୍ୟକ୍ରମ କରାଯାଇଛି। ତାଙ୍କର ସଫଳ ସଂଗଠନ କ୍ଷମତା, ନେତୃତ୍ୱ ଏବଂ ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ମନୋଭାବ ପାଇଁ ଏହି ସମ୍ମାନ ମିଳିଥିବାରୁ ଜିଲ୍ଲାର ଏନ୍‌ଏସ୍‌ଏସ୍ ମହଲରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀମତୀ ନାୟକ ବାରିପଦାର ବିଶିଷ୍ଟ ସମାଜସେବୀ ଭୂମିଗୌରବ ଶରତ ଚନ୍ଦ୍ର ନାୟକଙ୍କ ସାନ କନ୍ୟା ଏବଂ ବିଶିଷ୍ଟ ସାମାଜିକ କର୍ମୀ କୁମାରେଶ ନାୟକଙ୍କ ଭଉଣୀ। ସମାଜସେବାର ପାରିବାରିକ ପରମ୍ପରାକୁ ସେ ନିଜ କାର୍ଯ୍ୟ ମାଧ୍ୟମରେ ଆଗକୁ ନେଇଥିବା ଅନେକଙ୍କ ମତ। ଏହି ଗୌରବଜନକ ସଫଳତା ପାଇଁ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ, ଉପାଧ୍ୟକ୍ଷା ସଙ୍ଘମିତ୍ରା ରାଉତ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ଼. ପୁଷ୍ପା ପାତ୍ର, ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନା, ଜିଲ୍ଲା ଏନ୍‌ଏସ୍‌ଏସ୍ ସଂଯୋଜକ ଡ଼. ଅନାମ ଚରଣ ରାଉଳ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇ ଭବିଷ୍ୟତରେ ଆହୁରି ଅନେକ ସଫଳତା କାମନା କରିଛନ୍ତି।

# ଓଏସଆରଟିସି ବସ୍‌ରେ ଦିବ୍ୟାଙ୍ଗ, ବୃଦ୍ଧ ବୃଦ୍ଧାଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ

ଜୟପୁର,୧୯/୦୮ (ନି.ପ୍ର): କୋରାପୁଟ ଜିଲାର ସାଧାରଣ ଯାତ୍ରୀ ପରିବହନ କ୍ଷେତ୍ରରେ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରୁ ନଥିବା ଅଭିଯୋଗ ହୋଇଛି । ଫଳରେ କୋରାପୁଟ ଜିଲା ସମେତ ନବରଙ୍ଗପୁର, ମାଲକାନଗିରି ଜିଲାବାସୀ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବସ୍ ରେ ସମ୍ମାନର ସହିତ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି କିପରି ଅନୁକୂଳ ପରିବେଶରେ ଯାତାୟତ କରିପାରିବେ ସେଥିପାଇଁ କୌଣସି ପଦକ୍ଷେପ ସରକାର ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି । ସୁପ୍ରିମକୋର୍ଟଙ୍କ ୨୦୧୭, ଡିସେମ୍ବର ୧୫ର ରାୟ ଓ ଏହାପରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ୨୦୧୮, ମାର୍ଚ୍ଚ ୨୮ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଦିବ୍ୟାଙ୍ଗ ଅନୁକୂଳ ବସ୍ ସେବା ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି । ସମସ୍ତ ସରକାରୀ ବସ୍ ଦିବ୍ୟାଙ୍ଗ ଅନୁକୂଳ ଯେପରି ହେବ ତାହା ସୁନିଶ୍ଚିତ କରିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଘରୋଇ ବସ ଗୁଡ଼ିକୁ ମଧ୍ୟ ଦିବ୍ୟାଙ୍ଗ ଅନୁକୂଳ କରାଯିବା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ରାଜ୍ୟ ପରିବହନ ବିଭାଗ ୨୦୧୮, ମାର୍ଚ୍ଚ ୨୮ରେ ବିଜ୍ଞପ୍ତି ଜାରି କରିଥିଲା । ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ଓଏସଆରଟିସି ଦ୍ୱାରା ନୂଆ ବସ ଗୁଡ଼ିକ ଦିବ୍ୟାଙ୍ଗଙ୍କ ସହଜ.ସୁଗମ ଯାତାୟତ ବ୍ୟବସ୍ଥା ସଂପର୍କିତ ଭାରତ ସରକାରଙ୍କ ତତ୍କାଳୀନ ଅର୍ବାନ ଟ୍ରାନ୍ସପୋର୍ଟ ମନ୍ତ୍ରଣାଳୟ ପକ୍ଷରୁ ଜାରି ୨୦୧୮, ମେ ୧୦ର ଗାଇଡଲାଇନ କାର୍ଯ୍ୟକାରୀ କରିବେ । ଘରୋଇ ବସ ମାଲିକ ମଧ୍ୟ ଏହି ଗାଇଡଲାଇନ ପାଳନ କରିବେ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା । କିନ୍ତୁ ଏହି ବିଜ୍ଞପ୍ତି ପରବର୍ତୀ ସମୟରେ ସରକାର କାର୍ଯ୍ୟକାରୀ କରି ନଥିବା ଅଭିଯୋଗ ହୋଇଛି । ଓଏସଆରଟିସି ଦ୍ୱାରା ପରିଚାଳିତ କୌଣସି ବସ୍ ରେ ବର୍ତମାନ ପର୍ଯ୍ୟନ୍ତ ରାମ୍ପସ, ଲିଫ୍ଟ, ଲୋ-ଫ୍ଲୋର, ହାଇଡ୍ରୋଲିକ ଲିଫ୍ଟ ଭଳି ସୁଗମ ଯାତାୟତ ବ୍ୟବସ୍ଥା ନାହିଁ । ୨୦୨୦ରୁ ୨୦୨୬, ଫେବ୍ରୁଆରି ମଧ୍ୟରେ ଓଏସଆରଟିସି ପକ୍ଷରୁ ନୂଆ ବସ କ୍ରୟ କରାଯାଇଛି ଓ ଏଗୁଡ଼ିକୁ ବିଭିନ୍ନ ରୁଟରେ ପରିଚାଳନା ପାଇଁ ବ୍ୟବହାର କରାଯାଉଛି । ନୂଆ ବସ ଓଏସଆରଟିସି କ୍ରୟ କରିଛି କିନ୍ତୁ କିଛି ସୁବିଧା କରାଯାଇ ନାହିଁ। ଓଏସଆରଟିସିର କୌଣସି ବସରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ୨୦୧୮ର ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁପାଳନ କରି ଦିବ୍ୟାଙ୍ଗଙ୍କ ପାଇଁ ସହଜ, ସୁଗମ ଯାତାୟତ ବ୍ୟବସ୍ଥା କରାଯାଇ ନାହିଁ ବୋଲି ସ୍ପଷ୍ଟ ହୋଇଛି । ଏଭଳି ସ୍ଥିତିରେ ଘରୋଇ ବସ ମାଲିକ ଏ ସମ୍ପର୍କିତ ନିୟମ କ'ଣ କାର୍ଯ୍ୟକାରୀ କରିବେ ବୋଲି ପ୍ରଶ୍ନ ଉଠୁଛି । ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବ ପାଇଁ ଦିବ୍ୟାଙ୍ଗ ଓ ବୟସ୍କମାନେ ସମ୍ମାନରେ ବସରେ ଯାତାୟତ କରିବା କଷ୍ଟକର ହୋଇପଡିଛି । ବୃଦ୍ଧ ବୃଦ୍ଧା ମାନେ ବହୁତ ହଇରାଣ ହେଉଛନ୍ତି । ଆଜି ଫଏ ଅବିଭକ୍ତ କୋରାପୁଟ ଜିଲାର ନବରଙ୍ଗପୁର ଓ ମାଲକାନଗିରି ରେଳ ମାନଚିତ୍ରରେ ସ୍ଥାନ ପାଇନାହିଁ। ଜିଲାର ବୃଦ୍ଧ ବୃଦ୍ଧା ଦିବ୍ୟାଙ୍ଗ ମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ସରକାର ତୁରନ୍ତ ଦିବ୍ୟାଙ୍ଗ ଓ ବୃଦ୍ଧ ବୃଦ୍ଧାଙ୍କ ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

# ବନ୍ୟା ବିପନ୍ନଙ୍କ ସାହାରା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା



ବସ୍ତା:୧୯ /୮(ନିପ୍ର) ଚଳିତ ମାସ ଲଗାଣ ବର୍ଷା ଫଳରେ ଜଳକା ନଦୀରେ ବଡ ବନ୍ୟା ଯୋଗୁଁ ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଅନେକ ଲୋକଙ୍କ ଘରେ ବନ୍ୟା ପାଣି ପଶିଯିବା ସହ ରୋଷେଇ ଓ ଖାଦ୍ୟପେୟ ଭଳି ମୌଳିକ ସମସ୍ୟା ଦେଖା ଦେଇଛି। ଏପରି ସ୍ଥିତିରେ ବନ୍ୟା ବିପନ୍ନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ମାନବିକତାର ପରିଚୟ ଦେଇଛନ୍ତି ସୁମନ୍ତ । ଏହି ଦୁର୍ଦ୍ଦିନ ସମୟରେ ବିପନ୍ନଙ୍କ ପାଖରେ ବିପଦର ବନ୍ଧୁ ଭାବରେ ଠିଆ ହୋଇଛନ୍ତି ପ୍ରକୃତିବନ୍ଧୁ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା। ଶ୍ରୀ ଜେନା ନିଜସ୍ୱ ଉଦ୍ୟମରେ ବସ୍ତା ବ୍ଲକର ବାହାର୍ଦା, କୁଡିଆ, ବାସୁ ଚକୁରୀ, ଦୁଧ ହଂସା ପଞ୍ଚାୟତ ଏବଂ ସଦର ବ୍ଲକ ଅନ୍ତର୍ଗତ ରସୁଲପୁର ପଞ୍ଚାୟତରେ ପ୍ରଭାବିତ ବନ୍ୟା ବିପନ୍ନ ପରିବାରଗୁଡ଼ିକୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଶ୍ରୀ ଜେନାଙ୍କ ନେତୃତ୍ୱରେ ସାମଜିକ କର୍ମୀ ସୁଜିତ୍ ନାୟକ, ଯୁବ ସମାଜସେବୀ ରାଜେଶ କୁମାର ଗିରି, ଯୁବ ସାମ୍ବାଦିକ ସେକ୍ ଜଗୁ, ସମାଜସେବୀ ଗଣେଶ ପାଢୀ ଏବଂ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶ୍ରୀ ଜେନାଙ୍କ ଏଭଳି ମହତ୍ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଖୁବ୍ ପ୍ରସଂଶା କରାଯାଇଛି ।

# ଏମ୍ସର ବହିର୍ବିଭାଗର ନୂତନ ଡାକ୍ତରମାନଙ୍କୁ ସ୍ୱାଗତ

## ଏମ୍ସର ସମସ୍ତ ବିଭାଗ ଓ ୩ଶହ ଶଯ୍ୟା ବିଶିଷ୍ଟ ସାଟେଲାଇଟ୍ ସେଣ୍ଟର କାର୍ଯ୍ୟକ୍ଷମ ପାଇଁ ଦାବି



ବାଲେଶ୍ୱର,୧୯/୦୮ (ନି.ପ୍ର): ଗତ ୨୦୧୭ ମସିହାରୁ ଏମ୍ସ ସାଟେଲାଇଟ୍ ସେଣ୍ଟରର ବହିର୍ବିଭାଗ ପ୍ରଥମ ପର୍ଯ୍ୟାୟରେ ସପ୍ତାହକୁ ଗୋଟିଏ ଦିନ ଓ ପରବର୍ତ୍ତୀ ସମୟରେ ସପ୍ତାହକୁ ଶୁକ୍ରବାର ଓ ଶନିବାର ମାତ୍ର ଦୁଇଦିନ ପାଇଁ କାର୍ଯ୍ୟ କରୁଥିଲା। ଏମ୍ସ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାବାସୀ ଦାବି କରିଆସୁଥିଲେ। ଚଳିତ ଅଗଷ୍ଟ ପହିଲା ଦିନ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ଗଣସଂଗଠନ ପକ୍ଷରୁ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏମ୍ସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏମ୍ସ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଅନୁଯାୟୀ ଗତ ସୋମବାର ଠାରୁ ବହିର୍ବିଭାଗର ୫ଟି ବିଭାଗ କାର୍ଯ୍ୟ ଆରମ୍ଭ କରିଛି। କେବଳ ରବିବାର ବ୍ୟତୀତ ସପ୍ତାହବ୍ୟାପୀ ଏହି ବହିର୍ବିଭାଗ କାର୍ଯ୍ୟକ୍ଷମ ରହିବ। ପର୍ଯ୍ୟାୟକ୍ରମେ ବହିର୍ବିଭାଗରେ ଅନ୍ୟ ସମସ୍ତ ବିଭାଗ କାର୍ଯ୍ୟ ଆରମ୍ଭ କରିବ ବୋଲି ଏମ୍ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସମସ୍ତ ରୋଗର ପରୀକ୍ଷା ପାଇଁ ପାଥୋଲ୍ୟାବ୍ ଓ ଔଷଧ ଦୋକାନ ସବୁ ଯଥାଶୀଘ୍ର କାର୍ଯ୍ୟାରମ୍ଭ କରିବ। ଚଳିତ ସପ୍ତାହରେ ଅର୍ଥପେଡ଼ିକ୍, ଚର୍ମ, ପ୍ରସୂତି, ସ୍ତ୍ରୀରୋଗ ଓ ଦନ୍ତବିଭାଗ କାର୍ଯ୍ୟ ଆରମ୍ଭ କରିଛି। ଆସନ୍ତା ସପ୍ତାହମାନଙ୍କରେ ସର୍ଜରୀ, ଗାଇନିଂ, ମେଡିସିନ୍, ପେଡିଆଟ୍ରିକ୍, ଇଏନ୍‌ଟି, ନ୍ୟୁରୋ ଓ ସାଇକାଟ୍ରିକ୍ ପ୍ରଭୃତି ବିଭାଗ କାର୍ଯ୍ୟ କରିବ।

ବୁଧବାର ଦିନ ସକାଳେ ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ଗଣସଂଗଠନର ନେତୃମଣ୍ଡଳୀ ଏମ୍ସ ବହିର୍ବିଭାଗରେ କାର୍ଯ୍ୟାରମ୍ଭ କରିଥିବା ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏମ୍ସ କର୍ତ୍ତୃପକ୍ଷ ନିଜର ପ୍ରତିଶ୍ରୁତି ରକ୍ଷା କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏମ୍ସର ସଂପୂର୍ଣ୍ଣ ବହିର୍ବିଭାଗ ସହ ତୁରନ୍ତ ୩ଶହ ଶଯ୍ୟା ବିଶିଷ୍ଟ ସାଟେଲାଇଟ୍ ସେଣ୍ଟର ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସେମାନେ ଦାବି କରିଛନ୍ତି। ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସ, ଅତିରିକ୍ତ ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ଦାସ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା, ରେମୁଣା ଅଞ୍ଚଳ କମିଟିର ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କମିଟି ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ଭୋଇଙ୍କ ସମେତ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, ସିଭିଲ୍ ସୋସାଇଟି ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ କବି ଡ. କାଳିପଦ ପଣ୍ଡା ପ୍ରମୁଖ ସଂଗଠନର ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ଏନଏସଏସ ୟୁନିଟ ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ




ବାରିପଦା,୧୯/୦୮ (ନି.ପ୍ର): ସ୍ୱାଧୀନତା ଦିବସ ପାଳନର ଅଂଶ ଭାବେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ, ବାରିପଦାର ଏନ ଏସ ଏସ ୟୁନିଟ୍ ପକ୍ଷରୁ 'ହର ଘର ତ୍ରିରଙ୍ଗା' ଅଭିଯାନ ଉତ୍ସାହ ଓ ଦେଶାତ୍ମବୋଧର ପରିବେଶ ମଧ୍ୟରେ ଆୟୋଜିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଏହି ତ୍ରିରଙ୍ଗା ଶୋଭାଯାତ୍ରାକୁ ଉଦ୍ଘାଟନ କରିଥିଲେ। ଏନ ଏସ ଏସ ପ୍ରୋଗ୍ରାମ ଅଫିସର ସୁଶ୍ରୀ ନାୟକଙ୍କ ନେତୃତ୍ୱ ଓ ପରିଚାଳନାରେ ଆୟୋଜିତ ଏହି ଅଭିଯାନରେ ୫୦ରୁ ଉର୍ଦ୍ଧ୍ୱ ଏନ ଏସ ଏସ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକା ଯୋଗଦେଇଥିଲେ। ତ୍ରିରଙ୍ଗା ଧରି ଦେଶଭକ୍ତିମୟ ସ୍ଲୋଗାନ ସହ ଅଂଶଗ୍ରହଣକାରୀମାନେ ମହାରାଜପୁର ଗ୍ରାମର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଗ୍ରାମର ପ୍ରତ୍ୟେକ ଘରକୁ ପହଞ୍ଚି ଘର ମାଲିକ ଓ ପରିବାର ସଦସ୍ୟମାନଙ୍କୁ ଦେଶର ଜାତୀୟ ପତାକାର ମହତ୍ତ୍ୱ ବିଷୟରେ ସଚେତନ କରାଯିବା ସହ ଗୋଟିଏ ଲେଖାଏଁ ତ୍ରିରଙ୍ଗା ବଣ୍ଟନ କରାଯାଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ ମାଧ୍ୟମରେ ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମ ପ୍ରତି ସମ୍ମାନର ଭାବନାକୁ ଅଧିକ ସୁଦୃଢ଼ କରିବା। ଛାତ୍ରଛାତ୍ରୀମାନେ ଘରକୁ ଘର ବୁଲି ତ୍ରିରଙ୍ଗା ବଣ୍ଟନ କରିବା ସହ ଜାତୀୟ ପତାକାର ମର୍ଯ୍ୟାଦା ଓ ଗାରିମା ରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କଲେଜ ପକ୍ଷରୁ କୁହାଯାଇଛି ଯେ, ଏଭଳି ଜନସମ୍ପର୍କ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏନ ଏସ ଏସ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସେବା, ଦାୟିତ୍ୱବୋଧ ଓ ଦେଶପ୍ରେମର ଭାବନା ବିକଶିତ ହେବା ସହ ଗ୍ରାମବାସୀଙ୍କ ମଧ୍ୟରେ ମଧ୍ୟ ଜାତୀୟ ଏକତାର ବାର୍ତ୍ତା ପହଞ୍ଚିପାରିବ।

ଅଭିଯାନ ସମୟରେ ସମଗ୍ର ମହାରାଜପୁର ଅଞ୍ଚଳ ତ୍ରିରଙ୍ଗାର ରଙ୍ଗରେ ରଙ୍ଗୀନ ହୋଇ ଉଠିଥିଲା। ଛାତ୍ରଛାତ୍ରୀ, ଏନ ଏସ ଏସ ସ୍ୱେଚ୍ଛାସେବୀ ଓ ଅଧ୍ୟାପକ-ଅଧ୍ୟାପିକାଙ୍କ ଉତ୍ସାହ ଏହି ଅଭିଯାନକୁ ଏକ ଭିନ୍ନ ମାତ୍ରା ପ୍ରଦାନ କରିଥିଲା। ଗ୍ରାମବାସୀମାନେ ମଧ୍ୟ ଏହି ଉଦ୍ୟମକୁ ସ୍ୱାଗତ କରିବା ସହ ନିଜ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

# ପଂଚାୟତ ସମିତି ବୈଠକ ଅନୁଷ୍ଠିତ

ନୂଆପଡ଼ା,୧୯/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ୍ ର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀ ଅଧିକାରୀମାନଙ୍କୁ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ନୂତନ ପ୍ରକଳ୍ପ ହାତକୁ ନେବାକୁ ଆହ୍ୱାନ କରିଥିଲେ। ବିଦ୍ୟୁତ, ପାନୀୟ ଜଳ, ଗ୍ରାମ୍ୟ ସଡ଼କ ଏବଂ ବିଭିନ୍ନ ଗ୍ରାମପଂଚାୟତକୁ ସଡ଼କ ସଂଯୋଗୀକରଣ ଭଳି ମୌଳିକ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସେ କହିଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଅନୁପସ୍ଥିତ ଥିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ।

# ଏସଆଇଆର ପ୍ରକ୍ରିୟାରୁ ବାଦ ଦେବାକୁ ଷଡ଼ଯନ୍ତ୍ର : ଅଭିଯୋଗ ଆଣିଲେ ୨ ୱାର୍ଡ଼ର ଶତାଧିକ ବାସିନ୍ଦା



ଭଦ୍ରକ,୧୯/୦୮ (ନି.ପ୍ର): ଏବେ ଚାଲିଛି ଏସଆଇଆର ବା ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟା। କିନ୍ତୁ ଏହି ପ୍ରକ୍ରିୟାରେ କେତେକ ସଂପୃକ୍ତ ଥିବା ଅଧିକାରୀ ନିଜ ଇଚ୍ଛାମୁତାବକ କାର୍ଯ୍ୟ କରୁଥିବାର ଅଭିଯୋଗ ଆସୁଛି। ଫଳରେ ବହୁ ଯୋଗ୍ୟ ମତଦାତା ନିଜର ଗଣତାନ୍ତ୍ରୀକ ଓ ସାମ୍ବିଧାନିକ ଅଧିକାରରୁ ବଂଚିତ ହେବାର ସମ୍ଭବାନା ଦେଖାଦେଇଛି। ଏନେଇ ବହୁ ଅଭିଯୋଗ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିୟମିତ ପହଂଚିବାରେ ଲାଗିଛି। ଏହାର ଏକ ଉଦାହରଣ ମଙ୍ଗଳବାର ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଶତାଧିକ ଅଭିଯୋଗକାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଭଦ୍ରକ ପୌରାଂଚଳର ୨୪ ଓ ୨୫ ନମ୍ବର ୱାର୍ଡ଼ର ଶତାଧିକ ସ୍ଥାୟୀ ବାସିନ୍ଦା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ(ଏସପି) ମନୋଜ ରାଉତଙ୍କୁ ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଭେଟି ଚାଲିଥିବା ସଂଶୋଧନ ପ୍ରକ୍ରିୟାର ୭ ନମ୍ବର ଫର୍ମ ମୂଳେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନିଜ ଅଭିଯୋଗରେ ସେମାନେ ଦର୍ଶାଇଛନ୍ତିଯେ; ପ୍ରଚଳିତ ପ୍ରକ୍ରିୟାର ନିୟମ ଅନୁସାରେ ଜଣେ ବ୍ୟକ୍ତି ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରି ପାରିବ ନାହିଁ। କିନ୍ତୁ ବିଶ୍ୱସ୍ତ ସୂତ୍ରର ତଥ୍ୟ ଅନୁଯାୟୀ ଦେଖିବାକୁ ମିଳୁଛି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଭିନ୍ନ ମତାଦର୍ଶ ପୋଷଣ କରି ଦଶରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ସେମାନଙ୍କ ସ୍ଥାୟୀ ବାସିନ୍ଦାକୁ ନେଇ ଅଭିଯୋଗ ଦାଖଲ କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ ଓ ଶତାଧିକ ମତଦାତାଙ୍କୁ ନିଜ ଗଣତାନ୍ତ୍ରୀକ ଓ ସାମ୍ବିଧାନିକ ଅଧିକାରରୁ ବଂଚିତ କରିବାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ଏହାକୁ ପ୍ରଶାସନ କିପରି ଅନୁମତି ଦେଉଛି ତହା ଏକ ପ୍ରଶ୍ନବାଚୀ। ଏସପି ଶ୍ରୀ ରାଉତ ଅଭିଯୋଗକାରୀଙ୍କୁ ଆଶସ୍ୱାନା ଦେଇଥିଲେ। କହିଥିଲେଯେ; ମିଥ୍ୟା ଅଭିଯୋଗକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। ଏହାବ୍ୟତୀତ ସେମାନଙ୍କୁ ସ୍ଥାନୀୟ ପୁରୁଣାବଜାର ଥାନାରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ନାମରେ ଅଭିଯୋଗପତ୍ର ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ପରେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ପହଂଚି ଅନୁରୂପ ଅଭିଯୋଗ କରିବା ସହ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ପ୍ରକ୍ରିୟାରେ କୌଣସି ଜଣେ ବି ବାସ୍ତବ ମତଦାତା ନିଜ ଗଣତାନ୍ତ୍ରୀକ ଅଧିକାରରୁ ବଂଚିତ ହେବେ ନାହିଁ ବୋଲି ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୨୫ ନମ୍ବର କାଉନସିଲର ସେକ ସାହିଲ କାଦ୍ରୀ, ୨୪ ନମ୍ବର ୱାର୍ଡ଼ର ପାରିଷଦଙ୍କ ପ୍ରତିନିଧି ଖାଲିଦ ହୁସେନ ଶାହା, ରାଜେନ୍ଦ୍ର ପ୍ରସାଦ ଯେନା, ବିଜୟ ବାରିକ, ଏନାମୁଲ ହକ୍, ସୁଲେମାନ ଖାନ, ଫୈଜାଉଦ୍ଦିନ ଖାନ, ସେକ ନୁର ମହମ୍ମଦଙ୍କ ସମେତ ଶତାଧିକ ୱାର୍ଡ଼ବାସୀ ଉପସ୍ଥିତ ଥିଲେ।

# ଚମ୍ପୁଆ କୋର୍ଟ ପରିସରରେ 'ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ

ଚମ୍ପୁଆ,୧୯/୦୮ (ନି.ପ୍ର): ଚମ୍ପୁଆ କୋର୍ଟ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସମାଜରୁ ନିଶାଦ୍ରବ୍ୟର ଅପବ୍ୟବହାରକୁ ରୋକିବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭୁତି ଭୂଷଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଜେ ପ୍ରଣୟ କୁମାର ଦାସ, ସବ ଜଜ ଜିତେନ୍ଦ୍ର କୁମାର ଦାସ, ଏସ ଡି ଜେ ଏମ ସଦନଜିତ ପଣ୍ଡା, ଏବଂ ଜେ ଏମ ଏଫ୍ ସି ସୁଶ୍ରୀ ସସ୍ମିତା ମିଶ୍ର ପ୍ରମୁଖ ବିଚାରପତି ମାନେ ଯୋଗ ଦେଇଥିଲେ। ଏହା ସହିତ ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପତିଙ୍କ ସମେତ ଚମ୍ପୁଆ ଓକିଲ ସଂଘର ସମସ୍ତ ଓକିଲ ଏବଂ କୋର୍ଟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ। ମତ ପ୍ରକାଶ ପାଇଛି।

# ନିର୍ବାଚନୀ ସାକ୍ଷରତା ଓ ଯୁବ ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ

ନିମାପଡା/ପୁରୀ,୧୯/୦୮ (ନି.ପ୍ର): ଭାରତ ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣତନ୍ତ୍ରକୁ ସୁସ୍ଥ, ସୁଦୃଢ଼ ଓ କ୍ରିୟାଶୀଳ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତବ୍ୟ। ଏଥିରେ ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବ ଭୋଟର ମାନେ ନିଶ୍ଚିତ ମତଦାନ କରିବାକୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ଅତିଥି ମାନେ। ନିର୍ବାଚନୀ ସାକ୍ଷରତା ଓ ଯୁବ ଭୋଟର ପଞ୍ଜୀକରଣ" ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ପକ୍ଷରୁ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଏଇଆରଓଙ୍କ ସହଯୋଗରେ ଆଜି ଅପରାହ୍ନରେ ମହାବିଦ୍ୟାଳୟର ଗ୍ୟାଲେରୀ ହଲ୍ ରେ ଆୟୋଜିତ ହୋଇଥିଲା। ଏଥିରେ ଯୋଗଦେଇ ନିମାପଡା ବିଡ଼ିଓ ଅଭିଜିତ ଷଡଙ୍ଗୀ ମୁଖ୍ୟ ଏବଂ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକ ଜଣେ ଭୋଟର ହେବାକୁ ଯୋଗ୍ୟ। ତେବେ ନିଜ ବିଏଲଓଙ୍କ ମାଧ୍ୟମରେ ବା ଇସିଆଇର ଆପ୍ ମାଧ୍ୟମରେ ନିଜ ନାମ ପଞ୍ଜିକରଣ କରିବା ଆବଶ୍ୟକ। ଗଣତନ୍ତ୍ର ପାଇଁ ଯୁବପିଢ଼ିର ଦାୟିତ୍ୱ ଓ କର୍ତବ୍ୟ ସମ୍ପର୍କରେ ସେମାନେ ବିଷଦ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ରାଜକିଶୋର ମିଶ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ଛାତ୍ରଛାତ୍ରୀ ମାନେ ନିର୍ବାଚନୀ ସଚେତନତା, ଦାୟିତ୍ୱବୋଧ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡ. ରବୀନ୍ଦ୍ରନାଥ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରିୟଦର୍ଶିନୀ ସାହୁ କାର୍ଯ୍ୟ ପରିଚାଳନା କରିଥିଲେ।

# ବିର୍ଲା ଟାୟାର୍ସର ନିଯୁକ୍ତି-ପରିବହନ ବିବାଦ ତେଜିଲା

## ■ବାଲେଶ୍ୱର ଯୁବକଙ୍କୁ ନିଯୁକ୍ତି ନାହିଁ
## ■ସ୍ଥାନୀୟ ଟ୍ରକକୁ ପରିବହନ ମନା
## ■'ବିଟିସିସି'ର ଆନ୍ଦୋଳନ ଚେତାବନୀ




ବାଲେଶ୍ୱର,୧୯/୮( ନିପ୍ର) ଦୀର୍ଘ ବର୍ଷ ଉତ୍ପାଦନ ବନ୍ଦ ରହିବା ପରେ କାର୍ଯ୍ୟକ୍ଷମ ହୋଇଥିବା 'ବିରଳା ଟାୟାର୍ସ' ଶିଳ୍ପାନୁଷ୍ଠାନରେ ନିଯୁକ୍ତି ଓ ପରିବହନକୁ ନେଇ ଉପୁଜିଥିବା ବିବାଦ କ୍ରମଶଃ ଜଟିଳ ହେବାରେ ଲାଗିଛି। ଜିଲ୍ଲାର ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି ନଦେବା ଓ ପରିବହନ କାର୍ଯ୍ୟରେ ସ୍ଥାନୀୟ ଟ୍ରକ ମାଲିକଙ୍କ ପ୍ରତି ନୂତନ ପରିଚାଳନା କର୍ତ୍ତୃପକ୍ଷ 'ଡାଲମିଆ ଭାରତ ଓ ହିମାଦ୍ରୀ କେମିକାଲ୍ସ'ଙ୍କ ଉଦାସୀନତା ବିରୋଧରେ 'ବାଲେଶ୍ୱର ପରିବହନ ସମନ୍ୱୟ ସମିତି' (ବିଟିସିସି) ଆନ୍ଦୋଳନ ଡାକରା ଦେଇଛି।ଏହି ପରିପ୍ରେକ୍ଷୀରେ ସହରର ଷ୍ଟେସନ କ୍ଲବ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଟିସିସି ସଭାପତି କିଶୋର ଚନ୍ଦ୍ର ମିଶ୍ର ଓ ନରେନ୍ଦ୍ର ବିହାରୀ ଦାସ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନ କାର୍ଯ୍ୟଧାରାକୁ କଡ଼ା ସମାଲୋଚନା କରିଛନ୍ତି। ସେମାନଙ୍କ କହିବା ଅନୁସାରେ 'ଡାଲମିଆ ଭାରତ ଓ ହିମାଦ୍ରୀ କେମିକାଲ୍ସ' ୩ ହଜାର କୋଟି ଟଙ୍କା ମୂଲ୍ୟର ବିରଳା ଟାୟାର୍ସକୁ ମାତ୍ର ୮ ଶହ କୋଟିରେ କ୍ରୟ କରିଥିଲେ। ଶିଳ୍ପାନୁଷ୍ଠାନ ମାଲିକାନା ହସ୍ତାନ୍ତରବେଳେ ପୁରୁଣା ଶ୍ରମିକଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ସାଙ୍ଗକୁ ପୂର୍ବରୁ କମ୍ପାନୀ ଉପରେ ନିର୍ଭରଶୀଳ ଲୋକଙ୍କୁ ନିଶ୍ଚିତ ସୁଯୋଗ ଦେବାକୁ 'ଏନସିଏଲଟି'ର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମୟ କ୍ରମେ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଏହାକୁ ଅବଜ୍ଞା କରି ଚାଲି ? ?ଲେ। ଏହାକୁ ବିରୋଧ କରି ସେତେବେଳେ ପୁରୁଣା ଶ୍ରମିକ ଓ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଟିସିସି କାର୍ଯ୍ୟକର୍ତ୍ତା ଆନ୍ଦୋଳନକାରୀଙ୍କୁ ବହୁ ବୁଝାସୁଝା କରି ସମାଧାନର ରାସ୍ତା ବାହାର କରିଥିଲେ। ପରେ ସ୍ଥାନୀୟ ଯୁବଗୋଷ୍ଠୀ ପରିବର୍ତ୍ତେ ବାହାର ଜିଲାର ଯୁବକଙ୍କୁ ନିଯୁକ୍ତି ଦେଇ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ କାରଖାନାର ଉତ୍ପାଦନ ଆରମ୍ଭ କରିଥିଲେ। ସେହିଭଳି ପୂର୍ବରୁ ବିଟିସିସି ମାଧ୍ୟମରେ ଉତ୍ପାଦିତ ଟାୟାର ପରିବହନ କରୁଥିବା ସ୍ଥାନୀୟ ଟ୍ରକକୁ ବି ସୁଯୋଗ ଦିଆଯାଉନି। ପୂର୍ବରୁ ବିର୍ଲା ଟାୟାର୍ସ କର୍ତ୍ତୃପକ୍ଷଙ୍କ ପ୍ରୋତ୍ସାହନରେ ସ୍ଥାନୀୟ ଯୁବକମାନେ ଋଣ କରି ଟ୍ରକ ଆଣି ଟାୟାର ପରିବହନ କାର୍ଯ୍ୟରେ ନିୟୋଜିତ କରି ସ୍ୱାବଲମ୍ବୀ ହୋଇଥିଲେ। ମାତ୍ର ଏବେ ବାଲେଶ୍ୱରର ଜଣେ ରାଜନୈତିକ ଦଲାଲ ତଥା ଲୋକପ୍ରତିନିଧିଙ୍କ ପ୍ରରୋଚନାରେ ପଡ଼ି ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ବାଲେଶ୍ୱରର ଟ୍ରକକୁ ମାଲ ପରିବହନରୁ ଅନ୍ତର କରିଛନ୍ତି। ସମ୍ପୃକ୍ତ ରାଜନେତାଙ୍କ ପରିବାର ବାହାର ଟ୍ରକ କାମରେ ଲଗାଇ ମାଲାମାଲ ହେଉଛନ୍ତି। ସେହିଭଳି ସ୍ଥାନୀୟ ବାହାର ଜିଲାର ଯୁବକଙ୍କୁ ନିଯୁକ୍ତି ଦେଇ ନେତା ଜଣକ ବେଶ ଉପାର୍ଜନ କରୁଛନ୍ତି ବୋଲି ବିଟିସିସି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏ ବାବଦରେ ଦୁଇ ସପ୍ତାହ ପୂର୍ବରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଅଦ୍ୟାବଧି ସରକାର ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବନ୍ୟା ସ୍ଥିତିକୁ ଦୃଷ୍ଟି ଦେଇ ୧୦ ଦିନ ଅପେକ୍ଷା କରି ବାଲେଶ୍ୱରର ଯୁବଗୋଷ୍ଠୀ ଓ ଟ୍ରକ ମାଲିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବିର୍ଲା ଟାୟାର କାରଖାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଓ ବିକ୍ଷୋଭ ଚାଲିବ ବୋଲି ବିଟିସିସି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଆବାହକ ଅଜୟ କୁମାର ବିଶ୍ୱାଳ, ଉପସଭାପତି ହେମନ୍ତ କୁମାର ମହାନ୍ତି, ସହସମ୍ପାଦକ ଦେବାଶିଷ ସିଂ ଓ କୋଷାଧ୍ୟକ୍ଷ ଅସିତ ଦାସ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସୁପ୍ରିମକୋର୍ଟଙ୍କ ଝଟକା....

ହୋଇଥିଲା ଆବେଦନକାରୀଙ୍କ ମତରେ ଏହା ସୁପ୍ରିମକୋର୍ଟର 'ପ୍ରକାଶ ସିଂହ' ରାୟର ନିର୍ଦ୍ଦେଶ ଉଲଂଘନ ସଂଘାତିକ ହୋଇପାରେ ବୋଲି କହିଛନ୍ତି ପୂର୍ବତନ ଡିଜିପି ଓ ଓଡ଼ିଶା ସରକାରଙ୍କ ଯୁକ୍ତି , ଯୋଗ୍ୟତା ପୂରଣ କରୁଥିବା ଆଇପିଏସ ୫ ଅଧିକାରୀଙ୍କୁ ପଦୋନ୍ନତି ଦେବା ଏକ ପ୍ରାଶାସନିକ ପ୍ରକ୍ରିୟା ଏବଂ ଯୋଗ୍ୟ ଅଧିକାରୀଙ୍କ ନାମ ନେଇ ନୂଆ ପ୍ରସ୍ତାବ ୟୁପିଏସସିକୁ କୁ ପଠାଇବାର ଅଧିକାର ରାଜ୍ୟର ରହିଛି ସଲିସିଟର ଜେନେରାଲ ତୁଷାର ମେହଟା ମଧ୍ୟ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷ ରଖିଛନ୍ତି। ତେବେ ପ୍ରଶ୍ନ ଉଠୁଛି—ଓଡ଼ିଶା ସରକାର କାହିଁକି ବ୍ୟାକଫୁଟ୍‌ରେ ଏହାର ମୁଖ୍ୟ କାରଣ ହେଉଛି, ଡିଜିପି ଚୟନରେ ସୁପ୍ରିମକୋର୍ଟର ନିର୍ଦ୍ଦେଶ ସ୍ପଷ୍ଟ। 'ପ୍ରକାଶ ସିଂହ' ମାମଲାରେ ୟୁପିଏସସି ଦ୍ୱାରା ଯୋଗ୍ୟ ଅଧିକାରୀଙ୍କ ମଧ୍ୟରୁ ପ୍ୟାନେଲ ତିଆରି ହେବା ଏବଂ ସେଥିରୁ ରାଜ୍ୟ ସରକାର ଡିଜିପି ଚୟନ କରିବାର ବ୍ୟବସ୍ଥା ରହିଛି। ତେଣୁ ପ୍ୟାନେଲ ପ୍ରତ୍ୟାହାର, ପୁଣି ନୂଆ ପ୍ୟାନେଲ ପଠାଇବା ଏବଂ ଅଧିକାରୀଙ୍କ ପଦୋନ୍ନତି, ଏହି ସବୁ ପଦକ୍ଷେପ ଏବେ କୋର୍ଟଙ୍କ ନଜରରେ। ତେ୍ବେ ଡିଜିପି ପଦ ଖାଲି ନରହିବା ପାଇଁ ଅଗଷ୍ଟ ୧୬ରୁ ବରିଷ୍ଠ ଆଇପିଏସ ଅଧିକାରୀ ବିନୟତୋଷ ମିଶ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ରାଜ୍ୟରେ ବଦଳିଛି ରାଜନୈତିକ...

ରାଜନୈତିକ ମୁଦା କରିପାରୁନି। ଏହା ଦଳର ସଂଗଠନ ଓ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଉଛି। ଓଡ଼ିଶା ରାଜନୀତିରେ ଖଣି ଏକ ସମ୍ବେଦନଶୀଳ ଓ ବଡ଼ ପ୍ରସଙ୍ଗ। ହେଲେ ଏଠି ବି କଂଗ୍ରେସର ଆନ୍ଦୋଳନାତ୍ମକ ଭୂମିକା ସେତେଟା ଜୋରଦାର ନୁହେଁ ବୋଲି ଚର୍ଚ୍ଚା। କେବଳ ବୈଠକ ଆଉ ପ୍ରେସମିଟ ଆଉ ମିଡ଼ିଆ ବାଇଟରେ ସୀମିତ କଂଗ୍ରେସର ପ୍ରତିବାଦ ରାଜନୀତି । ଯଦିବି ଆନ୍ଦୋଳନ ରଣନୀତି କରୁଛନ୍ତି ତାହା ବି ଦିନେ ଦୁଇ ଦିନ ପାଇଁ । ଯାହାର ଚାପ ସରକାରଙ୍କ ଉପରେ ବିଲକୁଲ ପଡୁନି । ସରକାରଙ୍କୁ ଘେରିବା ପାଇଁ ମୁଦ୍ଦା ଅଛି, କିନ୍ତୁ ମୁଦ୍ଦାକୁ ମାଟିର ଆନ୍ଦୋଳନରେ ପରିଣତ କରିବାରେ କଂଗ୍ରେସ ସବୁଠି ପଛରେ ପଡୁଛି ? କିଛି ଜିଲ୍ଲାରେ କାର୍ଯ୍ୟକ୍ରମ, କିଛି ଅଞ୍ଚଳରେ ସକ୍ରିୟତା। କିନ୍ତୁ ସାରା ରାଜ୍ୟରେ ଏକ ବଡ଼ ବିରୋଧୀ ଆନ୍ଦୋଳନର ଚିତ୍ର କଂଗ୍ରେସର କାହିଁକି ଦେଖାଯାଉନି ? ଯେଉଁ ଦଳ ସରକାର ବିରୋଧରେ ବଡ଼ ରାଜନୈତିକ ମୁଦ୍ଦା ଉଠାଇବା କଥା, ସେହି ଦଳ ଏବେ ନିଜ ସଂଗଠନକୁ ଜିଲ୍ଲାରୁ ଜିଲ୍ଲା, ବୁଥ୍‌ରୁ ବୁଥ୍‌କୁ କେତେ ଦୂର ପହଞ୍ଚାଇପାରିଛି ସେ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ସ୍ଥିତି ଏମିତି ହୋଇଛି, ସାଧାରଣରେ ପ୍ରଶ୍ନ ଉଠିଲାଣି କଂଗ୍ରେସ କାହିଁକି ନିଜ ହାତରେ ଥିବା ରାଜନୈତିକ ସୁଯୋଗକୁ ହାତଛଡ଼ା କରୁଛି ? ବିଜେଡିର ବି ସମାନ ସ୍ଥିତି। ସରକାର ବିରୋଧରେ ସ୍ୱର ଉଠାଇବା, ଆନ୍ଦୋଳନ କରିବା ଏବଂ ନିଜର ବିରୋଧୀ ଆଭିମୁଖ୍ୟକୁ ଆହୁରି ସଶକ୍ତ କରିବା ବିଜେଡି ପାଇଁ ମଧ୍ୟ ଆହ୍ୱାନ ପାଲଟିଛି।

### ଏମଏମଡିଆର ବିଲକୁ...

୨୦୧୪ରେ କେନ୍ଦ୍ର ସରକାର କ୍ଷମତାକୁ ଆସିବା ପରେ ଖଣି ଅଞ୍ଚଳର ବିକାଶ ପାଇଁ ଡିଏମ୍‌ଏଫ୍‌ର ବ୍ୟବସ୍ଥା କରିଥିଲେ। କିନ୍ତୁ ବର୍ତ୍ତମାନ ଏହାକୁ କେନ୍ଦ୍ର ନିଜ ଅଧୀନକୁ ନେବା ପାଇଁ ନିୟମରେ ପରିବର୍ତ୍ତନ କରାଯାଉଥିବା ଅଭିଯୋଗ ହୋଇଛି। କେବଳ ଏମିତି ନୁହେଁ, ଏହି ଆଇନ୍ ଆସିଲେ, କେବଳ ରାଜକୋଷ ନୁହେଁ ବରଂ ଖଣି ପ୍ରଭାବିତ ଜିଲ୍ଲାଗୁଡ଼ିକର ଅବସ୍ଥା ସଂଗିନ ହେବାର ଆଶଙ୍କା ରହିଛି। କେବଳ ସେତିକି ନୁହେଁ, ରାଜ୍ୟର ବକେୟା ଥିବା ଏକ ଲକ୍ଷ କୋଟି ଟଙ୍କା ମଧ୍ୟ ସ୍ୱାହା ହୋଇଯିବ। ଆଇନ ଆସିବା ପରେ ସିଧାସଳଖ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ସୁନ୍ଦରଗଡ଼ର ବିଜେଡି ବିଧାୟକ ଯୋଗେଶ ସିଂହ। ଖଣି ଅଞ୍ଚଳର ଲୋକଙ୍କ ଭିତରେ ଅସନ୍ତୋଷ ବଢୁଥିବାବେଳେ ଏପଟେ ଜୋର ଧରିଲାଣି ରାଜନୀତି। କଂଗ୍ରେସ ଏହି ପ୍ରସଙ୍ଗରେ ସମଭାବାପନ୍ନ ଦଳଙ୍କ ସହ ବୈଠକ କରିଥିବାବେଳେ ସ୍ୱରକୁ ଶାଣିତ କରିଛନ୍ତି ବିଜେଡି ମୁଖିଆ ନବୀନ ପଟ୍ଟନାୟକ।

# ଭଦ୍ରକ ଜିଲ୍ଲାର ବନ୍ୟା ପରିସ୍ଥିତି ନେଇ ଜିଲ୍ଲାପାଳଙ୍କ ମିଡିଆ ବ୍ରିଫିଂ

## ୧,୦୫,୩୮୨ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର: ୧୨୨ଟି ମୁକ୍ତ ରୋଷେଇ କେନ୍ଦ୍ର କାର୍ଯ୍ୟକ୍ଷମ



ଭଦ୍ରକ, ୧୯/୮ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଚାଲିଥିବା ବନ୍ୟା ପରିସ୍ଥିତି ସମ୍ପର୍କରେ ଆଜି ଜ୍ଲିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ସାମ୍ବାଦିକମାନଙ୍କୁ ମିଡିଆ ବ୍ରିଫିଂ ମାଧ୍ୟମରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ସୂଚନାନୁଯାୟୀ, ବର୍ତ୍ତମାନ ଜିଲ୍ଲାର ୫ଟି ବ୍ଲକ୍—ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି ଓ ଭଦ୍ରକ ଏବଂ ଧୂଷୁରୀ ଟଖଇ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୪୬ଟି ଗ୍ରାମ ପଞ୍ଚାୟତ, ୨୧୨ଟି ଗ୍ରାମ ଓ ୪ଟି ୱାର୍ଡ ପ୍ରଭାବିତ ହୋଇଥିବା ବେଳେ ୨,୭୯,୭୦୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବିପଦପ୍ରବଣ ଅଞ୍ଚଳରୁ ୧,୦୫,୩୮୨ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି ଏବଂ ସ୍ଥାନାନ୍ତରିତ ସମସ୍ତଙ୍କୁ ଶୃଙ୍ଖଳା ଖାଦ୍ୟ ବଣ୍ଟନ କରାଯାଇଛି। ବନ୍ୟାଜନିତ କୌଣସି ମାନବ ମୃତ୍ୟୁ ହୋଇନାହିଁ। ଘର, କୃଷି ଓ ଉଦ୍ୟାନ କୃଷି ଫସଲର କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଜାରି ରହିଛି। ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ଯୋଗାଣ ପାଇଁ ୧୨୨ଟି ମୁକ୍ତ ରୋଷେଇ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ୪୦,୮୦୦ ବୋତଲ ପାନୀୟଜଳ ଓ ୬୭,୦୦୦ ପାଣି ପାଉଚ୍ ବଣ୍ଟନ କରାଯାଇଛି। ୧,୦୫୦ ରୋଲ୍ ପଲିଥିନ୍, ୧୪୭.୦୭ କୁଇଣ୍ଟାଲ୍ ଚୁଡ଼ା ଓ ୨୨.୪୫ କୁଇଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ଜଳ ଯୋଗାଣ ପାଇଁ ୪ଟି ମୋବାଇଲ୍ ଜଳ ବିଶୋଧନ ପ୍ଲାଣ୍ଟ ଓ ୧୯ଟି ପାଣି ଟ୍ୟାଙ୍କର ନିୟୋଜିତ ହୋଇଛି। ଉପଲବ୍ଧ ୧୧୦ ମେଟ୍ରିକ୍ ଟନ୍ ଗୋଖାଦ୍ୟ ମଧ୍ୟରୁ ୮୫ ମେଟ୍ରିକ୍ ଟନ୍ ବଣ୍ଟନ ହୋଇଛି। ବନ୍ୟାରେ ୧,୧୨,୭୫୩ଟି ପଶୁସମ୍ପଦ ଓ ୧୦,୮୦୦ଟି କୁକୁଡ଼ା ପ୍ରଭାବିତ ହୋଇଛି। ପଶୁସମ୍ପଦ ମଧ୍ୟରେ ୭୮,୧୪୫ଟି ବଡ଼ ପଶୁ ଓ ୩୪,୬୦୮ଟି ଛୋଟ ପଶୁ ରହିଛନ୍ତି। ୬ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ହୋଇଥିବା ବେଳେ ୧,୧୦୦ଟି ପଶୁଙ୍କୁ ଟିକାକରଣ ଓ ୭୦୮ଟି ପଶୁଙ୍କୁ ଚିକିତ୍ସା କରାଯାଇଛି। ୯ଟି ପଶୁକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୪୦ଟି ମେଡିକାଲ୍ ଟିମ୍ ନିୟୋଜିତ ରହିଛନ୍ତି। ୮୨୫ଟି ନଳକୂପ ବିଶୋଧିତ କରାଯାଇଥିବା ବେଳେ ୨ଟି ମୋବାଇଲ୍ ଜଳ ବିଶୋଧନ ୟୁନିଟ୍ କାର୍ଯ୍ୟରତ ଅଛି। ଡାଇରିଆ ରୋଗର ୬୨ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୫୧ ଜଣ ସୁସ୍ଥ ହୋଇ ଡିସ୍ଚାର୍ଜ ହୋଇଛନ୍ତି। ୧୨ଟି ସାପ କାମୁଡ଼ା ମାମଲା ରିପୋର୍ଟ ହୋଇଛି। ଏଥିସହ ୫୩ ଜଣ ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିବା ବେଳେ ୧୬ଟି ପ୍ରସବ ସମ୍ପନ୍ନ ହୋଇଛି। ବର୍ତ୍ତମାନ ସୁଦ୍ଧା କୌଣସି ଗୋଷ୍ଠୀ ସଂକ୍ରମଣ ବା ରୋଗ ବ୍ୟାପିବାର ରିପୋର୍ଟ ନାହିଁ। ଉଦ୍ଧାର ଓ ଜରୁରୀକାଳୀନ ବ୍ୟବସ୍ଥା ପାଇଁ ୪ଟି ଡଉଜଇର ଟିମ୍ ନିୟୋଜିତ ଅଛନ୍ତି। ଭଣ୍ଡାରିପୋଖରୀର ସୋଲମପୁର ଓ ରହଣିଆ, ଧାମନଗରର ସେନ୍ଧାପୁର ଓ ଅର୍ଜୁନପୁର, ତିହିଡ଼ିର ଗୋବିନ୍ଦପୁର ଓ ତିହିଡ଼ି ଚାନ୍ଦବାଲିର ଆରଡ଼ି ଓ ନାଳଗୁଣ୍ଡା ଅଞ୍ଚଳରେ ଏହି ଟିମ୍‌ଗୁଡ଼ିକ ନିୟୋଜିତ ରହିଛନ୍ତି। ତିହିଡ଼ିରେ ୧ଟି ଘଉଜର ଟିମ୍ ଏବଂ ଧାମନଗରରେ କଟକରୁ ୨ଟି ଅତିରିକ୍ତ ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଛି। ବନ୍ୟା ପରିସ୍ଥିତିରେ ଜୀବନ ରକ୍ଷା, ବିପଦପ୍ରବଣ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତର, ଖାଦ୍ୟ ଓ ସୁରକ୍ଷିତ ପାନୀୟଜଳ ଯୋଗାଣ, ଚିକିତ୍ସା ଓ ପଶୁ ଚିକିତ୍ସା ସେବା, ପରିମଳ ଏବଂ ଜଳବାହିତ ରୋଗ ପ୍ରତିରୋଧକୁ ପ୍ରଶାସନ ସର୍ବାଧିକ ପ୍ରାଥମିକତା ଦେଇଛି। ବନ୍ୟା ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖା ଯାଇଥିବାବେଳେ ସମସ୍ତ ବିଭାଗ ସହ ନିରନ୍ତର ସମନ୍ୱୟ ଜାରି ରହିଛି।

# ଲଗାଣ ବର୍ଷାରେ କାନ୍ଥ ପଡି ମହିଳାଙ୍କ ମୃତ୍ୟୁ

ବୈଶିଙ୍ଗା , ୧୯/୮ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଭୁଡୁରୁବଣି ଗ୍ରାମରେ ବର୍ଷାରେ ଓଦା ହୋଇ ଦୁର୍ବଳ ହୋଇପଡ଼ିଥିବା କାନ୍ଥ ଭୁଶୁଡ଼ି ପଡ଼ିବାରୁ ଘର ବାରଣ୍ଡାରେ ଶୋଇଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଭୁଡୁରୁବଣି ଗ୍ରାମର ଭଗବାନ ଓଝାଙ୍କ ସ୍ତ୍ରୀ ଶୈଳ (୫୩)। ସୂଚନା ଅନୁସାରେ ମଙ୍ଗଳବାର ରାତିରେ ଖାଇ ସାରି ଭଗବାନ ଓ ତାଙ୍କ ସ୍ତ୍ରୀ ଶୈଳ ନିଜ ଘର ବାରଣ୍ଡାରେ ଥିବା ଛୋଟ ତେଜରାତି ଦୋକାନର ଦୁଆର ନିକଟରେ ଶୋଇଥିଲେ। ତେବେ ବିଗତ ଦିନର ଲଗାଣ ବର୍ଷା ଯୋଗୁଁ ପୂର୍ବରୁ ଦୁର୍ବଳ ହୋଇଥିବା କାନ୍ଥ ହଠାତ୍? ମଧ୍ୟରାତ୍ରିରେ ଭୁଶୁଡ଼ି ଉଭୟଙ୍କ ଉପରେ ପଡ଼ିଥିଲା। ଏହି ଘଟଣାରେ ଭଗବାନ ସାମାନ୍ୟ ଆହତ ହୋଇଥିବା ବେଳେ କାନ୍ଥର ଏକ ଅଂଶ ଶୈଳଙ୍କ ଛାତି ଉପରେ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରେମୁଣା ଫକିରମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଶୈଳଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି।

# 'ମନା' ପକ୍ଷରୁ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର, ୧୯/୮ (ନି.ପ୍ର): ଦେଶ ଓ ରାଜ୍ୟର ଯୁବକ ଯୁବତୀମାନଙ୍କୁ ନିଶାଠାରୁ ଦୂରେଇରଖିବା ପାଇଁ ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ନିଶା ବିରୋଧି ସଚେତନତା ଶିବିର ବର୍ଷବ୍ୟାପୀ ଅନୁଷ୍ଠିତ ହେଉଛି। ବୁଧବାର ଦିନ ଅପରାହ୍ନରେ ସ୍ଥାନୀୟ ପୋଲିସ୍ ସରକାରୀ ହାଇସ୍କୁଲ୍ ପରିସରରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ମୁଖ୍ୟ ଶାଖା, ବାଲେଶ୍ୱରର ସହଯୋଗରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଯୋଗଦେଇ ଏହିପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ଶିଶୁ ରୋଗ ବିଶେଷଜ୍ଞ ତଥା ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିନାକ୍ଷୀ ରାୟ ବିଭିନ୍ନ ପ୍ରକାର ନିଶାସେବନର ଭୟାବହତା ଉପରେ ନିଜର ମତ ଦେଇଥିଲେ। ଆଗାମୀ ଦିନର ଯୁବପିଢ଼ି ତଥା ନାଗରିକମାନେ ନିଶା ବିରୋଧରେ ସଚେତନ ହେଲେ ନିଶା କବଳରୁ ସମସ୍ତ ପରିବାର, ରାଜ୍ୟ ଓ ଦେଶ ନିଶାମୁକ୍ତ ହୋଇପାରିବ ବୋଲି ଡା. ରାୟ ମତ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଉପଦେଷ୍ଟା ବରିଷ୍ଠ ରୋଟାରୀଆନ୍ ସୁବ୍ରତ କର, ସାଧାରଣ ସଂପାଦିକା ମମତା ମହାପାତ୍ର, କାର୍ଯ୍ୟକ୍ରମର ସଂଯୋଜକ ଡ. କ୍ଷିତୀଶ୍ୱର ଦାଶ ପ୍ରମୁଖ ନିଶା ବିରୋଧରେ 'ମନା'ର ସଚେତନତା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ଶିକ୍ଷକ ନଗେନ୍ କୁମାର ସିଂ ମଞ୍ଚ ଆହ୍ୱାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶିବନାରାୟଣ ନାୟକ, ପ୍ରଭାତ ବାରିକ, ସେକ୍ ଆୟୁବ୍ ଓ ସନମ୍ ମହାନ୍ତି ଏହି ଶିବିରର ତାତ୍ପର୍ଯ୍ୟ ସଂପର୍କରେ ନିଜନିଜର ଅଭିମତ ରଖିଥିଲେ। ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ସମେତ 'ମନା' ପକ୍ଷରୁ ପ୍ରଫୁଲ୍ଲ କୁମାର ଦାସ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, କଲ୍ୟାଣୀ ନନ୍ଦ, ଗୀତାଞ୍ଜଳି ସିଂହ, ସରସ୍ୱତୀ ପଣ୍ଡା, କ୍ରିଷ୍ଣା ସାହା, ଭାସ୍କର ଚନ୍ଦ୍ର ମିଶ୍ର, ବାସନ୍ତୀ ଦେ, ଗୌରାଙ୍ଗ ପାଣିଗ୍ରାହୀ, ଦୟାନିଧି ମହାପାତ୍ର, ଲକ୍ଷ୍ମଣ ବିଶ୍ୱାଳ, ଗଙ୍ଗାଧର ପୃଷ୍ଟି, କବି ପ୍ରଭାକର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଇନ୍ଦୁମତୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ଲକ୍ଷ୍ମୀ ନାରାୟଣ ଏଣ୍ଟରପ୍ରାଇଜେସ ପକ୍ଷରୁ ତାଲିମ ଶିବିର



ବାସୁଦେବପୁର, ୧୯/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଗାଁ ଛକ ଠାରେ ଲକ୍ଷ୍ମୀ ନାରାୟଣ ଏଣ୍ଟରପ୍ରାଇ ଜେସ୍ ପକ୍ଷରୁ ପ୍ଲମ୍ବର୍ ମିସ୍ତ୍ରୀ ମାନଙ୍କୁ କମ୍ପାନୀ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ଶିବିରରେ ଲକ୍ଷ୍ମୀ ନାରାୟଣ ଏଣ୍ଟରପ୍ରାଇଜେସର ପ୍ରୋପାଇଟର ମୁକ୍ତିକାନ୍ତ ପଣ୍ଡା, ମାର୍କେଟିଂ ମ୍ୟାନେଜର ପ୍ରସିଦ୍ ଚୌଧୁରୀ, ଟ୍ରେନର ଶେଖ୍ ମଇନ୍ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସମସ୍ତ ମିସ୍ତ୍ରୀ ମାନଙ୍କୁ ପ୍ଲମ୍ବର ବାଥୱାର ହାଇ କ୍ୱାଲିଟି ବିଷୟରେ ଟ୍ରେନିଂ ପ୍ରଦାନ କରିଥିଲେ। ସୁନ୍ଦର ବିଲ୍ଡିଂ ଘର ନିର୍ମାଣ କ୍ଷେତ୍ରରେ କିପରି ଭାବରେ ଟେପ୍ ଫିଟିଂ କରାଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ଖୁବ୍ ସୁନ୍ଦର ଭାବେ ଟ୍ରେନର ମିସ୍ତ୍ରୀ ମାନଙ୍କୁ ବୁଝାଇଥିଲେ। ଶେଷରେ ଲକ୍ଷ୍ମୀ ଏଣ୍ଟରପ୍ରାଇଜେସର ନିର୍ଦ୍ଦେଶକ ମୁକ୍ତିକାନ୍ତ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ଲାଞ୍ଜିଗଡ଼ ବିଧାୟକ ଶିବାଜୀ ମାଝୀଙ୍କ ୬୫ ବର୍ଷ ବୟସରେ ଦେହାନ୍ତ

ଭୁବନେଶ୍ୱର, ୧୯/୮ (ନି.ପ୍ର): ପୂର୍ବତନ ଲାଞ୍ଜିଗଡ଼ ବିଧାୟକ ଶିବାଜୀ ମାଝୀଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ କଳାହାଣ୍ଡି ଜିଲ୍ଲାର ବିଜେପୁର ଅଞ୍ଚଳସ୍ଥିତ ତାଙ୍କ ପୈତୃକ ଗ୍ରାମ ଦାନରଗୁଡ଼ାରେ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତରେ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଶିବାଜୀ ମାଝୀ ରାଜନୀତିରେ ପ୍ରବେଶ କରିବା ପରେ ନବଗଠିତ ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ଭାବେ ପ୍ରତିନିଧିତ୍ୱ କରିଥିଲେ। ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଧାୟକ ଭାବେ ଏହି ଅଞ୍ଚଳର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଆଦିବାସୀ ବହୁଳ ତଥା ଦୁର୍ଗମ ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର ଅଞ୍ଚଳର ବିକାଶ ସହ ସ୍ଥାନୀୟ ଲୋକଙ୍କ କଲ୍ୟାଣ ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ଅଞ୍ଚଳରେ ମୌଳିକ ସୁବିଧା ଓ ବିକାଶ ସମ୍ପର୍କିତ ସମସ୍ୟାଗୁଡ଼ିକୁ ସେ ପ୍ରାଥମିକତା ଦେଇଥିଲେ। କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିଷଦ ଗଠନ ପରେ ଶିବାଜୀ ମାଝୀ ଏହାର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ।

# ଗୁରୁତର ଭାବରେ ଆହତ ଷଣ୍ଢକୁ ଜମ୍ବେଶ୍ୱରପୁର ଯୁବ ସଂଗଠନ କର୍ମକର୍ତ୍ତାଙ୍କ ଦ୍ୱାରା ଉଦ୍ଧାର: ଚିକିତ୍ସା ଜାରି



ବାଲେଶ୍ୱର , ୧୯/୮ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ଅଧୀନରେ ଥିବା ଜମ୍ବେଶ୍ୱରପୁର ଗ୍ରାମର ଯୁବ ସଂଗଠନ ସାହାଯ୍ୟରେ ରାସ୍ତାକଡରେ ପଡ଼ିଥିବା ଗୁରୁତର ଆଘାତପ୍ରାପ୍ତ ଷଣ୍ଢ ଉଦ୍ଧାର ଓ ସ୍ଥାନୀୟ ପଶୁଚିକିତ୍ସକ ଦ୍ୱାରା ଚିକିତ୍ସିତ। ପାଖଗାଁ ବସନ୍ତପୁର ବିଦ୍ୟାଳୟ ପାଖ ରାସ୍ତାକଡ଼ରେରେ କୌଣସିଏକ ଦୁର୍ବୃତ୍ତ ଦ୍ୱାରା ଗୁରୁତର ଆଘାତପ୍ରାପ୍ତ, ମରଣସହ ସଂଗ୍ରାମ କରୁଥିବା ଷଣ୍ଢକୁ ଦେଖି, ସ୍ଥାନୀୟ ବାସିନ୍ଦା ଜୟନ୍ତ ଆଚାର୍ଯ୍ୟ, ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ସେଠୀ ତୁରନ୍ତ ପଶୁବିଭାଗକୁ ଜଣାଇବା ଫଳରେ ସ୍ଥାନୀୟ ପଶୁଧନ ନୀରକ୍ଷକ ଅବିନାଶ ଦାସ ଖବର ପାଇ ଉପସ୍ଥିତ ହୋଇ ଚିକିତ୍ସା ଆରମ୍ଭ କରିଥିଲେ। ଷଣ୍ଢଟି ଠିକସେ ଆତଯାତ କରିନପାରିବା, ପିଠିରେ ମାରଣାସ୍ତ୍ରରେ ସୃଷ୍ଟି ଗଭୀର କ୍ଷତରୁ ରକ୍ତକ୍ଷରଣକୁ ଆଖିଆଗରେ ରଖି ଜମ୍ବେଶ୍ୱରପୁର ଯୁବକ ସଂଘର କର୍ମକର୍ତ୍ତା ସର୍ବଶ୍ରୀ ସୁଜିତ୍ କୁମାର ବାରିକ୍, ଅଜିତ୍ କୁମାର ଦାସ, ସାଗର ପାଣିଗ୍ରାହୀ, ସରୋଜ ଦାସ, ସଂଜିପ ନାୟକ, ଦେବାଶିଷ ରାୟ,ରାହୁଲ ଦାସ, ରାଜେଶ୍ ଦାଶ, ଲାୟୁସୁ ପ୍ରଧାନ, ଅଜିତ୍ କୁମାର ବାରିକ୍,ବିଭୂଷରଣ ମହାନ୍ତି,କମଲେଶ ଦାଶ, ତ୍ରିଲୋଚନ ବେହେରା,ଶମ୍ଭୁଆ ଦାସ ଯତ୍ନର ସହ ତାକୁ ଆଣି, ଗ୍ରାମର ହରିସଭାଗୃହ ବାରଣ୍ଡାରେ ଖାଦ୍ୟ ପାନୀୟ ଦେବା ସହ ସମସ୍ତ ଚିକିତ୍ସାର ସୁ ବ୍ୟବସ୍ଥା କରିଥିଲେ। ବର୍ଷାରୁ ରକ୍ଷା ପାଇବା ସହ ଉପଯୁକ୍ତ ଆବଶ୍ୟକୀୟ ସେବା ସହଯୋଗ ଲାଭରେ ଷଣ୍ଢଟି ଏବେ ଆରୋଗ୍ୟ ଲାଭ କରୁଥିବାର ଦେଖାଯାଇଛି। ଯୁବ ସଂଗଠନର ଏଭଳି ସେବା ସହଯୋଗକୁ ସମସ୍ତେ ପ୍ରଶଂସା କରୁଛନ୍ତି।

# ବିଦ୍ୟୁତ୍ ଘାତରେ କଂଗ୍ରେସ ନେତା ହରେକୃଷ୍ଣ ପ୍ରଧାନଙ୍କ ଅକାଳ ବିୟୋଗ

ଜଳେଶ୍ୱର, ୧୯/୮ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସଂପ୍ରିଆ ପଞ୍ଚାୟତର ବରିଷ୍ଠ ତଥା ସକ୍ରିୟ କଂଗ୍ରେସ ନେତା ହରେକୃଷ୍ଣ ପ୍ରଧାନଙ୍କ ବିଦ୍ୟୁତ୍ ଘାତରେ ଅକାଳ ବିୟୋଗ ଘଟିଛି।ତାଙ୍କର ଏହି ଆକସ୍ମିକ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଜଳେଶ୍ୱର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ଯୁବ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ସହାୟତାରେ ଜଳେଶ୍ୱର ବ୍ଲକ କଂଗ୍ରେସର ଏକ ପ୍ରତିନିଧି ଦଳ ସ୍ୱର୍ଗତ ପ୍ରଧାନଙ୍କ ବାସଭବନରେ ପହଞ୍ଚିଥିଲେ। ଜଳେଶ୍ୱର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ରାଜୀବ କୁମାର ପରିଡ଼ାଙ୍କ ନେତୃତ୍ୱରେ ଯାଇଥିବା ଏହି ଦଳ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଏହି କଠିନ ସମୟରେ ଦଳ ପୂର୍ଣ୍ଣ ମାତ୍ରାରେ ସେମାନଙ୍କ ସହ ଛିଡ଼ା ହୋଇଛି ବୋଲି ଆଶ୍ୱାସନା ଦେଇଛନ୍ତି। ସଂପ୍ରିଆ ପଞ୍ଚାୟତରେ ଦଳକୁ ସଂଗଠିତ କରିବାରେ ଏବଂ ସାଧାରଣ ଲୋକଙ୍କ ସେବାରେ ସ୍ୱର୍ଗତ ହରେକୃଷ୍ଣ ପ୍ରଧାନଙ୍କ ଅବଦାନ ଅତୁଳନୀୟ ଥିଲା। ତାଙ୍କ ବିୟୋଗରେ ଅଞ୍ଚଳ ଜଣେ ନିଷ୍ଠାବାନ, ଲୋକପ୍ରିୟ ଓ ସମାଜସେବୀ ନେତାଙ୍କୁ ହରାଇଲା ବୋଲି ବୁଦ୍ଧିଜୀବୀ ଓ ଦଳୀୟ କର୍ମୀମାନେ ମତବ୍ୟକ୍ତ କରିଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ସରକାରୀ ନିୟମାନୁଯାୟୀ ମୃତକଙ୍କ ପରିବାରକୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଓ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ଏହି ଶୋକସଭା ଓ ସମବେଦନା କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସର ନେତା ଓ କର୍ମୀ ରାଜୀବ କୁମାର ପରିଡ଼ା, ଖଗେନ୍ଦ୍ର ସାମଲ, ସପନ କୁମାର ଜେନା, ସରୋଜ ରାଉତ, ସପନ ରାଉତ, ଅଙ୍କିତ ପରିଡ଼ା, ରବୀନ୍ଦ୍ର ଜେନା, ସଞ୍ଜୀବ ପ୍ରଧାନ, ସୁନୀଲ ନାୟକ, ବୈକୁଣ୍ଠ ଚାନ୍ଦ, କ୍ଷୀତିଶ ବେହେରାଙ୍କ ସମେତ ଅନେକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରିଶେଷରେ ସମସ୍ତେ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କଙ୍କାକାଳିଆ ଦୁର୍ଗାପୂଜା କମିଟି ପକ୍ଷରୁ ସର୍ବସାଧାରଣ ବୈଠକ: ନୂତନ କର୍ମକର୍ତ୍ତା ଚୟନ



ବେତନଟୀ ୧୯/୮(ନି.ପ୍ର) : ବେତନଟୀ କଙ୍କାକାଳିଆ ଦୁର୍ଗାପୂଜା କମିଟି ପକ୍ଷରୁ ଏକ ସର୍ବସାଧାରଣ ବୈଠକ କଙ୍କା କାଳିଆ କ୍ଲବ ଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କମିଟିର ସଭାପତି ରତିକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି କମିଟିରେ ନୂତନ କର୍ମକର୍ତ୍ତା ଚୟନରେ ଭାଗ ନେଇଥିଲେ। ବୈଠକ କମିଟିର ସଭାପତି ଭାବେ ସୁନ୍ଦର ମୋହନ ମହାନ୍ତ, ଉପସଭାପତି ଭାବେ ଶଶାଙ୍କ ଶେଖର ମହାନ୍ତ ଓ ପୂର୍ଣ୍ଣ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭାବେ ସଞ୍ଜୀବ କୁମାର ଜେନା (ବୁଲୁ), ସହ ସମ୍ପାଦକ ଭାବେ ରାସ ବିହାରୀ ନାୟକ, ସଂଗ୍ରାମ ମାରାଣ୍ଡି, କୋଷାଧ୍ୟକ୍ଷ ଅଲେଖ କୁମାର ମହାନ୍ତ, ସହ କୋଷାଧ୍ୟକ୍ଷ ଭାବେ ଲଳିତ କୁମାର ମହାନ୍ତଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ମାନେ ଏହି ନୂତନ କମିଟି ଚୟନ ପ୍ରସ୍ତାବ କୁ ସମର୍ଥନ ଜଣାଇ ଆସନ୍ତା ମାଙ୍କ ଦୁର୍ଗାପୂଜାକୁ ସବୁ ପ୍ରକାର ଦାୟିତ୍ୱ ବହନ କରି କିଭଳି ଉନ୍ନତ ଧରଣର କରିପାରିବେ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଅନନ୍ତ ମହାନ୍ତ, ଚନ୍ଦ୍ରଶେଖର ରାଉତ, ନରୋତ୍ତମ ମହାନ୍ତ, ରବୀନ୍ଦ୍ର ନାଥ ମିଶ୍ର, ଲକ୍ଷ୍ମୀଧର ମହାନ୍ତ, ରତିକାନ୍ତ ମହାନ୍ତ, ଅନିଲ ସିଂ ମହାନ୍ତ, ସନ୍ତୋଷ ମହାନ୍ତ, ଆଦିକାନ୍ତ ମହାନ୍ତ, ହୃଷିକେଶ ମହାନ୍ତ,ଅଶୋକ ବେହେରା, ତ୍ରିନାଥ ମହାନ୍ତ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ବୈଠକକୁ ସଫଳ କରିଥିଲେ।ଶେଷରେ ଶିତିକଣ୍ଠ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜଳଖିଆ ଦୋକାନୀଙ୍କୁ ଅତର୍କିତ ଆକ୍ରମଣ: ଆହତ ବୈଶିଙ୍ଗା ହସ୍ପିଟାଲରେ ଚିକିତ୍ସିତ

ବୈଶିଙ୍ଗା, ୧୯/୮ (ନି.ପ୍ର): ବୈଶିଙ୍ଗା ବଜାରରେ ଜନୈକ ଛୋଟ ବ୍ୟବସାୟୀ ନିଜର ଏକ ଜଳଖିଆ ଦୋକାନ କରିଥିବା ବେଳେ ତାଙ୍କୁ ମଙ୍ଗଳବାର ଅପରାହ୍ନରେ ଅତର୍କିତ ଆକ୍ରମଣ କରାଯାଇଥିବା ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଛି, ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ -ହଳଦୀପଦା ଗ୍ରାମର ବାରିପଦିଆ ମହାପାତ୍ର ଙ୍କ ପୁତ୍ର ମୁନ୍ନା ମହାପାତ୍ର ( ୩୫) ବୈଶିଙ୍ଗା ସ୍ଥିତ ଷ୍ଟେଟ ବ୍ୟାଙ୍କ ଏଟିଏମ ନିକଟରେ ଜଳଖିଆ ଦୋକାନ ଟିଏ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମଙ୍ଗଳବାର ଅପରାହ୍ନ ୨ ଘଟିକା ସମୟରେ ହଠାତ ବସ୍ତା ଥାନା ଅଞ୍ଚଳର ଅଚ୍ୟୁତ ମହାପାତ୍ରଙ୍କ ପୁତ୍ର ସତ୍ୟଜିତ ମହାପାତ୍ର ସେଠାରେ ପହଞ୍ଚି ମୁନ୍ନା କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୋକାନରେ ଥିବା ଏକ ଲୁହା ରଡରେ ବାଡେଇବା ଯୋଗୁଁ ସେ ତଳେ ପଡି ଯାଇଥିଲେ ଓ ଏହାପରେ ସତ୍ୟଜିତ୍ ମୁନ୍ନାକୁ ଛାତିରେ ଗୋଇଠା ଗୋଇଠା ମାରିଥିଲେ। ପାଖ ଦୋକାନୀ ପହଞ୍ଚି ଗଣ୍ଡଗୋଳ କୁ ଅଟକାଇବା ବେଳେ ସତ୍ୟଜିତ ଖସି ପଳାଇଥିଲେ। ସଙ୍ଗେ ସଙ୍ଗେ ମୁନ୍ନାକୁ ବୈଶିଙ୍ଗା ହସ୍ପିଟାଲ ନେଇ ଚିକିତ୍ସା କରାଯାଉଥିଲା। ଆଜି ବୁଧବାର ସୁସ୍ଥ ହେବା ପରେ ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ପ୍ରକୃତ ଘଟଣା ବିଷୟରେ ପୋଲିସ ତଦନ୍ତ ଜାରି ରଖିଛି।

# ଲାଲବଜାର ରାଜା ପୂଜା କମିଟି ସାଧାରଣ ପରିଷଦ ବୈଠକ: ନୂତନ କର୍ମକର୍ତ୍ତା ଚୟନ

ବାରିପଦା, ୧୯/୮ (ନି.ପ୍ର): ବାରିପଦା ସହର ପ୍ରତିଷ୍ଠିତ ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ଚଳିତ ବର୍ଷର ପୂଜାକୁ ନେଇ ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଲାଲ ବଜାର ସ୍ଥିତ ମା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟ ମାନଙ୍କ ଉପସ୍ଥିତିରେ ପୂଜାର ପ୍ରସ୍ତୁତି ବାବଦରେ ଆଲୋଚନା ହୋଇଛି। ଚଳିତ ବର୍ଷ ପୂଜା ୧୮ ବର୍ଷରେ ପଦାର୍ପଣ କରିଥିବା ବେଳେ କିପରି ଏହାକୁ ସରସ ସୁନ୍ଦର କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ସେପ୍ଟେମ୍ବର ମାସ ୧୪ ତାରିଖରେ ଗଣେଷ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ମାସକ ପୂର୍ବରୁ ପ୍ରସ୍ତୁତି ନେଇ ବୈଠକ ହୋଇଛି। ଚଳିତ ବର୍ଷ ଗଣେଷ ପୂଜାକୁ ମହାଆଡମ୍ବରରେ ପାଳନ କରାଯିବା ପାଇଁ ପୂଜା କମିଟି ଓ ଉପଦେଷ୍ଟା ମଣ୍ଡଳୀ ସର୍ବସମ୍ମତ କ୍ରମେ ସ୍ଥିରୀକୃତ ହୋଇଛି। ପୂଜା କମିଟିର ସଭାପତି ଭାବେ ଗଣେଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ନାଥ ସାହୁ, ଉପ ସଭାପତି ଭାବେ କାହ୍ନୁ ଚାରଣ ବେହେରା, ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ, ସହ ସମ୍ପାଦକ ଦୀପକ ପଟ୍ଟନାୟକ ଓ ମୋହନ ଗୁପ୍ତା ଓ କୋଷାଧ୍ୟକ୍ଷ ଅନନ୍ତ ସ୍ୱାଇଁ ସର୍ବ ସମ୍ମତିକ୍ରମେ ଚୟନ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ଆଡଭୋକେଟ ବିଭୁ ପ୍ରସାଦ ଦାସ, ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ, ତିମିରି କାନ୍ତି ଦାସ, ସରୋଜ ସାହୁ, ବିଭୂତି ଭୂଷଣ ଦାସ, କୌଶିକ ମୁଖାର୍ଜୀ, ରବୀନ୍ଦ୍ର ସ୍ୱାଇଁ, ସମରେନ୍ଦ୍ର ଘୋଷ, ମୋହନ ବୁର୍ଣ୍ଣୱାଲ, ମହେନ୍ଦ୍ର ରାଓ୍ୱତ, ବୃନ୍ଦାବନ ରାଉତ, ବିନୋଦ ଦାସ, ମନୋଜ ଷେଣ୍ଢ, କିଶୋର ସାହୁ, ଅରବିନ୍ଦ ନନ୍ଦ, ଦିଲ୍ଲୀପ କୁମାର ସାହୁ, ତପନ ବାରିକ ପ୍ରମୁଖ ରହିଛନ୍ତି। ଅନୁଷ୍ଠିତ ବୈଠକରେ ଲାଲବଜାର ରାଜା ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ପୂଜାର ତୋରଣ, ସାଜସଜ୍ଜା ଓ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ସୂଚନା ଥାଉ କି, ବାରିପଦା ସହରର ଅନୁଷ୍ଠିତ ହେଉଥିବା ଗଣେଶ ପୂଜା ମଣ୍ଡପ ମଧ୍ୟରେ ଲାଲବଜାର ମଣ୍ଡପର ବିଶେଷତ୍ୱ ରହିଥାଏ। ଏଠାରେ ପୂଜା ପାଉଥିବା ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତିକୁ ଲାଲବଜାର ରାଜା ଭାବେ କହିଥାନ୍ତି। ଏଠାକାର ଘଟ ଉତ୍ତୋଳନ ଠାରୁ ଆରମ୍ଭ କରି ପୂଜାବିଧି, ପ୍ରସାଦ ବଣ୍ଟନ ଓ ବିସର୍ଜନରେ ସତନ୍ତ୍ରତା ରହିଛି।

# ଚାନ୍ଦବାଲିରେ ବନ୍ୟା ରିଲିଫ୍ ବଣ୍ଟନ ଦାୟିତ୍ୱ ତହସିଲଦାରଙ୍କୁ ହସ୍ତାନ୍ତର

ଭଦ୍ରକ, ୧୯/୮ (ନି.ପ୍ର): ଜିଲ୍ଲାରେ ଚାଲୁଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଚାନ୍ଦବାଲି ବ୍ଲକ୍‌ରେ ଅଗଷ୍ଟ ବନ୍ୟା-୨୦୨୬ ସମ୍ପର୍କିତ ରିଲିଫ୍ ସାମଗ୍ରୀର ବଣ୍ଟନ ଓ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ଚାନ୍ଦବାଲି ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ବ୍ୟବସ୍ଥା ୧୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ଚାନ୍ଦବାଲି ତହସିଲଦାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ରିଲିଫ୍ କାର୍ଯ୍ୟ ପରିଚାଳନା କରିବେ। ଏଥିସହିତ ଚାନ୍ଦବାଲି ବିଡିଓଙ୍କୁ ସମ୍ପୃକ୍ତ କାର୍ଯ୍ୟକାରୀ ଦାୟିତ୍ୱ ତହସିଲଦାରଙ୍କୁ ହସ୍ତାନ୍ତର କରିବା ସହ ସମସ୍ତ ବନ୍ୟା ସମ୍ପର୍କିତ କାର୍ଯ୍ୟର ସୁଚାରୁ ରୂପେ ପରିଚାଳନା ପାଇଁ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛିବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ ଓ ଦ୍ରୁତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

# ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନପାରି ଆଦର୍ଶ ଗାଁ ହୋଇପାରୁନି ପାଣିଶୁଳିଆ: ଜିଲ୍ଲାପାଳଙ୍କଠାରେ ଫେରାଦ



ବସ୍ତା, ୧୯/୮ (ନି.ପ୍ର): କେନ୍ଦ୍ର ସରକାର ବିଭିନ୍ନ ଗାଁକୁ ବିକଶିତ କରି 'ଆଦର୍ଶ ଗ୍ରାମ'ରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ କିଛି ଅସାଧୁ ଓ ଅସାମାଜିକ ଲୋକଙ୍କ ପାଇଁ ଏହା ବାଟ ବଣା ହୋଇ ଯାଉଛି। ଏଭଳି ଏକ ଘଟଣା ବସ୍ତା ବ୍ଲକର ପାଣିଶୁଳିଆ ଗାଁରେ ଘଟିଛି।ଏହି ଗାଁକୁ ୨୦୨୨ ମସିହାରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ଆସିଥିଲା। ଏଥିରେ ରାସ୍ତା, ଡ୍ରେନ୍, ଆଲୁଅ, ପାନୀୟ ଜଳ ପ୍ରଭୃତିର ସୁବିଧା ସୁଯୋଗ ସୃଷ୍ଟି ହୋଇଥାଆନ୍ତା। ପ୍ରଥମ ପର୍ଯ୍ୟାୟରେ ଏତିକି ଟଙ୍କା ବ୍ୟୟ ହେବା ପରେ ପୁଣି ଆଉ ଅଧିକ ଅର୍ଥ ବ୍ୟୟ ବରାଦ ହୋଇଥା'ନ୍ତା।ମାତ୍ର ସରପଞ୍ଚ ପ୍ରଭାତ ଦାସ କାମକୁ ଓହ୍ଲାଇଲା ବେଳକୁ କିଛି ଅସାମାଜିକ ତତ୍ତ୍ୱ ହିଂସାକାଣ୍ଡ ଭିଆଇବାକୁ ଉଦ୍ୟତ ହେବାରୁ କୌଣସି କାର୍ଯ୍ୟ ହୋଇ ପାରୁନାହିଁ।ସେ ବାରମ୍ବାର ଉଦ୍ୟମ କରିବା ସତ୍ତ୍ୱେ' ଆଦର୍ଶ ଗ୍ରାମ'ପାଇଁ ସଫଳ ହୋଇ ନାହାନ୍ତି।ଏ ସମ୍ପର୍କରେ ବିଡିଓଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ଫଳ ନ ହେବାରୁ ଗ୍ରାମବାସୀ ଗତ ଜୁନ ୧୭ରେ ଜିଲାପାଳଙ୍କ ଠାରେ ଫେରାଦ୍ ହୋଇଥିଲେ।ଏ ନେଇ ସେ ହସ୍ତ କ୍ଷେପ କରି ବିଡିଓଙ୍କୁ ଏବାବ ଦରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ମାତ୍ର ବିଡିଓ ବୁଝିବା କହି ଆଉ କିଛି କରି ନ ଥିଲେ। ଅନ୍ୟ ପକ୍ଷରେ ଗ୍ରାମବାସୀ ରାସ୍ତାର ଶୋଚନୀୟ ଅବସ୍ଥାରେ ସଢ଼ି ଯାଉଛନ୍ତି ଓ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।ତୁରନ୍ତ ପ୍ରତିକାର ନହେଲେ ଗ୍ରାମବାସୀ ଚରମ ଅନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି କହିଛନ୍ତି।

# ପାରାମେଡ଼ିକାଲ ଇନଷ୍ଟିଚ୍ୟୁଟରେ ନବାଗତଙ୍କୁ ସ୍ୱାଗତ ଉତ୍ସବ

ଉଦଳା , ୧୯/୮ (ନି.ପ୍ର): ଉଦଳା ରୋଟାରି କ୍ଲବ ତରଫରୁ ସହର ମଧ୍ୟରେ ଡ଼ିଏମ୍ଏଲଟି କୋର୍ସରେ ପାଠ ପଢ଼ିବା ପାଇଁ ଖୋଲାଯାଇଥିବା ପାରାମେଡ଼ିକାଲ ଇନଷ୍ଟିଚ୍ୟୁଟରେ ଚଳିତ ବର୍ଷ ନାମ ଲେଖାଇଥିବା ଦ୍ୱିତୀୟବ୍ୟାଚର ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଏକ ଉତ୍ସବ ଚଳିତ ଅଗଷ୍ଟ ୧୭ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ରୋଟାରି କ୍ଲବର ସଭାପତି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ଉତ୍ସବରେ କପ୍ତିପଦା ଉପଖଣ୍ଡ ସରକାରୀ ଚିକିତ୍ସାଳୟର ଅଧୀକ୍ଷକ ଡ଼ା. ମୀନକେତନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ପ୍ରସାରଣ ଅଧିକାରୀ ମନୋଜ କୁମାର ଶତପଥି ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପାରାମେଡ଼ିକାଲ ଶିକ୍ଷା କେବଳ ଏକ ଚାକିରି ପାଇବାର ମାଧ୍ୟମନୁହେଁ, ଏହା ମାନବ ସେବାର ଏକ ମହାନ ସୁଯୋଗ ବୋଲି ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ରୋଟାରି କ୍ଲବର ପ୍ରତିଷ୍ଠାତା ଇଂ. ସୁବାଷ ଚନ୍ଦ୍ର ପଣ୍ଡା, କ୍ଲବର ପୁର୍ବତନ ସଭାପତି ଅଶୋକ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ପ୍ରହ୍ଲାଦ ଦାସ ପ୍ରମୁଖ ମଂଚାସିନ ଅତିଥି ଭାବରେ ଯୋଗ ଦେଇ ଏହିଭଳି ଏକ ଇନଷ୍ଟିଚ୍ୟୁଟର ଆବଶ୍ୟକତା ଉଦଳା ପାଇଁ କିପରି ଜରୁରି ହୋଇ ପଡ଼ିଥିଲା ନିଜ ନିଜର ବକ୍ତବ୍ୟରେ କହିଥିଲେ। ପ୍ରଜ୍ଞାପାରମିତା ପୁଥାଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ କ୍ଲବର ସଂପାଦିକା ରାଜଲକ୍ଷ୍ମୀ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ। ଆଜିର ଏହି ଉତ୍ସବକୁ ସଫଳ କରିବାରେ ପ୍ରଶାନ୍ତ କୁମାର ସେନ, କ୍ଷିତିଶ କୁମାର ପୁଥାଳ, ଚିତରଂଜନ ବାରିକ, ବ୍ରହ୍ମାନନ୍ଦ ନାୟକ, ପ୍ରତାପ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଜ୍ଞା ବାରିକ, ସମାପିକା ବେହେରା, ଅଂଜଳି ମହାନ୍ତି, ଗହ୍ଣା ମାଝି ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ଫଟୋଗ୍ରାଫି ଦିବସରେ ଫଟୋଗ୍ରାଫରମାନଙ୍କୁ ସମ୍ମାନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୮ (ନି.ପ୍ର): ବିଶ୍ୱ ଫଟୋଗ୍ରାଫି ଦିବସରେ ଫଟୋଗ୍ରାଫରମାନଙ୍କୁ ସମ୍ମାନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ ସେୟାର କରି ସେ କହିଛନ୍ତି ଯେ, ଏକ ଫଟୋଗ୍ରାଫ୍ କେବଳ ଏକ ଫ୍ରେମ୍ ନୁହେଁ; ଏହା ଆମ ଲୋକ, ସ୍ଥାନ, ସଂସ୍କୃତି ଓ ଭାବନାର ଏକ ଚିରନ୍ତନ ପ୍ରତିଫଳନ।

# ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ହୋଇଛି ଏକର ଏକର ଚାଷଜମି



ଉଦଳା , ୧୯/୮ (ନି.ପ୍ର): କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରେ ଥିବା ଚାଷ ଜମି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଏକର ଏକର ଜମି ଜଳମଗ୍ନ ଥିବାରୁ ଚାଷିମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏହା ଧାନଚାଷରେ ବ୍ୟାପକ କ୍ଷତି ଘଟାଇବ ବୋଲି କୁହାଯାଉଛି। ଏପରି ଅବସ୍ଥାରେ ଚାଷି ମାନଙ୍କୁ କୌଣସି କ୍ଷତି ସହିବାକୁ ନଦେବା ପାଇଁ ସରକାର ତତ୍ପରତା ପ୍ରକାଶ କରିବେ ବୋଲି ବହୁ ଚାଷି ଆଶା ବାନ୍ଧି ବସିଛନ୍ତି। କୃଷି ବିଭାଗ ଏହି କ୍ଷୟକ୍ଷତିର ଆକଳନ କରି ଚାଷି ମାନଙ୍କୁ କ୍ଷତିପୁରଣ ବାବଦରେ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି।

# ସୁବର୍ଣ୍ଣରେଖା ନଦୀରେ ବଡ ବନ୍ୟା: ୮ଟି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ

## ଜଳକା ନଦୀ ବନ୍ୟାରେ ବ୍ଲକର ୬ ପଞ୍ଚାୟତର ୩୦ଗାଁ ପ୍ରଭାବିତ




ବାଲିଆପାଳ, ୧୯/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଦ୍ୱିତୀୟ ତଥା ବଡ଼ ବନ୍ୟା ଆସିଛି। ସୋମବାର ମଧ୍ୟରାତ୍ରରୁ ବନ୍ୟା ପାଣି ଧିରେ ଧିରେ ବଢୁଥିବା ବେଳେ ଆଜି ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଶୁକ୍ରବାର ମଧ୍ୟ ରାଜ୍ୟରୁ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଆସିଥିବା ବେଳେ ଶନିବାର ମଧ୍ୟ ରାତ୍ରରୁ ବନ୍ୟା ପାଣି ଧିରେ ଧିରେ କମିବାରେ ଲାଗିଥଲା। ମାତ୍ର ସୋମବାର ମଧ୍ୟ ରାତ୍ର ଠାରୁ ପୁଣି ଥରେ ଜଳ ସ୍ତର ବୃଦ୍ଧି ପାଇ ଆଜି ଅପରାହ୍ନରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଯାହା ଫଳରେ ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ଏକ ପ୍ରକାର ଜଳବନ୍ଦୀ ହୋଇ ରହିଛି। ବାଲିଆପାଳ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଇଛି। ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଘଣ୍ଟୁଆ, କୁମ୍ଭାରୀ ପ୍ରଭୃତି ପଂଚାୟତ ଜଳମଗ୍ନ ହୋଇଛି। ଚଡପାଳପଡା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର,କଣ୍ଟାବଣି,ଡାଳୁଆ ୨,ପାରଦୀପା, ସୂର୍ଯ୍ୟପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଘମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି। ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଂଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ତିନି ଫୁଟ ଧରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ବ୍ଲକର ବନ୍ୟା ପ୍ରଭାବିତ ୮ଟି ପଞ୍ଚାୟତର ଲୋକଙ୍କ ପାଇଁ ଚୁଡା, ଗୁଡ଼ ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ବିଷ୍ଣୁପୁର, ଜାମକୁଣ୍ଡା ଏବଂ ମଧୁପୁରା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ସେହିପରି ଲୋକମାନଙ୍କ ଯାତାୟତ ପାଇଁ ଇକଡପାଳ, କୁହ୍ଲାଚଡ, ତାଳପଦା, ବିଷ୍ଣୁପୁର,ଲକପାଳ, ଚୌଧୁରିକୁଦ, କୁଦମାନସିଂ ପ୍ରଭୃତି ସ୍ଥାନରେ ଏସଆରସିର ୯ଟି ପାୱାର ବୋଟ ଯୋଗାଇ ଦିଆଯାଇଥିବା ବେଳେ ଗୋଟିଏ ଓଡ୍ରାଫ ଟିମର ୩ଟି ପାୱାର ବୋଟ ଯୋଗାଇ ଦିଆଯାଇଛି।ଏହା ବାଦ ଯେଉଁ ସବୁ ସ୍ଥାନରେ ପାୱାର ବୋଟ ଯାଇପାରୁ ନାହିଁ ସେହି ସ୍ଥାନରେ ଦେଶୀ ଡଙ୍ଗା ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳକା ନଦୀର ବନ୍ୟାରେ ବ୍ଲକର ୬ଟି ପଞ୍ଚାୟତ କୁଣ୍ଡୁଳୀ,ସାଉଡି, ବଣିଆଡିହା, ବୋଳଂ, ପଞ୍ଚୁପାଲି ଏବଂ ବାଲିକୁଟି ପ୍ରଭୃତି ପଞ୍ଚାୟତର ୩୦ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ବନ୍ୟାରେ ବ୍ଲକର ୬ହଜାର ୫ଶହ ହେକ୍ଟରରୁ ଉର୍ଦ୍ଧ୍ୱ ଧାନଚାଷ ଜଳମଗ୍ନ ହୋଇରହିଛି।ଧନ ଜମି ଉପରେ ୬ଫୁଟରୁ ଉର୍ଦ୍ଧ୍ୱ ବନ୍ୟା ପାଣି ଲହଡ଼ି ଭାଙ୍ଗୁଛି। ତେବେ ବନ୍ୟା ସମ୍ପୁର୍ଣ୍ଣ ଛାଡ଼ିବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ କହିଛନ୍ତି। ଆଜି ବିଡିଓ ରାଧା ରଞ୍ଜନ ଦାଶ ଅଞ୍ଚଳକୁ ଯାଇ ଲୋକମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି।

# ମହିଳା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର , ୧୯/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାରାପୁର ଡ଼ିଗ୍ରୀ କଲେଜ ପରିସରରେ ମହିଳା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଏକ ସୁନ୍ଦର ପରିବେଶ ମଧ୍ୟରେ ଉଦଘାଟିତ ହୋଇ ଯାଇଛି। ବାରାପୁର ଡ଼ିଗ୍ରୀ ମହା ବିଦ୍ୟାଳୟର ଅଧକ୍ଷା ମୀନା କୁମାରୀ ଅଗସ୍ତି ଏହି ସଭାରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏହି ମହା ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରଘୁପତି ଖିଲାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଇଂରାଜୀ ଅଧାପକ ସୀତାରାମ ବେହେରା, ସମାଜ ବିଜ୍ଞାନ ଅଧାପକ ପ୍ରଦୀପ କୁମାର ଦାସ, ଇତିହାସ ବିଭାଗ ଅଧାପିକା ତଥା ସେଲ୍ଫ ଡିଫେନ୍ସ ସଂଯୋଜିକା ରଶ୍ମିତା ଜେନା ଓ ଟ୍ରେନର ରତ୍ନମଣି ତ୍ରିପାଠୀ। ସମସ୍ତ ଅତିଥି ଆତ୍ମ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ସମସ୍ତ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷିକା ରତ୍ନମଣି ତ୍ରିପାଠୀ ନୂଆ ସୁରକ୍ଷା କୌଶଳ ଶିଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ ସଞ୍ଜୟ କୁମାର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ରଶ୍ମି ରେଖା ଦୀକ୍ଷିତ, ରଶ୍ମିତା ପଣ୍ଡା,ସୁଧାକର ସାହୁ,ସୁଧାଂଶୁ ଶେଖର ସାହୁ, ଉମେଶ ଚନ୍ଦ୍ର ସାହୁ, ଅକ୍ଷୟ ପଣ୍ଡା, ମାଳତୀ ଲତା ପଣ୍ଡା, ପୁର୍ଣ୍ଣେନ୍ଦୁ ପ୍ରସନ୍ନ କର, ଅଜୟ ସାହୁ,ଗଙ୍ଗାଧର ବେହେରା, ରଜନୀ କାନ୍ତ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## AFFIDAVIT

କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ତହସିଲଦାର ବାଲିଆପାଳଙ୍କ ସମ୍ମୁଖରେ ଏକ ସତ୍ୟପାଠ ଆଧାରରେ, ଆମ୍ଭେ ଶ୍ରୀ ଶିବପ୍ରସାଦ କାମିଲା, ବୟସ: ୪୬ , ପିତା: ନିମାଇ ଚନ୍ଦ୍ର କାମିଳା, ସ୍ୱା: କଟୁଆପଡ଼ା, ପୋ: ବଡ଼ସିମୁଳିଆ, ଥାନା: ବାଲିଆପାଳ, ଜି: ବାଲେଶ୍ୱର ଶପଥପାଠ ପୂର୍ବକ ନିମ୍ନଲିଖିତ ବିଷୟମାନ ଘୋଷଣା କରୁଅଛୁଁ, ଆମ୍ଭେ ଗତ ତା ୧୩/୦୮/୨୦୨୬ ଗୁରୁବାର ଘରୁ ବାଲିଆପାଳ ୟୁକୋ ବ୍ୟାଙ୍କକୁ ଯାଉଥିବା ରାସ୍ତାରେ ଆମ୍ଭ ପାଖରେ ଥିବା ଦରକାରୀ କାଗଜପତ୍ର ଯଥା ରେ.ଦ.ନଂ - ୧୦୦୭୧୨୦୨୨୦୮ ତା- ୧୬/୧୦/୨୦୧୨ରିଖର କାଗଜପତ୍ର ସହ ଅନ୍ୟାନ୍ୟ କାଗଜପତ୍ରର ଥିବା ଏକ ବ୍ୟାଗଟି କେଉଁଆଡ଼େ ଖସିପଡ଼ିଅଛି। ଆମ୍ଭେ ବହୁତ ଖୋଜାଖୋଜି ପରେ ମଧ୍ୟ ଅଦ୍ୟାବଧି ପାଇପାରିନାହୁଁ କିମ୍ବା ପାଇବାର କୌଣସି ସନ୍ଧାନ ମିଳିନାହିଁ। ଆମ୍ଭେ ଶପଥପାଠକାରୀ ଉକ୍ତ ଶପଥପାଠପତ୍ର ମୂଳେ ଘୋଷଣା କରୁଅଛି କି ଆମ୍ଭେ ହଜେଇଥିବା ରେ.ଦ.ନଂ - ୧୦୦୭୧୨୦୨୨୦୮ ତା ୧୬/୧୦/୨୦୧୨ ରିଖର ରେଜେଷ୍ଟ୍ରୀ ଦଲିଲର ଏକ ଅବିକଳ ଦଲିଲ ସଂପୃକ୍ତ ଏସଆରଓ, ବାଲିଆପାଳରୁ ପାଇବାର ଆଦେଶ ଦେବା ନିମନ୍ତେ ଉକ୍ତ ଶପଥପାଠ ଦାଖଲ କରୁଅଛୁଁ।

ଶିବପ୍ରସାଦ କାମିଳା







❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida